# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୩୦/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 30/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୨୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




# ସବୁରି ଉପରେ ଓଡ଼ିଆ

ଧରିତ୍ରୀ
DHARITRI
ଶନିବାର, ୩୦ ଜୁଲାଇ, ୨୦୨୨

**ବର୍ତ୍ତମାନ ସମଗ୍ର ଭାରତରେ ଓଡ଼ିଶାର ଗୌରବ ବଢ଼ାଉଛନ୍ତି କେତେଜଣ ବିଶିଷ୍ଟ ବ୍ୟକ୍ତି, ଯେଉଁମାନେ ବିଭିନ୍ନ କ୍ଷେତ୍ରର ସର୍ବୋଚ୍ଚ ପଦରେ ରହି ଦେଶର ସାମ୍ବିଧାନିକ, ଶାସନ ଓ ପ୍ରଶାସନିକ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କର ଗଭର୍ନର, ସିଏଜି, ବଡ଼ ବଡ଼ ମନ୍ତ୍ରଣାଳୟର କ୍ୟାବିନେଟ୍ ଓ ରାଷ୍ଟ୍ରପାହ୍ୟା ମନ୍ତ୍ରୀ, ଆଇଏମ୍‌ଡି, ଏନ୍‌ସିବି ମହାନିର୍ଦ୍ଦେଶକ ପ୍ରମୁଖ। ମେଧାଶକ୍ତି, ସଚ୍ଚୋଟତା, କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଏବଂ ଦକ୍ଷତା ସେମାନଙ୍କୁ ଉଚ୍ଚପଦରେ ଅଧିଷ୍ଠିତ କରାଇଛି।**

## ଦ୍ରୌପଦୀ ମୁର୍ମୁ ଦେଶର ପ୍ରଥମ ନାଗରିକ



ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ହୋଇଛନ୍ତି। ସେ ଏବେ ରାଇସିନା ହିଲ୍ ବା ୩୪୦ କୋଠରି ବିଶିଷ୍ଟ ରାଷ୍ଟ୍ରପତି ଭବନର ୪ ମହଲାରେ ରହୁଛନ୍ତି। ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡ କୁସୁମୀ ବ୍ଲକ ଉପରବେଡ଼ା ଗ୍ରାମର ବିରଞ୍ଚି ନାରାୟଣ ମୁର୍ମୁ ଏବଂ ମା' ସିନ୍‌ଗୋ ମୁର୍ମୁଙ୍କ ଔରସରୁ ୨୦ ଜୁନ୍ ୧୯୫୮ ମସିହାରେ ଦ୍ରୌପଦୀ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ୧୯୭୪ରେ ଭୁବନେଶ୍ୱରରେ ରହି ମାଟ୍ରିକ ପାସ୍ କରିଥିଲେ। ରମାଦେବୀ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୭୯ରୁ ୧୯୮୩ ପର୍ଯ୍ୟନ୍ତ ରାଜ୍ୟ ସଚିବାଳୟରେ ଜଳସେଚନ ଓ ଶକ୍ତି ବିଭାଗରେ କିରାଣି ଭାବେ କାର୍ଯ୍ୟ କରିଥିଲେ। ଏହାପରେ ଚାକିରି ଛାଡ଼ି ଶିକ୍ଷକତାରେ ପାଦ ରଖିଥିଲେ। ଏହାପରେ ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ରାଇରଙ୍ଗପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷାଦାନ କଲେ। ଏହାପରେ ଶିକ୍ଷକତା ଛାଡ଼ି ରାଜନୀତିରେ ପ୍ରବେଶ କରିବାକୁଯାଇ ଭାଜପାରେ ଯୋଗଦେଇଥିଲେ। ୧୯୯୭ରେ ରାଇରଙ୍ଗପୁର ଏନ୍‌ଏସିର ୨ ନମ୍ବର ୱାର୍ଡରୁ କାଉନସିଲର ହୋଇ ଉପାଧ୍ୟକ୍ଷା ହୋଇଥିଲେ। ୨୦୦୦ ମସିହାରେ ଭାଜପା ଟିକେଟରେ ରାଇରଙ୍ଗପୁର ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହେବା ସହ ଭାଜପା-ବିଜେଡି ମେଣ୍ଟ ସରକାରରେ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ହୋଇଥିଲେ। ୬ ଅଗଷ୍ଟ ୨୦୦୨ ପର୍ଯ୍ୟନ୍ତ ସେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୪ ନିର୍ବାଚନରେ ଦ୍ୱିତୀୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୫ରେ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇ ୧୨ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ। ୨୧ ଜୁନ୍ ୨୦୨୨ ସନ୍ଧ୍ୟାରେ ସେ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ। ଗତ ଜୁଲାଇ ୨୧ରେ ରାଷ୍ଟ୍ରପତି ଭୋଟ ଗଣତି ହେବାପରେ ସେ ଦେଶର ୧୫ତମ ରାଷ୍ଟ୍ରପତି ଘୋଷିତ ହୋଇଥିଲେ ଓ ୨୫ ଜୁଲାଇରେ ଶପଥ ନେଇଥିଲେ।

## ପି.କେ. ମିଶ୍ର



୧୯୭୨ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର ପ୍ରମୋଦ କୁମାର ମିଶ୍ର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେ ୧୯୪୮ ଅଗଷ୍ଟ ୧୧ରେ ସମ୍ବଲପୁର ଜିଲାରେ ଜନ୍ମ ଗ୍ରହଣ କରିଥିଲେ। ସେ ଉଭୟ ଗୁଜରାଟ ଏବଂ ଭାରତ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ଗୁଜରାଟ ସରକାରରେ ସେ ମେହସାଣା ଏବଂ ବଂଶକଣ୍ଠ ଜିଲାର ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟର ସଚିବ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଇଛନ୍ତି। ଆଇଏଏସ୍ ଚାକିରିରୁ ଅବସର ନେବାପରେ ତାଙ୍କୁ ଗୁଜରାଟ ଇଲେକ୍ଟ୍ରିସିଟି ରେଗୁଲେଟୋରି କମିଶନର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୧୩ ଅଗଷ୍ଟ ୧୧ରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ସେତେବେଳକୁ ତାଙ୍କ ବୟସ ୬୫ ବର୍ଷ ହୋଇଥିଲା। ତାଙ୍କ କାର୍ଯ୍ୟକାଳରେ ସେ ଜଣେ ପ୍ରମୁଖ ପ୍ରଶାସନିକ ଅଧିକାରୀ ବାବେ ଜଣାଶୁଣା। ୨୦୧୯ ଜୁନ୍ ୧୧ରେ ତାଙ୍କୁ ମୋଦି ପୁନଃ ନିଯୁକ୍ତି ଦେଇଛନ୍ତି। କ୍ୟାବିନେଟ୍‌ର ଆପଏଣ୍ଟମେଣ୍ଟ କମିଟି ତାଙ୍କ ପୁନଃ ନିଯୁକ୍ତିକୁ ମୋହର ମାରିବା ପରେ ୩୧ମେ ୨୦୧୯ରୁ ତାହା ଲାଗୁ ହୋଇଛି। ସମ୍ବଲପୁର ୟୁନିଭର୍ସିଟିରେ ୧୯୭୦ରେ ପଢ଼ା ଶେଷକରି ୟୁନିଭର୍ସିଟି ଅଫ୍ ସସ୍‌ସେକ୍ସ ଏବଂ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରେ ପଢ଼ା ସାରିଥିଲେ। ବହି ପଢ଼ିବାକୁ ତାଙ୍କୁ ଭଲ ଲାଗେ।

**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ**

## ଶକ୍ତିକାନ୍ତ ଦାସ



ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ୨୫ତମ ଗଭର୍ନର ଭାବେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ ଦାୟିତ୍ୱ ତୁଲାଉଛନ୍ତି। ଏହା ପୂର୍ବରୁ ସେ ପଞ୍ଚଦଶ ଫାଇନାନ୍ସ କମିଶନର ସଦସ୍ୟ ଥିଲେ। ସେ ହେଉଛନ୍ତି ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର୍ ଆଇଏଏସ୍ ଅଫିସର। ସେ ଆଇଏଏସ୍ ଅଫିସର ଭାବେ ତାମିଲନାଡୁ ଏବଂ ଭାରତ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ଓ ମନ୍ତ୍ରଣାଳୟରେ ଦାୟିତ୍ୱ ତୁଲାଇଛନ୍ତି। ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ସାଂସଦ ମାର୍ଗରେ ରହୁଛନ୍ତି। ଭୁବନେଶ୍ୱରରେ ଜନ୍ମିତ ଶକ୍ତିକାନ୍ତ ରାଜଧାନୀରେ ତାଙ୍କ ପ୍ରାରମ୍ଭିକ ପାଠପଢା ଡି.ଏମ୍. ସ୍କୁଲରେ କରିଥିଲେ। ସେ ଷ୍ଟିଫେନ କଲେଜରେ ତାଙ୍କ ବିଏ ଏବଂ ଦିଲ୍ଲୀ ୟୁନିଭର୍ସିଟିରେ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଡି.ଲିଟ୍ କରିଥିଲେ। ବେଙ୍ଗାଲୁରୁ ସ୍ଥିତ ଆଇଆଇଏମ୍, ପୁଣେସ୍ଥିତ ଏନ୍‌ଆଇବିଏମ୍, ଆଇଆଇଏମ୍ କଲିକତାରେ ମଧ୍ୟ ସେ ପଢ଼ିଛନ୍ତି। ତାମିଲନାଡୁ ସରକାରରେ ସେ ରାଜସ୍ୱ ସଚିବ, କମର୍ସିଆଲ ଟ୍ୟାକ୍ସେସର ସଚିବ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ସେହି ରାଜ୍ୟର ଡିଣ୍ଡିଗୁଲ ଏବଂ କଞ୍ଚିପୁରମ ଜିଲାର ମାଜିଷ୍ଟ୍ରେଟ୍ ରହିଥିଲେ। ଏହାପରେ କେନ୍ଦ୍ର ସରକାରରେ ବିଭିନ୍ନ ମନ୍ତ୍ରଣାଳୟର ସଚିବ ମଧ୍ୟ ରହିସାରିଛନ୍ତି। ରାଜେଶ ଖାନା ଏବଂ ଆଶା ପାରେଖ ତାଙ୍କ ପସନ୍ଦର ହିରୋ ଏବଂ ହିରୋଇନ। ସୁଇଜରଲାଣ୍ଡ ବୁଲିବା ପାଇଁ ତାଙ୍କର ଭଲ ସ୍ଥାନ ହୋଇଥିବା ବେଳେ କଳା ଓ ଧଳା ହେଉଛି ତାଙ୍କର ପସନ୍ଦର ରଙ୍ଗ। ଉତ୍ତର ଭାରତୀୟ ଖାଦ୍ୟ ତାଙ୍କୁ ଭଲ ଲାଗେ।

**ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର**

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏବେ ଶିକ୍ଷା, ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି। ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ୧୯ ତିନିମୂର୍ତ୍ତି ମାର୍ଗଠାରେ ତାଙ୍କ ସରକାରୀ କ୍ୱାର୍ଟର୍ସରେ ରହୁଛନ୍ତି। ଧର୍ମେନ୍ଦ୍ର ଏବେ ମଧ୍ୟପ୍ରଦେଶରୁ ରାଜ୍ୟ ସଭା ସଦସ୍ୟ ହୋଇଛନ୍ତି। ୨୦୨୧ ଜୁଲାଇ ୭ରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପରିବର୍ତ୍ତିତ ମନ୍ତ୍ରିମଣ୍ଡଳରେ ଧର୍ମେନ୍ଦ୍ରଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି। ୨୦୧୪ରେ ଦେଶରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ଧର୍ମେନ୍ଦ୍ରଙ୍କୁ ପ୍ରଥମେ ରାଷ୍ଟ୍ରମନ୍ତ୍ରୀ ଭାବେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ପଦ ମିଳିଥିଲା। ଏହାପରେ ୨୦୧୭ରେ ତାଙ୍କୁ ଉକ୍ତ ମନ୍ତ୍ରଣାଳୟର କ୍ୟାବିନେଟ୍ ପାହ୍ୟାକୁ ପଦୋନ୍ନତି ମିଳିଥିଲା। ଧର୍ମେନ୍ଦ୍ର ୧୯୬୯ ଜୁନ୍ ୨୬ରେ ଅନୁଗୋଳ ଜିଲା ତାଳଚେର ନିକଟ ଧରମପୁରଠାରେ ଜନ୍ମଗ୍ରହଣ କରିଥିଲେ। ଧର୍ମେନ୍ଦ୍ର ହେଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ ଏବଂ ବାସନ୍ତୀ ମଞ୍ଜରୀ ପ୍ରଧାନଙ୍କ ପୁଅ। ସେ ତାଙ୍କ ରାଜନୈତିକ ଜୀବନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ରୁ ୧୯୮୩ରୁ ଆରମ୍ଭ କରିଥିଲେ। ୧୯୯୫ରେ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ହୋଇଥିଲେ। ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ସେ ପାଲଲହଡା ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ନିର୍ବାଚିତ ହେଲେ। ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ସେ ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ ଦେବଗଡ଼ ଲୋକ ସଭା ଆସନରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ୨୦୦୭ରୁ ଇତିମଧ୍ୟରେ ଛତିଶଗଡ଼, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ବିହାର, କର୍ଣ୍ଣାଟକର ପ୍ରଭାରୀ ଓ ସହ ପ୍ରଭାବୀ ଭାବେ ଦଳୀୟ ସଂଗଠନ କାର୍ଯ୍ୟ କରିଥିଲେ। ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ସେ ବିହାରରୁ ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ମୋଦି ସରକାରର ପାୱାର ଗୋଷ୍ଠୀ ମଧ୍ୟରେ ସେ ଅନ୍ୟତମ ଭାବେ ଜଣାଶୁଣା।

**-କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ**
**ଶିକ୍ଷା, ଦକ୍ଷତା ବିକାଶ ଏବଂ ଔଦ୍ୟୋଗିକ ମନ୍ତ୍ରଣାଳୟ**

## ଗିରୀଶ ଚନ୍ଦ୍ର ମୁର୍ମୁ



ମୋଦି ସରକାର ଅଗଷ୍ଟ ୨୦୨୦ରେ ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ସମୀକ୍ଷକ ଓ ମହାଲେଖା ପରୀକ୍ଷକ (ସିଏଜି) ନିଯୁକ୍ତ କରିଥିଲେ। ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ଥିବା ଗିରିଶ ଚନ୍ଦ୍ର ମୁର୍ମୁ ସେହି ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ଦେଶର ସିଏଜି ଭାବେ ନିଯୁକ୍ତି ମିଳିଥିଲା। ସିଏଜି ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ସ୍ଥାନ ପାଇବାରେ ମୁର୍ମୁ ହେଉଛନ୍ତି ପ୍ରଥମ ଓଡିଆ। ୧୯୫୯ ନଭେମ୍ବର ୨୧ରେ ମୟୁରଭଞ୍ଜ ଜିଲାର ବେତନଟୀର ଏକ ସାନ୍ତାଳୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। ଏହାପରେ ସେ ବର୍ମିଂହାମ ୟୁନିଭରସିଟିରେ ଏମ୍‌ବିଏ କରିଥିଲେ। ତାଙ୍କର ୬ ଭାଇ ଏବଂ ଦୁଇ ଭଉଣୀ ଅଛନ୍ତି। ତାଙ୍କର ଜଣେ ଭାଇ ସିରିଶ ଚନ୍ଦ୍ର ମୁର୍ମୁ ରିଜର୍ଭ ବ୍ୟାଙ୍କ ଏକ୍ସ୍ୟୁଟିଭ ଡାଇରେକ୍ଟର ଭାବେ କାମ କରୁଛନ୍ତି। ୧୯୮୫ ଗୁଜୁରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଭାବେ ୨୦୦୧ରେ ନରେନ୍ଦ୍ର ମୋଦିଙ୍କ ସରକାରରେ କାମ କରିଥିଲେ। ସେତେବେଳେ ସେ ଗୁଜୁରାଟ ରିଲିଫ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ୨୦୦୪ରେ ସେ ଗୁଜୁରାଟ ଗୃହ ସଚିବ ଭାବେ ନିଯୁକ୍ତି ପାଇଥିଲେ। ୨୦୦୨ରେ ଗୁଜୁରାଟ ଦଙ୍ଗା ସମ୍ପର୍କିତ ମାମଲା ବୁଝିବା ଲାଗି ତାଙ୍କୁ ଦାୟିତ୍ୱ ମିଳିଥିଲା। ମୁର୍ମୁ ସେହି ଘଟଣାର କାଗଜ ପ୍ରସ୍ତୁତ କରିଥିଲେ। ଏହାପରେ ୨୦୧୯ ଅକ୍ଟୋବର ୩୧ରେ ସେ ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ। ୨୦୨୦ ଅଗଷ୍ଟ ୬ ପର୍ଯ୍ୟନ୍ତ ସେ ଉପରାଜ୍ୟପାଳ ପଦରେ ରହିଥିଲେ। ସ୍ମିତା ଶୁକ୍ଳା ମୁର୍ମୁ ହେଉଛନ୍ତି ତାଙ୍କ ସ୍ତ୍ରୀ। ତାଙ୍କର ଗୋଟିଏ ଝିଅ ରୁଚିକା ମୁର୍ମୁ ଏବଂ ପୁଅ ରୁହାନ ମୁର୍ମୁ ଅଛନ୍ତି।

**-ସମୀକ୍ଷକ ଓ ମହାଲେଖା ପରୀକ୍ଷକ (ସିଏଜି)**

## ସତ୍ୟ ନାରାୟଣ ପ୍ରଧାନ



୧୯୮୮ ବ୍ୟାଚ୍ ଝାଡଖଣ୍ଡ କ୍ୟାଡର୍ ଆଇପିଏସ୍ ଅଫିସର ତଥା ଓଡ଼ିଆ ପୁଅ ସତ୍ୟ ନାରାୟଣ ପ୍ରଧାନ ଏବେ ମୋଦି ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ୨୦୨୪ ଅଗଷ୍ଟ ୩୧ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ସେ ବିହାର ପାଟନାରେ ଜନ୍ମଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଓଡ଼ିଶାରେ ବରିଷ୍ଠ ଆଇପିଏସ୍ ଅଫିସର ଭାବେ କାର୍ଯ୍ୟ କରିଛନ୍ତି। ପୂର୍ବରୁ ସେ ହାଇଦ୍ରାବାଦ୍‌ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶନାଲ ପୋଲିସ୍ ଏକାଡେମୀର ଆସିଷ୍ଟାଣ୍ଟ ଡାଇରେକ୍ଟର ଏବଂ ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟ କରି ୬ଟି ଆଇପିଏସ୍ ଟ୍ରେନିଂ ବ୍ୟାଚ୍‌କୁ ପ୍ରଶିକ୍ଷଣ ଦେଇଛନ୍ତି। ବିହାରରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ବିଭିନ୍ନ ପାରଦର୍ଶୀ ସମ୍ପନ୍ନ କାର୍ଯ୍ୟ ପାଇଁ ତାଙ୍କୁ ୨୦୧୨ରେ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୦୬ରେ ତାଙ୍କୁ ପୋଲିସ୍ ମେଡାଲ ମଧ୍ୟ ଦିଆଯାଇଥିଲା। ସେ ଏମ୍‌ଫିଲ୍ ଏବଂ ଏଲ୍‌ଏଲ୍‌ଏମ୍ ପଢ଼ିଛନ୍ତି। ହାଇଦ୍ରାବାଦ୍ ୟୁନିଭର୍ସିଟି, ଜେଏନ୍‌ୟୁ ଏବଂ ୟୁନିଭର୍ସିଟି ଅଫ୍ ଏସେକ୍ସରେ ସେ ତାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ କରିଛନ୍ତି। ୨୦୧୯ରେ ସେ ଏନ୍‌ଡିଆର୍‌ଏଫ୍ ଡିଜି ଭାବେ ଦାୟିତ୍ୱ ପାଇଥିଲେ।

**-ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ମହାନିର୍ଦ୍ଦେଶକ**

## କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ଓଡ଼ିଶାରେ ୩ ରାଜ୍ୟ ସଭା ଆସନ ପାଇଁ ୨୦୧୯ ଜୁନ୍‌ରେ ହୋଇଥିବା ନିର୍ବାଚନରେ ଭାଜପାକୁ ଗୋଟିଏ ଆସନ ଛାଡ଼ି ଦେଇଥିଲା ବିଜେଡି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ଏହି ଆସନରୁ ରାଜ୍ୟ ସଭା ପଠାଇଥିଲା। ବିଜେଡି ଏବଂ ଭାଜପା ସମର୍ଥନରେ ଅଶ୍ୱିନୀ ରାଜ୍ୟ ସଭା ଯିବାପରେ ୨୦୨୧ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତ୍ରିମଣ୍ଡଳ ଅଦଳବଦଳରେ ତାଙ୍କୁ ସ୍ଥାନ ଦେଇଥିଲେ। ମୋଦି ସରକାରରେ ସେବେଠାରୁ ଅଶ୍ୱିନୀଙ୍କୁ ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱ ମିଳିଛି। ରାଜସ୍ଥାନର ପାଲି ଜିଲା ସ୍ଥିତ ଜିୱନ୍ଦ କଲାନ ହେଉଛି ବୈଷ୍ଣବଙ୍କ ପୈତୃକ ଗ୍ରାମ। ସେ ୧୯୭୦ ଜୁଲାଇ ୧୮ରେ ଜନ୍ମଗ୍ରହଣ କରିଥିଲେ। ସେ ଦଉ ଲାଲ ବୈଷ୍ଣବ ଏବଂ ସରସ୍ୱତୀ ବୈଷ୍ଣବଙ୍କ ପୁଅ। ତାଙ୍କ ପରିବାର କିନ୍ତୁ ଯୋଧପୁରଠାରେ ରୁହନ୍ତି। ୧୯୯୪ରେ ସେ ସିଭିଲ୍ ସର୍ଭିସ ପରୀକ୍ଷାର ସର୍ବଭାରତୀୟ ସ୍ତରରେ ୨୭ ନମ୍ବର ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଆଇଏଏସ୍ ଅଫିସର(ଓଡ଼ିଆ କ୍ୟାଡର) ହେବାପରେ ବାଲେଶ୍ୱର ଏବଂ କଟକ ଜିଲାପାଳ ଭାବେ କାମ କରିଥିଲେ। ୨୦୦୩ ପର୍ଯ୍ୟନ୍ତ ଓଡ଼ିଶାରେ କାମ କରିଥିଲେ। ଏହାପରେ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ରେ ଉପ ସଚିବ ଭାବେ ଯୋଗଦେଇଥିଲେ। ୨୦୦୪ ପର୍ଯ୍ୟନ୍ତ ସେ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିଲେ। ୨୦୦୬ରେ ସେ ମାର୍ମାଗୋଆ ପୋର୍ଟ ଟ୍ରଷ୍ଟର ଡେପୁଟି ଚେୟାରମ୍ୟାନ ଭାବେ ୨ ବର୍ଷ କାମ କରିଥିଲେ। ତାଙ୍କୁ ପାଠପଢା ଋଣ ମିଳିବା ପରେ ସେ ଏମ୍‌ବିଏ ପଢିବାକୁ ୟୁଏସ୍ ଯାଇ ଫେରିବା ପରେ ୨୦୧୦ରୁ ସେ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଏହାପରେ ୨୦୧୯ରେ ମୋଦି ସରକାରଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେ ସାହାଯ୍ୟ କରିଥିଲେ।

**-କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ,ରେଳ, କମ୍ୟୁନିକେଶନ, ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫର୍ମେଶନ ଟେକ୍ନୋଲୋଜି ମନ୍ତ୍ରଣାଳୟ**

## ବିଶ୍ୱେଶ୍ୱର ଟୁଡୁ



୨୦୧୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ଭାଜପାର ୮ ଜଣ ଏମ୍‌ପି ବିଜୟୀ ହୋଇଥିଲେ। ସେଥିରେ ମୟୂରଭଞ୍ଜ ଲୋକ ସଭା ଆସନରୁ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ନିର୍ବାଚିତ ହୋଇଥିଲେ। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଦ୍ୱିତୀୟ ଥରରେ ଜୁଲାଇ ୨୦୨୧ରେ ହୋଇଥିବା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ବିଶ୍ୱେଶ୍ୱର ଟୁଡୁଙ୍କୁ ସାମିଲ କରାଯାଇଥିଲା। ତାଙ୍କୁ ଆଦିବାସୀ ବ୍ୟାପାର ଏବଂ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିଲା। ସେ ଏବେ ନୂଆଦିଲ୍ଲୀ ସ୍ଥିତ ୧୨୬ ସାଉଥ୍ ଆଭିନ୍ୟୁ ଅଞ୍ଚଳରେ ସରକାରୀ ବଙ୍ଗଳାରେ ରହୁଛନ୍ତି। ଟୁଡୁ ୧୯୬୫ ମାର୍ଚ୍ଚ ୨୫ ତାରିଖରେ ମୟୁରଭଞ୍ଜ ଜିଲା ମୋରଡ଼ାର ଖୁଣ୍ଟାପାଳରେ ଜନ୍ମଗ୍ରହଣ କରିଥିଲେ। ସୁକୁଲ ଟୁଡୁ ଏବଂ ବୁଦୁଜ ଟୁଡୁଙ୍କର ସେ ହେଉଛନ୍ତି ପୁଅ। ସେ ୧୯୯୮ରେ ସୁମିତ୍ରା ଟୁଡୁଙ୍କୁ ବିବାହ କରିଥିଲେ। ସେ ରାଉରକେଲା ସ୍ଥିତ ୟୁଜିଆଇଇରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ ଡିପ୍ଲୋମା କରିଛନ୍ତି। ଏହା ପୂର୍ବରୁ ସେ ଜୁନିଅର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ।

**-ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ**

## ମୃତ୍ୟୁଞ୍ଜୟ ମହାପାତ୍ର



୨୦୧୯ ଜୁନ୍ ୪ରେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ମୁଖ୍ୟ (ମହାନିର୍ଦ୍ଦେଶକ) ଭାବେ ଓଡ଼ିଆ ପୁଅ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ୫ ବର୍ଷ ପାଇଁ ନିଯୁକ୍ତି ମିଳିଛି। ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ପଦବୀ ତାଲିକାରେ ତାଙ୍କ ନାମ ଯୋଡ଼ିହୋଇଯାଇଛି। ୧୯୬୫ ଅଗଷ୍ଟ ୧୨ ତାରିଖରେ ଭଦ୍ରକ ଜିଲାର ରାଜଗୁରୁପୁର ଠାରେ ମୃତ୍ୟୁଞ୍ଜୟ ଜନ୍ମଗ୍ରହଣ କରିଥିଲେ। ସେଠାରେ ଥିବା ଚାଟଶାଳୀରେ ତାଙ୍କ ପାଠପଢ଼ା ଆରମ୍ଭ ହୋଇଥିଲା। ଏହାପରେ ବଜରାପୁରରେ ଦ୍ୱିତୀୟ ଶ୍ରେଣୀରୁ ୫ମ ପର୍ଯ୍ୟନ୍ତ ପାଠପଢ଼ା ପୂର୍ଣ୍ଣ କରିଥିଲେ। ଏହାପରେ ଅପର୍ତ୍ତି ଚରଣ ଏମ୍‌ଇ ସ୍କୁଲରେ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ସେହି ହାଇସ୍କୁଲରେ ଏକାଦଶ ଶେଷ କରିଥିଲେ। ଏହାପରେ ଭଦ୍ରକ କଲେଜରେ ୧୯୮୧ରୁ ୧୯୮୩ ପର୍ଯ୍ୟନ୍ତ ସେ ଆଇ.ଏସ୍‌ସି ପଢ଼ିଥିଲେ। ସେଠାରେ ବି.ଏସ୍‌ସି ମଧ୍ୟ ଫିଜିକ୍ସରେ ଶେଷ କରିଥିଲେ। ଏହାପରେ ଉତ୍କଳ ୟୁନିଭର୍ସିଟିରେ ଏମ୍.ଏସ୍‌ସି ଏବଂ ପିଏଚ୍.ଡି କରିଥିଲେ। ୧୯୮୭ରେ ଏମ୍.ଏସ୍‌ସି ସାରିବା ପରେ ୧୯୮୮ ଫେବୃୟାରୀରୁ ୧୯୯୦ ମାର୍ଚ୍ଚ ୯ ପର୍ଯ୍ୟନ୍ତ ସେ ଚାନ୍ଦିପୁର ଡିଆର୍‌ଡିଏରେ ଚାକିରି କରିଥିଲେ। ଏହାପରେ ସେ ଜଳେଶ୍ୱର ଡି.କେ. କଲେଜରେ ଫିଜିକ୍ସ ଅଧାପକ ଭାବେ ଶିକ୍ଷକତା କରିଥିଲେ। ଏହାର କିଛିଦିନ ପରେ ସେ ଆଇଏମ୍‌ଡି ଭାବେ ପୁଣେ, ବାଙ୍ଗାଲୋର ଏବଂ ଭୁବନେଶ୍ୱର, ଦିଲ୍ଲୀ ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଥିଲେ। ଏବେ ସେ ଆଇଏମ୍‌ଡି ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଦିଲ୍ଲୀ ଲୋଧି ରୋଡ୍ ସ୍ଥିତ ମୌସମ ଭବନରେ ଏବେ ରହୁଛନ୍ତି।

– ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ

# ଧରିତ୍ରୀ
DHARITRI

ଶନିବାର, ଜୁଲାଇ ୩୦/୨୦୨୨ | Saturday, July 30/2022 | ପୃଷ୍ଠା-୧




## ଆଲେକ୍ସ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

ଇଂଲଣ୍ଡର ଆଲେକ୍ସ ୟି ଟ୍ରାଇଥଲନ ସ୍ପିଣ୍ଟ୍ ଡିଷ୍ଟାନ୍ସ ଇଭେଣ୍ଟ ଜିତି ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୪

୧୦

## ମା' ହେବେ ବିପାଶା

ବଲିଉଡ୍ ଇଣ୍ଡଷ୍ଟ୍ରିର ବ୍ଲାକ୍‌ବ୍ୟୁଟି ବିପାଶା ବାସୁ ମା' ହେବାକୁ ଯାଉଛନ୍ତି।





ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ୱେଲ୍ଟରୱେଟ ବକ୍ସିଂରେ ଶୁକ୍ରବାର ପାକିସ୍ତାନର ସୁଲେମାନ ବାଲୋଚ୍‌ଙ୍କ ବିପକ୍ଷରେ ଲଢ଼ୁଛନ୍ତି ଭାରତର ଶିବ ଥାପା (ଡାହାଣ)। (ରିପୋର୍ଟ ଖେଳ ପୃଷ୍ଠା)

# ଆଖି ବୁଜିଲା ଗୁଳିବିଦ୍ଧ ହାତୀ

### ଏସ୍‌ଆଇଟି ତଦନ୍ତକୁ ଶିକାରୀଙ୍କ ଚ୍ୟାଲେଞ୍ଜ

- ବନ ବିଭାଗକୁ ଦୋଷ ଦେଲେ ବନ୍ୟପ୍ରାଣୀ ବିଶେଷଜ୍ଞ
- ଆଠଗଡ଼ ଡିଏଫ୍‌ଓଙ୍କୁ ଗିରଫ, ବହିଷ୍କାର ଦାବି

ଭୁବନେଶ୍ୱର, (ବ୍ୟୁରୋ)/ ନରସିଂହପୁର, ୨୯।୭ (ସ୍ୱ.ପ୍ର.)

ହାତୀ ମୃତ୍ୟୁକୁ ନେଇ ଯେଉଁଠି ଏସ୍‌ଆଇଟି ତଦନ୍ତ ଚାଲିଥିଲା, ସେଇଠି ହୋଇଥିଲା ହାତୀ ଶିକାର। ଶିକାରୀଙ୍କ ଗୁଳିରେ ଛଟପଟ ହେଉଥିଲା ଦନ୍ତା। କଟକ ଜିଲା ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ପଶ୍ଚିମ ରେଞ୍ଜ୍ ବାରାସିଙ୍ଗା ଜଙ୍ଗଲରେ ଚିକିତ୍ସିତ ହେଉଥିବା ଉକ୍ତ ଗୁଳିବିଦ୍ଧ ଦନ୍ତା ଶେଷରେ ଶୁକ୍ରବାର ଆଖି ବୁଜିଛି। ଅବହେଳା ପରେ ଲୋକଦେଖାଣିଆ ଚିକିତ୍ସା କରୁଥିବା ବନ ବିଭାଗ ଏବେ ତୀବ୍ର ସମାଲୋଚନାର ଶିକାର ହୋଇଛି। ଉକ୍ତ ହାତୀ ଦେହରେ ପଶିଥିଲା ୫ ଗୁଳି। ଦେହସାରା କ୍ଷତ ଜଳଜଳ ହୋଇ ଦିଶୁଥିଲା। ୭ଦିନ ଧରି ରଣସିଂହପୁର ଜଙ୍ଗଲରେ ବୁଲିଥିବା ସ୍ଥାନୀୟ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ହେଲେ ପ୍ରତ୍ୟକ୍ଷଦର୍ଶୀଙ୍କ କଥା ବନ ବିଭାଗର ଦକ୍ଷ ଅଧିକାରୀମାନେ କିନ୍ତୁ ମାନିବାକୁ ନାରାଜ ଥିଲେ। ହାତୀ ଗୋଷ୍ଠୀ ମଧ୍ୟରେ ହୋଇଥିବା ସଂଘର୍ଷରୁ ଖଣ୍ଡିଆ ହୋଇଥିବା ନିଜେ ବନ୍ୟପ୍ରାଣୀ ପିସିସିଏଫ୍ ସଫେଇ ଦେଇଥିଲେ। ଏପରିକି ତୁରନ୍ତ ଚିକିତ୍ସାର ଆବଶ୍ୟକତା ରହିଥିଲେ ମଧ୍ୟ ଧରାଯାଇ ପାରି ନ ଥିଲା। ୩ଦିନ ଧରି ଟ୍ରାଙ୍କୁଲାଇଜ୍ ସଫଳ ହେଉ ନ ଥିବା ମଧ୍ୟ କୁହାଗଲା। ଫଳରେ କ୍ଷତ ଘା' ହୋଇ ସଂକ୍ରମଣ ହୋଇଯାଇଥିଲା। ଅସୁସ୍ଥ ହେବା ପରେ ହାତୀଟି ଗୁରୁବାର ବାରାସିଂଗା ବିଟ୍‌ରେ ତଳେ ପଡ଼ିଥିବାବେଳେ ବନ ବିଭାଗ ଠାବ କରିଥିଲା। ଏହାପରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇ ଚିକିତ୍ସା ଚାଲିଥିଲା। ଚିକିତ୍ସା କରୁଥିବା ଡାକ୍ତର ମଧ୍ୟ କହିଥିଲେ, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ବରିଷ୍ଠଙ୍କୁ ଥଇଥାନ

# ୨.୨୬ ଲକ୍ଷ ପଦବୀ ଖାଲି

## ଓଡ଼ିଶାରେ ନିଯୁକ୍ତିର ଦୟନୀୟ ସ୍ଥିତି

### ଠିକା, ଆଉଟ୍‌ସୋର୍ସ ନିଯୁକ୍ତିକୁ ନେଇ ବିଧାନସଭାରେ ଝଡ଼

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଓଡ଼ିଶାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ୨ ଲକ୍ଷ ୨୬ ହଜାର ପଦବୀ ଖାଲି ପଡ଼ିଛି। ବିକାଶର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ବେକାର ଯୁବତୀଯୁବକଙ୍କୁ ଚାକିରି ଦେବାରେ ବିଫଳ ହୋଇଛନ୍ତି। ପଦବୀ ପୂରଣ ବଦଳରେ ଠିକା ଏବଂ ଆଉଟ୍‌ସୋର୍ସ ନିଯୁକ୍ତିରେ କାମ ଚାଲିଛି। ବେକାରଙ୍କୁ ଚାକିରି ମିଳୁ ନ ଥିବାରୁ ଅପରାଧ ଓ ଦୁର୍ନୀତି ବଢୁଛି। ଦାଦନ ଶ୍ରମିକଙ୍କଠାରୁ କମ୍ ମଜୁରିରେ ଖଟୁଛନ୍ତି ଶିକ୍ଷିତ ବେକାର। ଆଉଟ୍‌ସୋର୍ସ ସଂସ୍ଥା ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛି। ଏସବୁ ପ୍ରସଙ୍ଗ ଉଠାଇ ଶୁକ୍ରବାର ବିଧାନସଭାରେ ସରକାରଙ୍କୁ ସଣ୍ଢୁଆଶି ଆକ୍ରମଣ କରିଛନ୍ତି ବିରୋଧୀ ଭାଜପା ଓ କଂଗ୍ରେସ।

'ଠିକା ନିଯୁକ୍ତିରେ ଚାଲିଛି ଓଡ଼ିଶା ସରକାର' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆରମ୍ଭ କରି ଭାଜପା ସଭ୍ୟ ମୋହନ ମାଝି କହିଲେ, ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବଜେଟ କରିଛନ୍ତି। ୨୦୨୧-୨୨ ସୁଦ୍ଧା ଗୃହ ବିଭାଗରେ ୨୬,୭୯୮, ରାଜସ୍ୱ ବିଭାଗରେ ୧୨,୭୬୧, ଗଣଶିକ୍ଷା ବିଭାଗରେ ୬୧,୮୬୭, ସ୍ୱାସ୍ଥ୍ୟ ବିଭାଗରେ ୩୬,୦୪୫, ଜଳସମ୍ପଦ ବିଭାଗରେ ୮,୭୩୫, କୃଷି ବିଭାଗରେ ୯,୬୮୦, ଉଚ୍ଚଶିକ୍ଷା ବିଭାଗରେ ୧୧,୫୨୨, ଜଙ୍ଗଲ ଓ ପରିବେଶ ବିଭାଗରେ ୫,୮୧୪ ଏଭଳି ମୋଟ୍ ୪୩ ବିଭାଗରେ ୨ ଲକ୍ଷ ୨୬ ହଜାର ୫୫୯ ପଦବୀ ଖାଲିପଡ଼ିଛି। ଏଥିସହ ଅନୁଦାନପ୍ରାପ୍ତ ସଂସ୍ଥାଗୁଡ଼ିକରେ ୧୯,୧୦୦ ପଦବୀ ଖାଲି ରହିଛି। ୨୦୨୧ରେ ୨୨.୫% ପଦବୀ ଖାଲିଥିବା ବେଳେ ୨୦୨୨ରେ ଏହା ୨୫%କୁ ବୃଦ୍ଧି ପାଇଛି। ସରକାର ଚଞ୍ଚକତା କରି ଠିକା ନିଯୁକ୍ତି ଦେଉଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି। ବିଭିନ୍ନ କର୍ମ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ବେକାରଙ୍କ ମଧ୍ୟରୁ ୧%ଙ୍କୁ ମଧ୍ୟ ଚାକିରି ମିଳୁନାହିଁ। ସରକାର ବିଭାଗ ଚଳାଇବା ଲାଗି ଠିକା ଓ ଆଉଟ୍‌ସୋର୍ସିଂ ବ୍ୟବସ୍ଥା ଉପରେ ନିର୍ଭର କରିଛନ୍ତି। ବେକାରଙ୍କୁ ପ୍ରତାରଣା କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ଭାଜପା ସଭ୍ୟ ନାଉରୀ ନାୟକ କହିଥିଲେ, ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶିକ୍ଷିତ ବେକାରଙ୍କଠାରୁ ଠିକାସଂସ୍ଥା ଟଙ୍କା ଆଦାୟ କରୁଛି। ୩ବର୍ଷ ପରେ ଆଉ ଏକ ସଂସ୍ଥା ଆସିବା ପରେ ସେମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଚାଲିଯାଉଛି। ଭାଜପା ସଭ୍ୟ ସନାତନ ବିଜୁଳି, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା ମଧ୍ୟ ଠିକା ଏବଂ ଆଉଟ୍‌ସୋର୍ସ ନିଯୁକ୍ତିକୁ କଡ଼ା ବିରୋଧ କରିଥିଲେ। ଏହିସବୁ ନିଯୁକ୍ତିକୁ ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦେବା ଲାଗି ଦାବି କରିଥିଲେ।

ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଭୂପିନ୍ଦର ସିଂ, ରମେଶ ବେହେରା ଓ ରମେଶ ଚନ୍ଦ୍ର ସାଏ ସରକାର ବିଭିନ୍ନ ବିଭାଗରେ ଦେଉଥିବା ନିଯୁକ୍ତି ଓ ଆତ୍ମନିଯୁକ୍ତି ବିଷୟରେ ସୂଚନା ଦେଇଥିଲେ। ମୁଲତବୀ ଆଲୋଚନା ଶେଷରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାରଙ୍କ ପକ୍ଷରୁ ସରକାରୀ କାର୍ଯ୍ୟାଳୟରେ ମୂଳ ପଦବୀ ପୂରଣ ନ କରିବାକୁ ୧୯୯୯ ଜୁଲାଇ ୧୬ରେ ଏକ ସ୍ମାରକପତ୍ର (ସଂଖ୍ୟା- ୩୧୨୭୧) ☞ପୃଷ୍ଠା-୨

# ଖବରଦାତାଙ୍କ ଟୁଇଟ୍ ହଟାଇବା ଦାବିରେ ଭାରତ ପ୍ରଥମ

ନୂଆଦିଲ୍ଲୀ,୨୯।୭

ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟର୍‌ରେ ଖବରଦାତା ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ପୋଷ୍ଟ ହଟାଇବା ପାଇଁ ଦାବି କରିବାରେ ବିଶ୍ୱରେ ଭାରତ ସବୁଠୁ ଆଗରେ ରହିଛି। ସେହିପରି ଟୁଇଟର ଆକାଉଣ୍ଟ ସୂଚନା ମାଗିବାରେ ଆମେରିକା ପରେ ଭାରତ ହେଉଛି ଦ୍ୱିତୀୟ। ଟୁଇଟର କମ୍ପାନୀକୁ ଭାରତ ସରକାର ମାଗିଥିବା ଏହି ତଥ୍ୟ ମୋଟ ବୈଶ୍ୱିକ ଅନୁରୋଧର ୧୯% ବୋଲି ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ ପ୍ରଘଟ ହୋଇଛି।

ଟୁଇଟର୍‌ର ଟ୍ରାନ୍ସପରେନ୍ସି ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୧ ଜୁଲାଇରୁ ଡିସେମ୍ବର ମଧ୍ୟରେ ଭାରତ ସରକାର ଖବରଦାତା ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପକ୍ଷରୁ କରାଯାଇଥିବା ଟୁଇଟ୍‌ଗୁଡ଼ିକୁ ହଟାଇବା ପାଇଁ ସର୍ବାଧିକ ଦାବି କରିଥିଲେ। ସବୁ ପ୍ରକାର ୟୁଜର୍ସଙ୍କ କଣ୍ଟେଣ୍ଟ ବ୍ଲକିଂ ପାଇଁ ଅର୍ଡର ଜାରି କରିଥିବା ୫ ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ପ୍ରଥମରେ ରହିଛି। ସାରା ବିଶ୍ୱର ଖବରଦାତାଙ୍କ ଓ ନ୍ୟୁଜ୍ ଆଉଟ୍‌ଲେଟ୍‌ର ୩୪୯ ଭେରିଫାଏଡ୍ ଆକାଉଣ୍ଟ ବିରୋଧରେ ବିଭିନ୍ନ ରାଷ୍ଟ୍ର ଆପତ୍ତି ଉଠାଇଥିଲେ। ☞ପୃଷ୍ଠା-୨




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୦୦,୦୩,୮୭୭ | ୬୪,୧୫,୫୦୧ | ୫୪,୯୯,୬୦,୪୩୯ |
| ଭାରତ | ୪,୩୯,୭୯,୭୩୦ | ୫,୨୬,୨୫୮ | ୪,୩୩,୦୯,୪୮୪ |
| ଓଡ଼ିଶା | ୧୩,୧୧,୧୩୫ | ୯୧୨୮(+୫୩) | ୧୨,୯୬,୨୯୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଜାତିଆଣ ମନ୍ତବ୍ୟ: ବର୍ଷାଙ୍କୁ ଦିଲ୍ଲୀ ପୋଲିସର ସମନ

**ନୂଆଦିଲ୍ଲୀ/କଟକ ଅଫିସ,୨୯।୭:** ଓଡ଼ିଆ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ତାଙ୍କ ସ୍ୱାମୀ ଅନୁଭବ ମହାନ୍ତିଙ୍କ ମଧ୍ୟରେ ପାରିବାରିକ ବିବାଦ ଅଦାଲତଙ୍କ ବିଚାରାଧୀନ ଥିବାବେଳେ ବର୍ଷା ଆଉ ଏକ ଅଡୁଆର ସମ୍ମୁଖୀନ ହୋଇଛନ୍ତି। ଏମ୍‌ପି ଅନୁଭବଙ୍କ କର୍ମଚାରୀଙ୍କ ପ୍ରତି ଜାତିଆଣ ମନ୍ତବ୍ୟ ଦେବା ଅଭିଯୋଗରେ ଦିଲ୍ଲୀ ପୋଲିସ ବର୍ଷାଙ୍କୁ ସମନ ଜାରି କରିଛି। ଏହି ମାମଲାରେ ବର୍ଷାଙ୍କ ସମେତ ତାଙ୍କ ମାଆ ଏବଂ ଝିଆରୀଙ୍କୁ ମଧ ସମନ ଜାରି କରାଯାଇଥିବା ଜଣାପଡ଼ିଛି। ୨୦୧୯ ଜୁଲାଇରେ ବର୍ଷା ଦିଲ୍ଲୀରେ ଅନୁଭବଙ୍କ ରୋଷେୟାଙ୍କୁ ତାଙ୍କ ଜାତି ନାଁ ନେଇ ଗାଳିଗୁଲଜ କରିଥିଲେ। ଚଳିତ ମାସରେ ଦିଲ୍ଲୀ ପୋଲିସ ଅଭିନେତ୍ରୀଙ୍କ ବିରୋଧରେ ଅନୁସୂଚିତ ଜାତି/ଜନଜାତି ଆଇନରେ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାରେ ଗତ ୨୫ ତାରିଖରେ ଦିଲ୍ଲୀ ପୋଲିସର ଏକ ଟିମ୍ କଟକ ଆସିଥିଲେ। ତେବେ ପୁରୀଘାଟ ପୋଲିସ ସହଯୋଗ ନ କରିବାକୁ ସେମାନେ ଫେରିଯାଇଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

# ଶିଳ୍ପ ପାଇଁ ୧ ଲକ୍ଷ ହେକ୍ଟର ଜମି

## ଅଧିଗ୍ରହଣ କରି ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରିବ ଇଡ୍‌କୋ

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଯୋଗାଇଦେବା ତଥା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିମନ୍ତେ ଇଡ୍‌କୋ ଦ୍ୱାରା ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରାଯାଇଛି। ଇଡ୍‌କୋ ଏଥିପାଇଁ ୧ ଲକ୍ଷ ହେକ୍ଟର ଜମି ଅଧିଗ୍ରହଣ କରିବ। ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଶୁକ୍ରବାର ପ୍ରଶ୍ନକାଳରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହା କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ ରାଜ୍ୟରେ ନୂତନ ଶିଳ୍ପ ପ୍ରତିଷ୍ଠା ଲାଗି ସରକାର ଇଡ୍‌କୋ ଜରିଆରେ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ଏହି ଯୋଜନାରେ ଭିତରକନିକା ନିକଟସ୍ଥ ଡାଙ୍ଗମାଳ, ଖମାରସାହି, ବଗପାଟିଆ ଓ ପେଣ୍ଠ ବେଳାଭୂମି ନିକଟରେ ପରିବେଶ ଅନୁକୂଳ ଇକୋ କଟେଜ୍, ରିସର୍ଟ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ରାଜ୍ୟ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ କାଟେଗୋରି–ଏ ଅଧୀନରେ ଭିତରକନିକା ନିକଟସ୍ଥ ଖମାରସାହିଠାରେ ୨୩.୨୯ ଏକର ଓ ଦୁର୍ଗାପ୍ରସାଦଠାରେ ୮.୧୪ ଏକର ଜମି ଚିହ୍ନଟ କରାଯାଇ ଏହାର ଲିଜ୍ ପାଇଁ ଇଡ୍‌କୋ ତରଫରୁ ଜିଲା କର୍ତ୍ତୃପକ୍ଷଙ୍କୁ ଆବେଦନ କରାଯାଇଛି। ଏହାଛଡ଼ା ପର୍ଯ୍ୟଟନ ବିଭାଗ ତରଫରୁ ଭିତରକନିକା ମାଷ୍ଟର ପ୍ଲାନ୍ ମାଧ୍ୟମରେ ଉକ୍ତ ଅଞ୍ଚଳର ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରିବା ସହ ପେଣ୍ଠ ବେଳାଭୂମି ନିକଟରେ ଥିବା ସରକାରୀ ଜମିଗୁଡ଼ିକର ବିକାଶ ନିମନ୍ତେ ପ୍ରୟାସ କରାଯାଇଛି। ଅତିରିକ୍ତ ପ୍ରଶ୍ନରେ ବିଧାୟକ ନାଉରୀ ନାୟକ, ପ୍ରଶାନ୍ତ ବେହେରା, ତାରା ପ୍ରସାଦ ବାହିନୀପତି, ସୁଧାଂଶୁ ଶେଖର ପରିଡ଼ା, କୁସୁମ ଟେଟେ, ଅମର ଶତପଥୀ ପ୍ରମୁଖ ରାଜ୍ୟରେ ଶିଳ୍ପ ସ୍ଥାପନ ଓ କୋଣାର୍କ ଝୋଟକଳ ସମେତ ବନ୍ଦ ହୋଇଥିବା ଶିଳ୍ପର ପୁନରୁଦ୍ଧାର ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ବିଧାୟକମାନେ ନିଜ ଅଞ୍ଚଳରେ ଶିଳ୍ପ ପାଇଁ ପ୍ରସ୍ତାବ ଦେଲେ ତା' ଉପରେ ସରକାର ବିଚାର କରିବେ। କେବଳ ଦାବି କଲେ ହେବନାହିଁ, ନିଜ ନିର୍ବାଚନ ମଣ୍ଡଳୀରେ ଜମି ଅଧିଗ୍ରହଣରେ ଯେପରି ସମସ୍ୟା ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ। ଏହା ହେଲେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଭାଗ ପଦକ୍ଷେପ ନେବ। କୋଣାର୍କ ଝୋଟକଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଘରୋଇ ସଂସ୍ଥାକୁ ବିକ୍ରି କରିଦିଆଯାଇଛି। ତା' ଉପରେ ରାଜ୍ୟ ସରକାରଙ୍କର କିଛି କରିବାର ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## ଆଜି ବ୍ୟୟ ମଞ୍ଜୁରୀ ବିଲ୍

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ଶନିବାର ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ ହେବ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହର ଅନୁମୋଦନ ପାଇଁ ଏହାକୁ ବିଧାନସଭାରେ ଉପସ୍ଥାପନ କରିବେ।

ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି। ଜୁଲାଇ ୨ରେ ଏହାକୁ ଅର୍ଥମନ୍ତ୍ରୀ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ୨୦୨୧–୨୨ ଆର୍ଥିକ ବର୍ଷ ତୁଳନାରେ ଚଳିତ ବଜେଟ ୧୭.୬% ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ଅଭିବୃଦ୍ଧି ହାର ୮ରୁ ୮.୫% ରହିବା ନେଇ ଆକଳନ କରାଯାଇଛି। ବଜେଟରେ ରାଜସ୍ୱ ବଳକା ଜିଏସ୍‌ଡିପିର ୨.୫ ପ୍ରତିଶତ ଓ ବିତ୍ତୀୟ ନିଅଣ୍ଟ ୩ ପ୍ରତିଶତ ମଧ୍ୟରେ ରହିବା ନେଇ ଆକଳନ କରାଯାଇଛି। ତେବେ ରାଜ୍ୟର ଋଣଭାର ୧.୧୨ ଲକ୍ଷ କୋଟି ଛୁଇଁବା ନେଇ ଅନୁମାନ କରାଯାଇଛି।

# ଦେଶର ୮ଗ୍ରାମ ମଧ୍ୟରେ ଓଡ଼ିଶାର ରଘୁରାଜପୁର



ପର୍ଯ୍ୟଟନ ସହ ବୟନ ଶିଳ୍ପର ସଂଯୋଗୀକରଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ହସ୍ତଶିଳ୍ପ କ୍ଲଷ୍ଟରରେ ସଂଯୁକ୍ତ କରାଯାଇଛି। ହସ୍ତଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ 'ପର୍ଯ୍ୟଟନ ସହିତ ବୟନ ଶିଳ୍ପ ସଂଯୋଗୀକରଣ' କାର୍ଯ୍ୟକ୍ରମ ଅଧୀନରେ ଭିତ୍ତିଭୂମି ସହାୟତା ପ୍ରଦାନ କରାଯାଉଛି। ଏଥିପାଇଁ ଦେଶର ୮ଟି ଗ୍ରାମକୁ ଚୟନ କରାଯାଇଥିବାବେଳେ ଏଥି ମଧ୍ୟରେ ଓଡ଼ିଶାର ଶିଳ୍ପଗ୍ରାମ ରଘୁରାଜପୁର ରହିଛି। ଅନ୍ୟ ଗ୍ରାମଗୁଡ଼ିକ ହେଲା ଆନ୍ଧ୍ର ପ୍ରଦେଶର ତିରୁପତି, ଗୁଜରାଟର ବଦାଜ୍, ଉତ୍ତରପ୍ରଦେଶର ନୈନୀ, କର୍ନାଟକର ଆନେଗୁଣ୍ଡି, ତାମିଲନାଡୁର ମହାବଳୀପୁରମ୍, ଉତ୍ତର ପ୍ରଦେଶର ତାଜ୍ ଗଞ୍ଜ ଓ ରାଜସ୍ଥାନର ଆମେର। ଏସବୁ ଗ୍ରାମର ସାମଗ୍ରିକ ବିକାଶ ସହ ଶିଳ୍ପ ଓ ପର୍ଯ୍ୟଟନର ପ୍ରଚାର ପ୍ରସାର ଏକସଙ୍ଗେ କରାଯିବ।

ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୁରୀ ଜିଲାର ରଘୁରାଜପୁର ପଟ୍ଟଚିତ୍ର, ହସ୍ତଶିଳ୍ପ ଓ ଐତିହ୍ୟ ଗ୍ରାମ ଭାବେ ସୁଖ୍ୟାତି ଅର୍ଜନ କରିଛି। ଏବେ ଏଠାରେ ପର୍ଯ୍ୟଟନ ସହ ଶିଳ୍ପର ଏକତ୍ର ପ୍ରଚାର ପ୍ରସାର କରାଯିବ। ହସ୍ତଶିଳ୍ପକୁ କାରିଗରଙ୍କ ନିମନ୍ତେ ଏକ ସ୍ଥାୟୀ ତଥା ଲାଭଦାୟକ ଜୀବିକା ନିର୍ବାହର ବିକଳ୍ପ ରୂପରେ ବିକଶିତ କରିବ। ଏହାଦ୍ୱାରା ଦେଶର ସମୃଦ୍ଧ କାରିଗରି ଐତିହ୍ୟର ସୁରକ୍ଷା ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଦେଶରେ ପ୍ରାୟ ୧,୦୦୦ କାରିଗର ପ୍ରତ୍ୟକ୍ଷ ଲାଭ ପାଇବେ। ଏଥିସହ ପର୍ଯ୍ୟଟକମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ ବୋଲି ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ସୂଚନା ଦିଆଯାଇଛି।

# ଇଞ୍ଜେକ୍ସନ ନେଇ ୨୦ ରୋଗୀ ଗୁରୁତର

## ତଦନ୍ତ ପାଇଁ କମିଟି ଗଠନ: ଅଧୀକ୍ଷକ

**ବ୍ରହ୍ମପୁର ଅଫିସ,୨୯।୭**

ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ମେଡିସିନ ବିଭାଗର ୟୁନିଟ –୧ ଓ ୟୁନିଟ –୨ରେ ଚିକିତ୍ସିତ ହେଉଥିବା ୨୦ଜଣ ରୋଗୀ ଇଞ୍ଜେକ୍ସନ ନେବା ପରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇଥିଲେ ମଧ୍ୟ କେଉଁ ପରିସ୍ଥିତିରେ ଏଭଳି ଘଟିଲା ସେ ନେଇ ନାନା ଚର୍ଚ୍ଚା ଚାଲିଛି। ଅନ୍ୟପଟେ ଏମକେସିଜି କର୍ତ୍ତୃପକ୍ଷ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରୋଗୀଙ୍କୁ ଦିଆଯାଇଥିବା ଇଞ୍ଜେକ୍ସନର ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ।

ପ୍ରକାଶ ଯେ, ଏମ୍‌କେସିଜି ମେଡିସିନ ବିଭାଗ ପୁରୁଷ ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ନର୍ସ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ନେବା ପରେ ୨୦ରୁ ଅଧିକ ରୋଗୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସେମାନେ ଜୋର୍‌ରେ ଥରିବାକୁ ଲାଗିଥିଲେ। ଯାହାକୁ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଭୟଭୀତ ହୋଇ କ'ଣ ହେଲା ବୋଲି ପାଟି କରିଥିଲେ। ସେଠାରେ ଥିବା ଡାକ୍ତର ଓ ନର୍ସମାନେ ଯାଇ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ। ପରେ ରୋଗୀଙ୍କୁ ଅନ୍ୟ ଦୁଇଟି ଇଞ୍ଜେକ୍ସନ ଦିଆଯିବାରୁ ସେମାନେ ସୁସ୍ଥ ହୋଇଥିଲେ। ଖବରପାଇ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡା. ରୀନା ମହାନ୍ତି, ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରାଧ୍ୟାପକ ଡା. ସନ୍ତୋଷ କୁମାର ମିଶ୍ର ଉକ୍ତ ୱାର୍ଡରେ ପହଞ୍ଚି ସ୍ଥିତି ତଦାରଖ କରିଥିଲେ। ରୋଗୀଙ୍କୁ ଦିଆଯାଇଥିବା ସେଫ୍ରିଆଜୋନ ଇଞ୍ଜେକ୍ସନ ଯୋଗୁ ଏପରି ହୋଇଥିବା ସନ୍ଦେହ କରାଯାଉଛି। ଭୁବନେଶ୍ୱରରେ ନମୁନା ପରୀକ୍ଷା କରାଯିବ ବୋଲି ଅଧୀକ୍ଷକ କହିଥିଲେ। ସେହିପରି ଷ୍ଟୋର ରୁମ୍‌ରେ ଥିବା ଅନ୍ୟ ୪୮୦ଟି ଇଞ୍ଜେକ୍ସନ ଅନ୍ୟ କୌଣସି ରୋଗୀଙ୍କୁ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଥିଲେ। ଏହି ଘଟଣା ପରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. ଏମକେସିଜିରେ ପହଞ୍ଚି ଅଧକ୍ଷ ତଥା ଡିନ ପ୍ରାଧ୍ୟାପକ ଡା. ଅବନୀକାନ୍ତ ମିଶ୍ରଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ମଧ୍ୟ ୱାର୍ଡରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏମକେସିଜି ଅଧୀକ୍ଷକ କହିଛନ୍ତି, ମେଡିକାଲକୁ ଆସିଥିବା ଗୋଟିଏ ବ୍ୟାଚର ୩୦୦୦ ସେଫ୍ରିଆଜୋନ ଇଞ୍ଜେକ୍ସନ ମଧ୍ୟରୁ ୨ହଜାରରୁ ଅଧିକ ଇଞ୍ଜେକ୍ସନ ବିଭିନ୍ନ ରୋଗୀଙ୍କୁ ଦିଆଯାଇସାରିଛି। ପୂର୍ବରୁ କାହାରି ଶରୀରରେ ପାର୍ଶ୍ୱପ୍ରତିକ୍ରିୟା ଦେଖା ଯାଇନାହିଁ। ତେବେ ଶୁକ୍ରବାର ରୋଗୀଙ୍କୁ ଉକ୍ତ ଇଞ୍ଜେକ୍ସନ ଦେବା ପରେ ସେମାନଙ୍କ କମ୍ପ ହୋଇଥିଲା। ଅଭିଯୋଗ ପରେ ଘଟଣାର ତଦନ୍ତ ପାଇଁ ଡାକ୍ତରୀ ଟିମ୍, ନର୍ସିଂ ଅଫିସର ଓ ହସ୍ପିଟାଲ ମ୍ୟାନେଜରଙ୍କୁ ନେଇ ଏକ କମିଟି ଗଠନ ହୋଇଛି ବୋଲି ଅଧୀକ୍ଷକ ମିଶ୍ର କହିଛନ୍ତି।



ଇଞ୍ଜେକ୍ସନ୍ ନେଇଥିବା ରୋଗୀଙ୍କ ପାଖରେ ସମ୍ପର୍କୀୟମାନେ।

# ମହାନଦୀରେ ଛତିଶଗଡ଼ରୁ ଓଡ଼ିଶାକୁ ଭାସି ଆସିଲେ ବୃଦ୍ଧା

## ଜୀବନ୍ତ ଉଦ୍ଧାର କଲେ ମତ୍ସ୍ୟଜୀବୀ

**ଝାରସୁଗୁଡ଼ା ଅଫିସ, ୨୯।୭**

ଛତିଶଗଡ଼ରୁ ମହାନଦୀରେ ଓଡ଼ିଶାକୁ ଭାସିଆସିଥିବା ଜଣେ ବୃଦ୍ଧାଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ସେ ହେଲେ ଛତିଶଗଡ଼ ରାୟଗଡ଼ ଜିଲା ସିରିଆ ଥାନା ଅଧିନ ପଞ୍ଚଧାର ଗ୍ରାମର ସୁମିତ୍ରା ମାଳୀ(୭୦)। ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧିନ ମହୁଲପାଲି ବ୍ରିଜ୍‌ରେ ସୁମିତ୍ରା ଲାଗି ରହିଥିବାବେଳେ ଶୁକ୍ରବାର ସକାଳ ୬ଟାରେ ମତ୍ସ୍ୟଜୀବୀମାନେ ଖବରପାଇ ତାଙ୍କୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ ମତ୍ସ୍ୟଜୀବୀମାନେ ବୃଦ୍ଧାଙ୍କ ପରିବାର ଲୋକଙ୍କୁ ଖବର ଦେଲା ପରେ ତାଙ୍କ ପୁଅମାନେ ଆସି ତାଙ୍କୁ ଘରକୁ ନେଇଯାଇଛନ୍ତି। ଏବେ ସେ ସୁସ୍ଥ ରହିଥିବା ପରିବାର ସୂତ୍ରରୁ ଜଣାପଡିଛି। ଏସମ୍ପର୍କରେ ଉଦ୍ଧାର ହୋଇଥିବା ବୃଦ୍ଧା ଜଣଙ୍କ କହିଛନ୍ତି, ସେ ଗୁରୁବାର ସନ୍ଧ୍ୟାରେ ପଡ଼ିଗାଁ ଝିଅ ଘରକୁ ଯାଉଥିବାବେଳେ ସୁରଜଗଡ଼ସ୍ଥିତ ବ୍ରିଜ୍ ଉପରୁ ଅସାବଧାନତା ବଶତଃ ତଳକୁ ଖସିପଡ଼ିଥିଲେ। ଫଳରେ ମହାନଦୀର ବନ୍ୟାଜଳରେ ୧୫କିଲୋମିଟର ଭାସିଆସି ଓଡ଼ିଶାର ତଳମୁଣ୍ଡରେ ଥିବା ମହୁଲପାଲି ବ୍ରିଜ୍‌ରେ ଲାଗିଥିଲେ। ଶୁକ୍ରବାର ସକାଳେ ନଦୀରେ ମାଛ ମାରୁଥିବାବେଳେ ମତ୍ସ୍ୟଜୀବୀମାନେ ମହୁଲପାଲି ବ୍ରିଜତଳେ ଜଣେ ମଣିଷର ଡାକ ଶୁଣିବାକୁ ପାଇଥିଲେ। ହେଲେ ସେମାନେ ପ୍ରଥମେ ଡରିଯାଇ ସେଠାକୁ ଯିବାକୁ ସାହସ କରି ନ ଥିଲେ। ପରେ ମହୁଲପାଲି ଗ୍ରାମର ମତ୍ସ୍ୟଜୀବୀ ଚିନ୍ତାମଣି ମାଝି ନିଜ ମଧ୍ୟରେ ସାହାସ ଜୁଟାଇ ଅନ୍ୟଜଣେ ମତ୍ସ୍ୟଜୀବୀ ଲକ୍ଷ୍ମଣଙ୍କୁ ସାଙ୍ଗରେ ଧରି ନଦୀର ପ୍ରଖର ସ୍ରୋତରେ ଡଙ୍ଗାଧରି ବ୍ରିଜ୍ ନିକଟରେ ପହଞ୍ଚିଥିଲେ। ବ୍ରିଜ୍‌ର ୧୬ନଂ. ଖମ୍ବରେ ଲାଗିଥିବା ବୃଦ୍ଧାଙ୍କୁ ଡ଼ଙ୍ଗାରେ ଉଦ୍ଧାର କରି କୂଳକୁ ଆଣିଥିଲେ। ତା'ପରେ ତାଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏହି ଖବର ପ୍ରଚାର ହେବାପରେ ଉଦ୍ଧାରକାରୀ ମତ୍ସ୍ୟଜୀବୀଙ୍କୁ ବିଭିନ୍ନ ସଙ୍ଗଠନ ତରଫରୁ ପ୍ରଶଂସା କରାଯାଇଛି। ପ୍ରକାଶ ଯେ, କିଛି ବର୍ଷ ତଳେ ସୋନୀ ଯାଦବ ନାମ୍ନୀ ଜଣେ ଯୁବତୀ ମଧ ମହାନଦୀରେ ଛତିଶଗଡ଼ରୁ ଓଡ଼ିଶାକୁ ଭାସି ଆସିଥିବାବେଳେ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଥିଲେ। ଜଣେ ମତ୍ସ୍ୟଜୀବୀ ତାଙ୍କୁ ଝିଅଭଳି ପାଳି ପୁଣି ଛତିଶଗଡ଼ରେ ଜଣେ ଯୁବକଙ୍କୁ ବିବାହ ଦେଇଥିଲେ।



ନଦୀରୁ ଉଦ୍ଧାର ପରେ ବୃଦ୍ଧାଜଣଙ୍କ ନଦୀ କୂଳରେ ଭିଜିଯାଇଥିବା ଅବସ୍ଥାରେ ଛିଡ଼ା ହୋଇଛନ୍ତି।

# ଟ୍ରାକ୍ଟର ଚକ ଖସି ୨ ଜୀବନ ଗଲା

**ପଦ୍ମପୁର,୨୯।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ କେନ୍ଦୁଗୁଡ଼ା ମେଡିକାଲ ଛକ ନିକଟରେ ଶୁକ୍ରବାର ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣଙ୍କ ଜୀବନ ଚାଲିଯାଇଛି। ସେମାନେ ହେଲେ ନରସିଂହ ଶବର ଏବଂ ଲାଲୁ ବିଡିକା।

ଘଟଣାରୁପ୍ରକାଶ, ଟ୍ରାକ୍ଟରଟି୩୨୬ ନଂ. ଜାତୀୟ ରାଜପଥରେ ଯିବା ସମୟ ହଠାତ୍ ଆଗଚକ ଖସିଯାଇଥିଲା। ଫଳରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଚିକେନ୍ ସେଣ୍ଟର ନିକଟକୁ ମାଡ଼ିଯାଇଥିଲା। ସେଠାରେ ଠିଆ ହୋଇଥିବା ନରସିଂହ ଏବଂ ଲାଲୁ ଉପରେ ଟ୍ରାକ୍ଟର ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣଙ୍କର ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଥିଲା।




# କଲ୍ୟାଣସିଂହପୁରରେ ଝାଡ଼ାବାନ୍ତିରେ ୮ ଆକ୍ରାନ୍ତ

**ରାୟଗଡ଼ା ଅଫିସ,୨୯।୭**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ କଲେରା ନିୟନ୍ତ୍ରଣକୁ ଆସି ନ ଥିବାବେଳେ ନିକଟସ୍ଥ କଲ୍ୟାଣସିଂହପୁର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଲାଣି। ବୁଢ଼ାଗୁଡ଼ା ପଞ୍ଚାୟତରୁ ୮ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଛନ୍ତି। ସେହିପରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଏବଂ ସିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଜଣ ଚିକିତ୍ସାଧୀନ ଅଛନ୍ତି।

ଗୁରୁଡୁଲୀ ଗାଁର ଲକି କୁଲେସିକା(୬୦) ପ୍ରଥମେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସିକରପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ସେ ସୁସ୍ଥ ହୋଇ ଫେରିଥିଲେ। ଏହାପରେ ତାଙ୍କ ବୋହୂ ବାସନ୍ତୀ(୨୭) ଝାଡ଼ାବାନ୍ତିରେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ସିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଆକ୍ରାନ୍ତଙ୍କ ମଧ୍ୟରେ ଗୁରୁଡୁଲୀ ଗାଁର ମୁତୁଲି କାଡ୍ରାକା(୬୦), ସଦାନନ୍ଦ ନିସିକା(୨୦), ସନମା ନାୟକ(୪୦), ଭୁବନ ଗୌଡ଼(୩୦), ବେଲକଣା ଗାଁର ଗିରଞ୍ଜିଲି ନାୟକ (୧୧), କୃଷ୍ଣନଗରରୁ ବିଶ୍ୱନାଥ କାଲକା(୫୦) ରହିଛନ୍ତି। ବାରମ୍ବାର ଝାଡ଼ାବାନ୍ତି ହେବାରୁ ଏମାନଙ୍କୁ ଗୁରୁବାର ସନ୍ଧ୍ୟାରେ ସିକରପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଗୁରୁଡୁଲୀ ଗ୍ରାମରୁ ୮ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ପାଇ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଟିମ୍ ଗାଁରେ ପହଞ୍ଚିଥିବା ଜଣାପଡ଼ିଛି। ଏ ନେଇ ସିଡିଏମ୍‌ଓ ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ୮ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସ୍ୱୀକାର କରିବା ସହ ଡାକ୍ତରଖାନାରେ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଥିବା କହିଛନ୍ତି।

# ଭୁବନେଶ୍ୱରରେ ମୋ ଇ-ବସ୍, ଇ-ରିକ୍ସା ସେବା ଆରମ୍ଭ

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ପ୍ରଥମ ପର୍ଯ୍ୟାୟରେ ଗଡ଼ିଲା ୧୦ ଇ-ବସ, ୫୦ ଇ-ରିକ୍ସା
- ବସ୍‌ରେ ୫୦% ମହିଳା, ରିକ୍ସାରେ ଶତପ୍ରତିଶତ ମହିଳା ଓ କିନ୍ନର ନିଯୁକ୍ତି

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

ଭୁବନେଶ୍ୱରରେ ମୋ ଇ–ବସ୍ ଓ ମୋ ଇ–ରାଇଡ୍ (ଇ–ରିକ୍ସା) ସେବା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏୟାରପୋର୍ଟ ରୋଡ୍ ନବୀନ ନିବାସ ସମ୍ମୁଖରୁ ଏହି ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବିଦ୍ୟୁତ୍ ଦ୍ୱାରା ଚାର୍ଜ ହେଉଥିବା ତଥା ବ୍ୟାଟେରି ଚାଳିତ ଉଭୟ ଇ–ବସ୍ ଓ ଇ–ଅଟୋ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ମୁକ୍ତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସହରରେ ବାୟୁ ପ୍ରଦୂଷଣ କମ୍ କରିବା ପାଇଁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ଟି ଇ–ବସ ଓ ୫୦ଟି ଇ–ରିକ୍ସା ଚଳାଚଳ କରିବ। ଆଗାମୀ ଦିନରେ ୫୦ଟି ଇ–ବସ ଚଳାଚଳ କରାଯିବାର ଲକ୍ଷ୍ୟ ରଖାଯାଇଛି। ଲିଙ୍ଗ ସମାନତା ଉପରେ ଗୁରୁତ୍ୱ ଦିଆଯାଇ କ୍ରୁଟ ପକ୍ଷରୁ ଇ–ବସ୍‌ରେ ଗାଇଡ୍ ଭାବରେ ୫୦ ପ୍ରତିଶତ ମହିଳା ଏବଂ ମୋ ଇ–ରିକ୍ସାରେ ଶତପ୍ରତିଶତ ମହିଳା ଓ କିନ୍ନରଙ୍କୁ ସାରଥୀ ଭାବରେ ନିଯୁକ୍ତି ଦିଆଯାଇଛି। ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମଧ୍ୟ ମହିଳାଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ବସରେ ୩୦ଟି ସିଟ୍ ରହିଥିବାବେଳେ ମହିଳାଙ୍କ ପାଇଁ ସଂରକ୍ଷିତ ଆସନଗୁଡ଼ିକୁ ଗୋଲାପି ରଙ୍ଗରେ ଚିହ୍ନିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଚାଳକମାନଙ୍କୁ ଚାବି ହସ୍ତାନ୍ତର କରିଥିଲେ।

ଇ–ବସ୍‌ଗୁଡ଼ିକ 'ମୋ ବସ୍'ର ୪ଟି ରୁଟ୍‌ରେ ହିଁ ଗତି କରିବ। ସମସ୍ତ ଇ–ବସ୍‌ରେ ଏସି ସୁବିଧା ରହିଛି। ଏହି ନୂତନ ସେବାର ଶୁଭାରମ୍ଭ ଉପଲକ୍ଷେ ସାଧାରଣ ଯାତ୍ରୀମାନେ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ବିନା ଟିକେଟ୍‌ରେ ପ୍ରଦୂଷଣ ବିହୀନ ଇ–ବସ୍ ଯାତ୍ରାର ଅନୁଭବ ନେଇପାରିବେ। ସେହିପରି ଏହି ସେବା ଦ୍ୱାରା ୫୦୦ରୁ ଊର୍ଦ୍ଧ୍ୱ ରୋଜଗାର ସୃଷ୍ଟି ହୋଇଥିବାବେଳେ ଆଗାମୀ ଦିନରେ ଆହୁରି ଅଧିକ ରୋଜଗାର ସୃଷ୍ଟି ହେବାର ସମ୍ଭାବନା ରହିଛି। ଇ–ବସ୍‌ର ଟିକେଟ ମୂଲ୍ୟ ସାଧାରଣ ଏସି ବସ୍ ଟିକେଟ୍ ମୂଲ୍ୟ ସହିତ ସମାନ ରହିଛି। ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବସ୍ ଟିକେଟ୍ ମୂଲ୍ୟରେ ରିହାତି ପୂର୍ବଭଳି ସମାନ ରହିଛି। ମୋ ଇ–ରିକ୍ସା ଭୁବନେଶ୍ୱରର ପଟିଆ, ପାତ୍ରପଡ଼ା ଓ ପୋଖରିପୁଟ ଅଞ୍ଚଳର ବିଭିନ୍ନ ରୁଟ୍‌ରେ ଗଡ଼ିବା ସହିତ ଏହାର ଟିକେଟ୍ ମୂଲ୍ୟ ଫ୍ଲାଟ୍ ୧୦ ଟଙ୍କା ରହିଛି। ଏ ସମ୍ପର୍କରେ ସୂଚନା ଦେଇ କ୍ରୁଟ୍ ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର କହିଛନ୍ତି, ବର୍ତ୍ତମାନ ସମୟକୁ ଲକ୍ଷ୍ୟ କଲେ ବୈଦ୍ୟୁତିକ ଯାନର ଆବଶ୍ୟକତା ଅଧିକ ରହିଛି। କ୍ରୁଟ୍ ପକ୍ଷରୁ ନିଆଯାଉଥିବା ପ୍ରତ୍ୟେକଟି ପଦକ୍ଷେପଗୁଡ଼ିକ ସର୍ବଦା ଅଧିକ ଲୋକପ୍ରିୟତା ହାସଲ କରିଆସୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ, ମେୟର ସୁଲୋଚନା ଦାଶ, ଡେପୁଟି ମେୟର ମଞ୍ଜୁଲତା କଅଁର ପ୍ରମୁଖ ଉପସ୍ଥିତ ଥିଲେ।






> ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। **–ଶ୍ରୀଅରବିନ୍ଦ**



# ବରିଷ୍ଠଙ୍କୁ ଥଇଥାନ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ବରିଷ୍ଠ ଆଇପିଏସ୍ ଅଧିକାରୀ ତପନ ଡେକା ଇଣ୍ଟେଲିଜେନ୍ସ ବ୍ୟୁରୋ(ଆଇବି)ର ନୂଆ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ସେ ତାଙ୍କର ୪ ଜଣ ଆଇବି ସହକର୍ମୀଙ୍କୁ ପଛରେ ପକାଇ ଏହି ନିଯୁକ୍ତି ପାଇଥିଲାବେଳେ, ସେମାନେ ଆଇବି ଛାଡ଼ି ସମ୍ମାନଜନକ ସ୍ଥିତି ବା ପଦବୀକୁ ଫେରିବା ଲାଗି ତୁରନ୍ତ ନିଷ୍ପତ୍ତି ନେଇଥିଲେ। ତେବେ ଡେକାଙ୍କ ନିଯୁକ୍ତିକୁ ନେଇ କିଛି ଅସନ୍ତୋଷ ଲକ୍ଷ୍ୟ କରି ସରକାର ସେମାନଙ୍କ ଅନୁରୋଧକୁ ତୁରନ୍ତ ସ୍ୱୀକୃତି ଦେଇଛନ୍ତି। ତେବେ ଯେଉଁ ୪ ଜଣ ଆଇପିଏସ୍ ଅଧିକାରୀଙ୍କୁ ପଛରେ ପକାଇ ଡେକା ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି ସ୍ପେଶିଆଲ ଡାଇରେକ୍ଟର ଅଫ୍ ଇଣ୍ଟେଲିଜେନ୍ସ ବ୍ୟୁରୋ ଅମିତାଭ ରଞ୍ଜନ। ତାଙ୍କୁ ଏବେ ତ୍ରିପୁରାର ନୂତନ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଭାବେ ନିଯୁକ୍ତି ଦିଆଯାଇଛି। ବିଶେଷସୂତ୍ରରୁ ପ୍ରକାଶ ଯେ, ରଞ୍ଜନ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବଙ୍କ ଜଣେ ଦୃଢ ସମର୍ଥକ। ଏଣୁ ତ୍ରିପୁରାରେ ଆସନ୍ତା ବର୍ଷ ପ୍ରାରମ୍ଭରେ ନିର୍ବାଚନ ହେବାକୁ ଯାଉଥିବାବେଳେ ୧୯୮୮ ବ୍ୟାଚ୍‌ର ଏହି ଆଇପିଏସ୍ ଅଧିକାରୀଙ୍କ ନିଯୁକ୍ତି ପାଇଁ ସବୁ ପ୍ରକାର ଔପଚାରିକତା ପୂରା କରିବାକୁ ଦେବ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଥିଲେ। ଜାଣିବାକୁ ମିଳିଛି ଯେ, ଆଇବି ନିର୍ଦ୍ଦେଶକ ରେସ୍‌ରେ ପଛରେ ପଡ଼ିଥିବା ତିନି ଜଣ ଅଧିକାରୀ ଆଇବି ଛାଡ଼ି ଦେଇଛନ୍ତି। ସ୍ପେଶିଆଲ ଡାଇରେକ୍ଟର ମନୋଜ କୁମାର ଲାଲ ତାଙ୍କ ମୂଳ ୟୁଟି କ୍ୟାଡରକୁ ଫେରିଥିବାବେଳେ ମନୋଜ ଯାଦବଙ୍କୁ ଜାତୀୟ ମାନବ ଅଧିକାର କମିଶନକୁ ଡାଇରେକ୍ଟର ଜେନେରାଲ(ଇନ୍‌ଭେଷ୍ଟିଗେଶନ) ଭାବେ ପଠାଇ ଦିଆଯାଇଛି। କେବଳ ଡେକାଙ୍କ ଜୁନିୟର ଅନିଶ ଦୟାଲ ସିଂ ଆଇବିର ସ୍ପେଶିଆଲ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଏହି ଆଇପିଏସ୍ ଅଧିକାରୀମାନଙ୍କୁ ଅନ୍ୟ ର୍‌ୟାଙ୍କରେ ଉପଯୁକ୍ତ ପଦବୀରେ ଅବସ୍ଥାପିତ କରିବା ପରେ ସ୍ଥିତି ଶାନ୍ତ ପଡ଼ିଛି। ଉଲ୍ଲେଖନୀୟ, ବରିଷ୍ଠତା ଭିତ୍ତିରେ ଆଇବିର ଶୀର୍ଷ ପଦବୀ ପୂରଣ ହେବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଜଣେ ଜୁନିୟର ବା କନିଷ୍ଠ ଅଧିକାରୀ ଭାବେ ଡେକା ଏଥିରେ ଅବସ୍ଥାପିତ ହେବା ପ୍ରଥମ ଘଟଣା ନୁହେଁ। ତେବେ ମନୋଜ ଯାଦବ, ମନୋଜ କୁମାର ଲାଲ ଏବଂ ଅମିତାଭ ରଞ୍ଜନଠାରୁ ଡେକା ଜୁନିୟର।

### ଦ୍ରୌପଦୀଙ୍କ ଟିମ୍

ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମୟର ଟପ୍ ଟିମ୍‌ରେ କୌଣସି ପରିବର୍ତ୍ତନ ନ ହେବା ଏକ ନିଆରା ଘଟଣା ଏବଂ ଆଶ୍ଚର୍ଯ୍ୟଜନକ ମଧ୍ୟ। ଏହି ସରକାରଙ୍କ ପାଖରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିକାରୀମାନଙ୍କ ବିଶ୍ୱସନୀୟତା ଓ ପୂର୍ବ କାର୍ଯ୍ୟ ନିଷ୍ପାଦନର ରେକର୍ଡ ରହିଛି, ଯାହା ଫଳାଫଳ ନିଶ୍ଚିତ ରୂପେ ଏଠାରେ ଘଟିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମୟରେ କାର୍ଯ୍ୟ କରୁଥିବା ରାଷ୍ଟ୍ରପତିଭବନର ୪ ଜଣ ବରିଷ୍ଠ ଅଧିକାରୀଙ୍କୁ ପାଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ରାଷ୍ଟ୍ରପତିଙ୍କ ସଚିବ କପିଲ ଦେବ ତ୍ରିପାଠୀ, ଯୁଗ୍ମ ସଚିବ ଅଜୟ ଭାଦୋ, ଅଫିସର ଅନ୍ ସ୍ପେଶିଆଲ ଡ୍ୟୁଟି ଜଗନ୍ନାଥ ଶ୍ରୀନିବାସନ ଏବଂ ପ୍ରେସ୍ ସଚିବ ଅଜୟ କୁମାର ସିଂ। ଯଦିଓ ଏହି ଅଧିକାରୀମାନେ ରାମନାଥ କୋବିନ୍ଦଙ୍କ ସମୟରେ କୋ-ଟର୍ମିନସ ଆଧାରରେ କାର୍ଯ୍ୟ କରୁଥିଲେ, ତଥାପି କ୍ୟାବିନେଟ ଆପଏଣ୍ଟମେଣ୍ଟ କମିଟି ସେମାନଙ୍କ କାର୍ଯ୍ୟକାଳ ଜୁଲାଇ ୨୫ ପରେ କିମ୍ବା ଅନ୍ୟ ନିର୍ଦ୍ଦେଶ ଜାରି ହେବା ପର୍ଯ୍ୟନ୍ତ ଦୁଇ ମାସ ସମ୍ପ୍ରସାରଣକୁ ସ୍ୱୀକୃତି ଦେଇଛି। ଏକ ସକ୍ଷମ ଏବଂ ଦକ୍ଷ ପ୍ରମାଣିତ ଶାସନ ଓ ସରକାର କେମିତି ନୂଆ ରାଷ୍ଟ୍ରପତିଙ୍କୁ ତାଙ୍କ ନିଜ ଟିମ୍ ଗଢିବାକୁ ଦେଲା ନାହିଁ ତାହାକୁ ନେଇ ଆମେ ଆଶ୍ଚର୍ଯ୍ୟ ହେଉଛୁ। ଏପରି କି ପାରମ୍ପରିକ ଭାବେ ଏକ ସିଦ୍ଧାନ୍ତ ରହିଛି ଯେ ବ୍ୟବସ୍ଥା ଦ୍ୱାରା ସାଧାରଣ ଭାବେ ରାଷ୍ଟ୍ରପତି ପଦର ଏହା ଏକ ବିଶେଷାଧିକାର, ଯାହାକୁ ଜଣେ ଅନ୍ୟମାନଙ୍କଠାରୁ ଅଧିକ ପ୍ରୟୋଗ କରିବାକୁ ପସନ୍ଦ କରିବେ। ସମ୍ଭବତଃ, ଶେଷରେ ଦ୍ରୌପଦୀ ନିଜେ ତାଙ୍କ ବିଶ୍ୱସ୍ତ ସହଯୋଗୀଙ୍କୁ ନେଇ ଟିମ୍ ଏକାଠି କରିବେ । ତେବେ ରାଷ୍ଟ୍ରପତି ତାଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇଥିବାରୁ ଏହି ଅଧିକାରୀମାନେ ଏବେ ଏକ ନିରନ୍ତର ପରିବର୍ତ୍ତନ ସୁନିଶ୍ଚିତ କରିବାକୁ ଚାହିଁବେ ।

### ଅଧିକାରୀ ଅଭାବ

ସିଭିଲ ସର୍ଭିସ ଅଧିକାରୀମାନଙ୍କ ଅଭାବଜନିତ ସମସ୍ୟାରୁ ମୁକ୍ତି ପାଇବା ଲାଗି କେନ୍ଦ୍ର ଲଗାତର ସଂଘର୍ଷ କରୁଛି। କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ପାର୍ଲାମେଣ୍ଟରେ ସୂଚନା ଦେଇଛନ୍ତି ଯେ, ୨୦୨୧-୨୨ରେ ୟୁପିଏସ୍‌ସି କେନ୍ଦ୍ର ସରକାରଙ୍କ ଚାକିରି ପାଇଁ ୪,୧୧୯ ପ୍ରାର୍ଥୀଙ୍କୁ ସୁପାରିସ କରିଥିଲା। ଏହା ବିଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ରରେ ଚାକିରି ସ୍ଥିତିର ସବୁଠୁ କମ୍ ସଂଖ୍ୟା। ୨୦୨୪ ସାଧାରଣ ନିର୍ବାଚନ ଉପରେ ମୋଦି ସରକାରଙ୍କ ଦୃଷ୍ଟି ରହିଥିବାରୁ ଏହା ସ୍ପଷ୍ଟ ଯେ, ଶାସନକୁ ଫେରିବାର ସରକାର ଯେଉଁ ଦାବି କରୁଛନ୍ତି ସେଥିରେ ଶାସନ ବ୍ୟବସ୍ଥା ସବୁଠୁ ବଡ଼ ପ୍ରସଙ୍ଗ ହେବ। ଆଇଏଏସ୍ ଅଧିକାରୀଙ୍କ ଅଭାବ ଅନେକ ରାଜ୍ୟକୁ କ୍ୟାଡର ପଦବୀରେ ଅଣ କ୍ୟାଡର ଅଧିକାରୀମାନଙ୍କୁ ନିଯୁକ୍ତି ଦେବା ଲାଗି ପଦକ୍ଷେପ ନେବାକୁ ଏବଂ ନିର୍ଦ୍ଧାରିତ ସମୟସୀମା ପରେ ସେମାନଙ୍କୁ କାର୍ଯ୍ୟ କରାଇବାକୁ ବାଧ କରୁଛି। ଆଇଏଏସ୍ ଅଧିକାରୀ ଅଭାବ ବିଷୟ ନୂଆ ନୁହେଁ। ବହୁ ପୂର୍ବରୁ ୧୯୫୧ରେ ଆବଶ୍ୟକ ୧୨୩୨ ଅଧିକାରୀଙ୍କ ତୁଳନାରେ ୩୩୬ ଜଣ କମ୍ ଥିଲେ। ଅନେକ ଦଶନ୍ଧି ଧରି ନିଯୁକ୍ତି ଅନ୍ତର କମିବା ବଦଳରେ ବଢିଚାଲିଛି। ପ୍ରଶ୍ନ ହେଉଛି, ସରକାର ପରେ ସରକାର ଆସିଛନ୍ତି, କିନ୍ତୁ ବାର୍ଷିକ କ୍ୟାଡର ସମୀକ୍ଷା ହେବା ଏବଂ ଅନେକ ପ୍ୟାନେଲର ସୁପାରିସ ସତ୍ତ୍ୱେ କାହିଁକି ଏହି ସମସ୍ୟା ସମାଧାନ କରିନାହାନ୍ତି ? ଆଶା କରାଯାଏ, ମୋଦି ପ୍ୟାନେଲ ଦ୍ୱାରା କରାଯାଇଥିବା ଜରୁରୀ ସୁପାରିସ ଏଦିଗରେ ଦୃଢ ସଙ୍କଳ୍ପ ସହିତ କାର୍ଯ୍ୟ କରିବାକୁ ପ୍ରେରିତ ବା ଜାଗ୍ରତ କରିବ।

Email: dilipcherian@gmail.com

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 9 | | 4 | | | |
| | | | | | 6 | | 8 | 3 |
| | | 2 | 3 | 1 | | | | |
| | 2 | 3 | | | | 7 | | |
| 5 | 1 | | | | | | | |
| | 9 | 7 | | | | | 5 | 6 |
| | | | | 8 | | 2 | | |
| | 3 | 8 | | 9 | | | | |
| 4 | | 9 | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 8 | 7 | 6 | 2 | 4 | 3 |
| 7 | 2 | 8 | 5 | 4 | 3 | 9 | 1 | 6 |
| 4 | 6 | 3 | 2 | 9 | 1 | 7 | 5 | 8 |
| 2 | 3 | 4 | 9 | 6 | 8 | 1 | 7 | 5 |
| 6 | 8 | 5 | 7 | 1 | 2 | 4 | 3 | 9 |
| 9 | 7 | 1 | 4 | 3 | 5 | 8 | 6 | 2 |
| 8 | 4 | 2 | 6 | 5 | 7 | 3 | 9 | 1 |
| 3 | 9 | 6 | 1 | 8 | 4 | 5 | 2 | 7 |
| 5 | 1 | 7 | 3 | 2 | 9 | 6 | 8 | 4 |

ଗତକାଲିର ଉତ୍ତର

# କାଶୀପୁର: ବିକାଶକୁ ହଇଜା



**ବିଚିତ୍ର ବିଶ୍ୱାଳ**

ଦୀର୍ଘ ୧୦ବର୍ଷ ପରେ ପୁଣି ଥରେ ହଇଜା ଓ ମୃତ୍ୟୁ ପାଇଁ ଚର୍ଚ୍ଚାକୁ ଫେରିଛି କାଶୀପୁର। ରାୟଗଡ଼ା ଜିଲାର ଆଦିବାସୀ ଅଧ୍ୟୁଷିତ ବ୍ଲକ୍ କାଶୀପୁର ପୂର୍ବରୁ ଅନେକ ଥର ଚର୍ଚ୍ଚିତ ହୋଇଛି ଆମ୍ବଟାକୁଆ, ପିଲା ବିକ୍ରି, ଦାରିଦ୍ର୍ୟ ଓ ହଇଜା ଜନିତ ମୃତ୍ୟୁ ପାଇଁ। କିନ୍ତୁ ସତେବେଳେ ଓଡ଼ିଶା ଦେଶର ବିକାଶର ମାନକରେ ଅନେକ ପଛରେ ପଡ଼ିଥିଲା। ଏବେ ଆମ ରାଜ୍ୟ ବିକାଶର ମାନକରେ ବହୁ ଆଗରେ। ଗୋଟିଏ ପରେ ଗୋଟିଏ ପୁରସ୍କାର ଓ ପ୍ରଶଂସାପତ୍ର ସାଉଁଟୁଛନ୍ତି ସରକାର। ତଥାପି ରାଜ୍ୟରେ ଲୋକମାନେ ଝାଡ଼ାବାନ୍ତି ଓ ହଇଜାରେ ପ୍ରାଣ ହରାଉଛନ୍ତି। ସମ୍ପ୍ରତି କାଶୀପୁରରେ ହଇଜା ମୃତ୍ୟୁର ଖବର ଆମ ରାଜ୍ୟକୁ ନବେ ଦଶକର ସେହି ଦୁର୍ଦ୍ଦିନ ଆଡ଼କୁ ଫେରାଇନେଉଥିବା ପରି ମନେହେଉଛି।

ଗତ ଜୁଲାଇ ୧୨ ରେ କାଶୀପୁରରେ ପ୍ରଥମେ କେତେଜଣ ଲୋକ ଝାଡ଼ାବାନ୍ତିର ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ିବା ପରେ ସବୁଥର ପରି ଏଥର ମଧ୍ୟ ଆଲୋଚନା ସିଧା ଆମ୍ବ ଟାକୁଆ ଆଡ଼କୁ ଚାଲିଗଲା। ବାହାରର ଲୋକମାନେ ଅତ୍ୟନ୍ତ ସମ୍ବେଦନଶୂନ୍ୟ ହୋଇ ଆଲୋଚନା କରିବାକୁ ଲାଗିଲେ ଯେ, ଆଦିବାସୀମାନେ ଆମ୍ବଟାକୁଆ ଖାଇ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରୁଛନ୍ତି। ଆଦିବାସୀଙ୍କ ଜୀବନ ଜୀବିକା, ସଭ୍ୟତା, ସଂସ୍କୃତି ନ ଜାଣି ସେମାନଙ୍କ ବିଷୟରେ ଏପରି ମତ ଦେବା ଠିକ୍ କି? ଏଠାରେ ସୂଚନାଯୋଗ୍ୟ, ଆଦିବାସୀମାନେ ପରମ୍ପରାଗତ ଭାବେ ବିଭିନ୍ନ ପ୍ରକାର ଅଣଚାଷ ଖାଦ୍ୟ ଖାଇ ଆସୁଛନ୍ତି ଓ ତାହା ସେମାନଙ୍କର ଖାଦ୍ୟ ବ୍ୟବସ୍ଥାର ଏକ ପ୍ରମୁଖ ଅଂଶ। ଯେତେବେଳେ ବି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହଇଜା ଓ ଝାଡ଼ାବାନ୍ତିର କଥା ଆସେ ସେତେବେଳେ ଆଦିବାସୀମାନଙ୍କର ଖାଦ୍ୟ ଅଭ୍ୟାସ କଥା ହିଁ ଚର୍ଚ୍ଚାକୁ ଆଣି ଚତୁରତାର ସହିତ ମୌଳିକ ସୁବିଧା ସୁଯୋଗର ଆଲୋଚନାକୁ ଏଡ଼ାଇଦିଆଯାଏ। ଆଜି ଯେତେବେଳେ କାଶୀପୁର ହଇଜା ପାଇଁ ଚର୍ଚ୍ଚା ହେଉଛି, ସେତେବେଳେ ଦେଖିବାକୁ ମିଳୁଛି ଯେ କାଶୀପୁରର ଏକାଧିକ ଗାଁରେ ଏବେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳର ସୁବିଧା ନାହିଁ। ସେହି ଅଞ୍ଚଳରେ ଡାକ୍ତରଖାନାର କୋଠା ଅଛି, କିନ୍ତୁ ଡାକ୍ତର ନାହାନ୍ତି। ରୋଗୀଙ୍କ ପାଇଁ ଶଯ୍ୟା ନାହିଁ। ଡାକ୍ତରଖାନାର ପରିସର ପରିଷ୍କାର ପରିଚ୍ଛନ୍ନତା ଦୃଷ୍ଟିରୁ ଅତ୍ୟନ୍ତ ଖରାପ। ଫଳରେ ଲୋକମାନେ ଝାଡ଼ାବାନ୍ତିର ଶିକାର ହେବା ପରେ ଡାକ୍ତରଖାନାକୁ ଯିବା ପରେ ଉପଯୁକ୍ତ ଚିକିତ୍ସା ପାଉନାହାନ୍ତି।

କାଶୀପୁର ବ୍ଲକର ଟିକିରି ଗାଁକୁ ଏକ ନଳକୂପରୁ ପାଇପ ମାଧ୍ୟମରେ ପାଣି ଯୋଗାଇବାର ବ୍ୟବସ୍ଥା ଅଛି, କିନ୍ତୁ ବର୍ଷାଦିନେ ଅଧିକାଂଶ ସମୟ ସୋଲାର କାମ କରୁ ନ ଥିବାରୁ ପାଇପରେ ପାଣି ଆସି ନ ଥାଏ। ଟିକିରି କଲୋନିସାହି, ଟିକିରି କୋରାପୁଟ ସାହିର ମଧ୍ୟ ପାନୀୟ ଜଳ ସମସ୍ୟା ରହିଛି। ଯଦିଓ



ଗାଁକୁ ପାନୀୟଜଳର ଯୋଗାଣ ବ୍ୟବସ୍ଥା ଅଛି କିନ୍ତୁ ସେହି ପାନୀୟ ଜଳର ଉତ୍ସ ପ୍ରଦୂଷିତ ବୋଲି ଗାଁର ଲୋକମାନେ ଅଭିଯୋଗ କରନ୍ତି। ଡୁଡୁକାବାହାଲ ଗାଁରେ ଉଭୟ ପାଇପ୍ ପାଣି ଯୋଗାଣ ଓ ନଳକୂପ ଥିଲେ ମଧ୍ୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ ଯେଉଁ ଉତ୍ସରୁ ପାଇପ୍ ପାଣି ଯୋଗାଣ ହେଉଛି, ସେଠାରେ ବିଭିନ୍ନ ପ୍ରକାର ଆବର୍ଜନା ମିଶି ତାହା ପ୍ରଦୂଷିତ ହେଉଛି। ଅନେକ ସ୍ଥାନରେ ପାଇପ୍ ଫାଟି ମଧ୍ୟ ପାଣି ପ୍ରଦୂଷିତ ହେଉଛି ଓ ଲୋକମାନେ ସେହି ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏଠାରେ ସୂଚନାଯୋଗ୍ୟ, ଏହିସବୁ ଗାଁ ହେଉଛି ଟିକିରିରେ ଥିବା ଏକ କମ୍ପାନୀର ପାଖାପାଖି ଗାଁ। ନିକଟସ୍ଥ ଉଷାପଡ଼ା ଡାକ୍ତରଖାନାଟି ହେଉଛି ସେହି କମ୍ପାନୀର ଡାକ୍ତରଖାନା। ମୃତ୍ୟୁବରଣ କରିଥିବା ଏହି ସବୁ ଗାଁର ଅଧିକାଂଶ ଲୋକ ପ୍ରଥମେ ଡାକ୍ତରଖାନାକୁ ଯାଇ ସେଠୁ ଫେରିବା ପରେ ହିଁ ମୃତ୍ୟୁବରଣ କରିଛନ୍ତି। ତା'ହେଲେ ପ୍ରଶ୍ନ ଉଠୁଛି, କମ୍ପାନୀ ତିଆରି କରିଥିବା ଉଷାପଡ଼ା ଡାକ୍ତରଖାନା ଝାଡ଼ାବାନ୍ତି ପରି ରୋଗକୁ ଚିକିତ୍ସା କରିବା ପାଇଁ କ'ଣ ଯଥେଷ୍ଟ ସକ୍ଷମ ନୁହେଁ। ସରକାରଙ୍କ ତରଫରୁ କୁହାଯାଉଛି ଉଷାପଡ଼ା ଡାକ୍ତରଖାନା ଏକ ୫୦ ଶଯ୍ୟା ବିଶିଷ୍ଟ ଉନ୍ନତମାନର ଡାକ୍ତରଖାନା। ତା'ହେଲେ ବିପଦରେ ଥିବା ରୋଗୀମାନଙ୍କୁ ସେଠାରେ ନ ରଖି ଘରକୁ ପଠାଇ ଦିଆଯାଉଥିଲା କାହିଁକି? ସେମାନଙ୍କ ଚିକିତ୍ସା ପୂର୍ଣ୍ଣ ହେବା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଉଥିଲା ନା କେବଳ ରୋଗୀମାନଙ୍କୁ ସାମାନ୍ୟ ଟିକିଏ ଚିକିତ୍ସା ଯୋଗାଇ ଡାକ୍ତରଖାନା ନିଜ ଦାୟିତ୍ୱ ସାରି ଦେଉଥିଲା! ଆଜି ଯେତେବେଳେ କୁହାଯାଉଛି, କମ୍ପାନୀ ହେଲେ ଲୋକମାନଙ୍କର ବିକାଶ ହେବ ଓ କମ୍ପାନୀ ନିଜ ପାରିପାର୍ଶ୍ୱିକ ଗାଁଗୁଡ଼ିକର ବିକାଶର ଦାୟିତ୍ୱ ନେଉଛି ଓ ନେବ, ସେତେବେଳେ ଟିକିରିର ହଇଜା ମୃତ୍ୟୁ ଆମ ଆଗରେ ଏକ ନଗ୍ନ ସତ୍ୟକୁ ଟେକି ଧରୁଛି। ପାରିପାର୍ଶ୍ୱିକ ବିକାଶ ନାଁରେ କମ୍ପାନୀ କିପରି ସ୍ୱାସ୍ଥ୍ୟସେବା ଯୋଗାଉଛି ତାହା ଆମେ ଏକାଧିକ ହଇଜା ମୃତ୍ୟୁରୁ ସୂଚନା ପାଉଛେ। ଏହି ଘଟଣା ପରେ ଆମ ସରକାର ଓ କମ୍ପାନୀ ସପକ୍ଷବାଦୀ ବୁଦ୍ଧିଜୀବୀମାନଙ୍କର ଚେତା ପଶିବ କି ? ଲୋକମାନଙ୍କୁ ନିଜ ଭିଟାମାଟିରୁ ଉଚ୍ଛେଦକରି ଥରେ କମ୍ପାନୀ ପ୍ରତିଷ୍ଠିତ ହୋଇଗଲେ, ତା'ପରେ କମ୍ପାନୀର ଲୋକମାନଙ୍କ ପ୍ରତି ବ୍ୟବହାର 'କାଣିଆ କିଏ ନା କପିଳା କିଏ' ପରି ହୋଇଯାଉଛି ବୋଲି ଆଉ ବୁଝିବାରେ ବାକି ନାହିଁ।

ଏତଦ୍‌ବ୍ୟତୀତ ଆମେ ଦେଖୁଛେ ଯେ, ହଇଜା ବ୍ୟାପିଥିବା କାଶୀପୁରର ଗାଁଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳର ଘୋର ଅଭାବ ରହିଛି। ଯଦି ବି ପାଇପ୍ ପାଣି ଯୋଗାଣ ବ୍ୟବସ୍ଥା ଅଛି, ତାହା ପ୍ରଦୂଷଣମୁକ୍ତ ନୁହେଁ। ଯେଉଁଠି ନଳକୂପ ଅଛି, ତା' ଚାରିପଟ ଭୀଷଣ ଆବର୍ଜନା ଜମାହୋଇ ଭୂତଳ ଜଳ ପ୍ରଦୂଷିତ ହେଉଛି। ଫଳରେ ଗୋଟିଏ ପରେ ଗୋଟିଏ ଗାଁକୁ ହଇଜା ବ୍ୟାପୁଛି। ତୃଣମୂଳ ସ୍ତରରୁ ସଂଗ୍ରହ କରାଯାଇଥିବା ତଥ୍ୟ ଅନୁସାରେ ଶଙ୍କରଡ଼ା ପଞ୍ଚାୟତର ଗୋବରଘାଟି ଗାଁରେ ଥିବା ନଳକୂପର ଚାରିପଟେ ପଟେ ପ୍ରଚୁର ଆବର୍ଜନା ଥାଇ ପାଣି ଜମା ହୋଇରହିଛି। ସେହି ନଳକୂପରୁ ପାଣି ପିଇଲେ ସେଥିରୁ ଗନ୍ଧ ବାହାରୁଛି। ସେହି ପଞ୍ଚାୟତର ମିନାଦୁର୍ଗା ଗାଁରେ ଆଦୌ ନଳକୂପ ନାହିଁ। ଲୋକମାନେ ଝରଣାର ଗୋଳିଆ ପାଣି ପିଉଛନ୍ତି। କାରିଣୀପାଈ ଗାଁରେ ଥିବା ଏକମାତ୍ର ନଳକୂପ ଚାରିପଟେ ଅପରିଷ୍କାର ପାଣି ଜମି ରହିଛି। ସେଠାରେ ଡ୍ରେନ୍‌ର କୌଣସି ସୁବିଧା ନାହିଁ। ସିରିପାଇ ପଞ୍ଚାୟତର କଳାକାନି ଗାଁରେ ନଳକୂପ ନାହିଁ। ସେଠାକୁ ସ୍ୱଜଳଧାରା ଯୋଜନାରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କିନ୍ତୁ ପାଣିର ଉତ୍ସଟି ଖୋଲା ଅଛି। ତା' ଉପରେ ଢାଙ୍କୁଣୀ ନାହିଁ। ଫଳରେ ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ପଡ଼ି ତାହା ପାଣିକୁ ପ୍ରଦୂଷିତ କରୁଛି। ସୁଙ୍ଗେର ପଞ୍ଚାୟତର ଧାମଣଘାଟି ଗାଁରେ ଗୋଟିଏ ନଳକୂପ ଅଛି ଓ ସେଇଟି ଅଚଳ ଅବସ୍ଥାରେ ଅଛି। ଲୋକମାନେ ବ୍ଲକ୍ ପ୍ରଶାସନକୁ ଏକାଧିକ ଥର ଅଭିଯୋଗ କରିଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ବାଧ୍ୟହୋଇ ଲୋକମାନେ ନଦୀ ଓ ଝରଣାର ପାଣି ପିଉଛନ୍ତି।

ସମ୍ପ୍ରତି କାଶୀପୁରର ହଇଜା ମୃତ୍ୟୁ ପୁଣି ଥରେ ପ୍ରମାଣ କରିଦେଲା, ଗୋଟିଏ ପଟେ ଆମେ ବିକାଶର ବାହୁସ୍ଫୋଟ ମାରୁଥିବା ବେଳେ ଏବେ ବି ସାଧାରଣ ଲୋକଙ୍କ ପାଖରେ ସ୍ୱଚ୍ଛ ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ପରି ମୌଳିକ ସୁବିଧା ଉପଲବ୍ଧ ନାହିଁ। ସରକାର ପ୍ରଥମେ ଏହି ସବୁ ମୌଳିକ ସୁବିଧା ସୁଯୋଗ ଲୋକଙ୍କ ପାଖରେ ପହଞ୍ଚାଇବାର ସଫଳ ବ୍ୟବସ୍ଥା କରିବା ପାଇଁ ଦାୟିତ୍ୱବାନ୍ ହେବେ କି?

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ- ୯୪୩୮୪୬୮୪୭୪**

# ଜଳ ଓ ଜଳାଭିଷେକ



**ସୁଧିରାଜ ରାଉତ**

କିଛିଦିନ ତଳେ ଜଣେ ବନ୍ଧୁ ଏବର ବୋଲବମରେ ବିରକ୍ତ ହୋଇ କହିଲେ "ଆମ ଧର୍ମକୁ ଲୋକହସା କରିବାଛଡ଼ା ଏସବୁ ଆଉ କ'ଣ ? ଏହାଠାରୁ ବଡ଼ ଅନ୍ଧ ଆବେଗ ଅନ୍ଧବିଶ୍ୱାସ କ'ଣ ଅଛି ? ବନ୍ଧୁଙ୍କର ପ୍ରଶ୍ନ ମୋତେ ମନେପକାଇ ଦେଲା ୧୦/୧୨ ବର୍ଷ ତଳେ କିଛି ବନ୍ଧୁଙ୍କୁ ନେଇ ଜୟପୁର ନିକଟ ନଦୀରୁ ଜଳ କାଉଡ଼ିରେ ଭରି ୬୦ କିଲୋମିଟର ଗୁପ୍ତେଶ୍ୱର ଶୈବପୀଠକୁ ଯାତ୍ରାର କଥା। ବର୍ଷା ହେଉଥାଏ। କାନ୍ଧରେ ଜଳ ଭର୍ତ୍ତି କାଉଡ଼ି, ଅମା ଅନ୍ଧାରରେ ଘଞ୍ଚ ବନାନୀ ବାଘ ଭାଲୁ ଭୟକୁ ବେଖାତିର କରି ତମାମ ରାତି ଚାଲିବା କିଭଳି ସେଦିନ ମୋ ପାଇଁ ସମ୍ଭବ ହୋଇଥିଲା ସତେ ? ବନ୍ଧୁଙ୍କ ପ୍ରଶ୍ନ ଆଉ ମୋର ସେ ଦିନ ଅନୁଭବ ଭିତରେ ଖୋଜୁଥିଲି କାଉଡ଼ି ଭରା ଜଳ, ପ୍ରତି ସୋମବାର ମୋର ଜଳାଭିଷେକ କ'ଣ ପ୍ରକୃତରେ କିଛି ଗୁପ୍ତ ସତ୍ୟକୁ ଧାରଣ କରୁଛି? କ'ଣ ଏହା ଜୀବନରେ ଶୁଭତ୍ୱ ଦେବାକୁ ସାମର୍ଥ୍ୟ ରଖୁଛି? କିଛିଦିନ ଜଳମନସ୍କ ଭିତରେ ଜଳର ଅଦ୍ଭୁତ ସ୍ୱରୂପ ଦର୍ଶନ କରି ବିମୋହିତ ହେଲି। ଏହି ଜଳ କ'ଣ। ପୃଥିବୀରେ ୭୦ ଭାଗରୁ ଅଧିକ ଜଳ ଥିବା ବେଳେ ଆମେ ଚନ୍ଦ୍ରାୟଣ ପଠାଇ ଚନ୍ଦ୍ରରେ ଜଳ ଖୋଜୁଛୁ। ମାନବ ଏହି ଜଳକୁ କେତେ ବୁଝିଛି। ଏ ପ୍ରଶ୍ନର ଗହିରତାକୁ ନ ଗଲେ ଜଳାଭିଷେକର ନିହିତ ଅନ୍ତଃସତ୍ୟକୁ ବୁଝିବା ସମ୍ଭବ ନୁହେଁ। ଆମେ ପଢିଛୁ -ଜଳ ଦୁଇଟି ମୌଳିକକୁ ନେଇ ସୃଷ୍ଟ, ତାହା ଉଦଜାନ ଓ ଅମ୍ଳଜାନ। ୫୦୦୦ ବର୍ଷ ତଳେ ବୈଦିକ ଦର୍ଶନରେ ଲେଖାଅଛି, ଜଳ ଦୁଇଟି ତତ୍ତ୍ୱକୁ ନେଇ ସୃଷ୍ଟ, ତାହା ହେଲା ବାୟୁ ଏବଂ ଅଗ୍ନି। ଏଭଳି ଲେଖା ଅଛି ଆକାଶ ତତ୍ତ୍ୱରୁ ପ୍ରଥମେ ବାୟୁତତ୍ତ୍ୱ ସୃଷ୍ଟି ହେଲା, ବାୟୁତତ୍ତ୍ୱରୁ ଅଗ୍ନିତତ୍ତ୍ୱ ଜନ୍ମ ନେଲା ଏବଂ ବାୟୁ ଅଗ୍ନି ମିଶି ଜଳତତ୍ତ୍ୱକୁ ସୃଷ୍ଟି କଲେ। ଆଧୁନିକ ବିଜ୍ଞାନ ଏବଂ ବୈଦିକ ଦର୍ଶନରେ ଜଳସୃଷ୍ଟିକୁ ନେଇ ବାହ୍ୟ ସମାନତା ଥିଲେ ମଧ୍ୟ ବୈଦିକ ଦୃଷ୍ଟି ଭିନ୍ନ ଏବଂ ବ୍ୟାପକ। ଏଇ ଭିନ୍ନତାକୁ ନ ବୁଝିଲେ ଜଳକୁ ଠିକ୍ ରୂପେ ବୁଝିବା ସମ୍ଭବ ନୁହେଁ। ଜଳ ଉଦଜାନ ଓ ଅମ୍ଳଜାନର ଏକ ରାସାୟନିକ ପରିଣାମ ମାତ୍ର ନୁହେଁ, ବୈଦିକ ଦୃଷ୍ଟିରେ ଏହି ପରିଣାମ ଏକ ଅବକାଶ ସୃଷ୍ଟି କରେ,ଏକ ଆଧାର ସୃଷ୍ଟିକରେ ଜଳତତ୍ତ୍ୱ ବା ଜଳ ସତ୍ତାଙ୍କୁ ପ୍ରକାଶିତ ହେବାକୁ। ଋଷି ଶ୍ରୀଅରବିନ୍ଦ କହିଛନ୍ତି- ଉଦଜାନ ଓ ଅମ୍ଳଜାନ ମିଶି ଜଳ ସୃଷ୍ଟି କରିନାହାନ୍ତି, ଏକ ଅବକାଶ ସୃଷ୍ଟି କରିଛନ୍ତି ଜଳରୂପି ଚୈତନ୍ୟକୁ ଅବତରି ଆସିବାକୁ ଏବଂ ପ୍ରକାଶ ହେବାକୁ। ତେଣୁ ପ୍ରଥମେ ଜଳ ବା ଜଳସତ୍ତାଙ୍କୁ ବୁଝିବାର ସର୍ତ୍ତ ହେଉଛି - ଜଳ ଏକ ରାସାୟନିକ ପରିଣାମ ମାତ୍ର ନୁହେଁ, ଜଳ ଏକ ଚୈତନ୍ୟ, ଏକ ସଚେତନ ସତ୍ତା। ଆମେ ସମସ୍ତେ ଜଳର ଶୁଦ୍ଧତା କଥା ଜାଣୁ । ସେ କିଭଳି ଆମ ଶରୀର ଏବଂ ଆବଶ୍ୟକ ଉପାଦାନ ସବୁକୁ ଧୋଇ ଶୁଦ୍ଧ କରେ। କିନ୍ତୁ ଆମେ ଯଦି ଜଳକୁ ଏକ ଜୀବନ୍ତ ସତ୍ତା ବା ଦେବତା ରୂପେ ଦେଖି ଶିଖନ୍ତେ ଏଇ ପବିତ୍ର ଜଳ ଆମ ମନ ପ୍ରାଣର



ବହୁ କାଳିମାକୁ ଧୋଇ ଆମକୁ ଅପୂର୍ବ ଶୁଦ୍ଧତାରେ ଭରିଦିଅନ୍ତେ। ଶ୍ରୀମା କହୁଥିଲେ ଆମେ ଯଦି ବର୍ଷାରେ ଭିଜି ଜାଣିବା ଏହି ଜଳକଣା ଆମ ଶରୀରରୁ ଦୁଃସାଧ୍ୟ ରୋଗକୁ ଧୋଇ ଆମକୁ ରୋଗମୁକ୍ତ କରି ପାରିବ। ଯେଉଁମାନେ ବିଜ୍ଞାନକୁ ବିଶ୍ୱାସ କରନ୍ତି କୌଣସି କଥାକୁ ବିନା ପରୀକ୍ଷାରେ ଅବିଶ୍ୱାସ କରିବା ଉଚିତ ନୁହେଁ। ଜଳ ଯେଭଳି ପବିତ୍ରତା ପ୍ରଦାନ କରିଥାଏ ସେଇଭଳି ସମୃଦ୍ଧି ମଧ୍ୟ ପ୍ରଦାନ କରିଥାଏ।

ଜଳର ଆଉ ଏକ ଅଦ୍ଭୁତ ସାମର୍ଥ୍ୟ ହେଉଛି ଗ୍ରହଣଶୀଳତା। ଆୟୁର୍ବେଦ କହେ ତମ୍ବାପାତ୍ରରେ ଜଳ ରାତ୍ରରେ ରଖି ସକାଳୁ ଖାଲି ପେଟରେ ପିଇଲେ ଏସିଡ୍ ବା ଅମ୍ଳ ସମସ୍ୟା ଦୂର ହୁଏ। ରାତିତମାମ ଜଳ ତମ୍ବା ପାତ୍ରରେ ରହିବା ଦ୍ୱାରା ତମ୍ବାତ୍ୱକୁ ଗ୍ରହଣ କରିନିଏ ଏବଂ ଏଇ ପାଣି ପିଇବା ଦ୍ୱାରା ପେଟରେ ସୃଷ୍ଟ ଅମ୍ଳ ସହ ତମ୍ବାତ୍ୱ ପ୍ରତିକ୍ରିୟା କରି ଅମ୍ଳର ନକାରାତ୍ମକ ପ୍ରଭାବକୁ ନଷ୍ଟ କରିଦିଏ। ଜଳର ଏଇ ଗ୍ରହଣଶୀଳତା, ପରିସୀମା ଏତେ ବ୍ୟାପକ ଯେ ଆମେ ବୁଦ୍ଧି ଦ୍ୱାରା ବୁଝିବା ସହଜ ବା ସମ୍ଭବ ନୁହେଁ। ଅନେକ ଗବେଷଣା ଏହା କହୁଛି ସକାରାତ୍ମକ ଚିନ୍ତନକୁ ଏକ ଉପାଦାନରୂପେ ଜଳ ଭିତରେ ଦ୍ରବୀଭୂତ କରାଇ ପିଇଲେ ଏହି ସକାରାତ୍ମକ ଭାବନାକୁ ଜଳ ଶରୀରର ସବୁ କୋଷ ପାଖରେ ନେଇ ପହଞ୍ଚାଇ ଦେଇଥାଏ ଏବଂ ଆମକୁ ଆରୋଗ୍ୟ ଏବଂ ସକାରାତ୍ମକ ଜୀବନ ପ୍ରଦାନ କରିଥାଏ। ଆମ ଋଷି, ମୁନିମାନେ ଚରଣାମୃତକୁ କାହିଁକି ଏତେ ପବିତ୍ର ଏବଂ ଶ୍ରେଷ୍ଠ ଭାବନ୍ତି ? କାରଣ ଏହା ଜଗତର ସ୍ରଷ୍ଟାରୂପି ଈଶ୍ୱର ମୂର୍ତ୍ତିର ସ୍ନାନ ଜଳ। ଈଶ୍ୱରଙ୍କ ସ୍ନାନ ଜଳ ଈଶ୍ୱରଙ୍କୁ ଧାରଣ କରିଥାଏ, କାରଣ ଏହା ଜଳର ସ୍ୱଭାବ ବା ଧର୍ମ । ସେଥିପାଇଁ ଆମ ଶାସ୍ତ୍ର ଏହି ଜଳକୁ ଅତି ପବିତ୍ର ମାନେ। କାରଣ ତାହା ଈଶ୍ୱରଙ୍କ ଚେତନାକୁ ଗ୍ରହଣ କରି ଧାରଣ କରିଥାଏ। ଶିବଲିଙ୍ଗରେ ହେଉଥିବା ଜଳାଭିଷେକ ମଧ୍ୟ ଠିକ୍ ଏହି ସତ୍ୟକୁ ବହନ କରୁଛି।

ବର୍ତ୍ତମାନ ଶ୍ରାବଣ ମାସ। ବୋଲବମ କଥାକୁ ବିଚାରକୁ ନେବା। ଆମ ସଂସ୍କୃତିରେ ଶ୍ରାବଣ ଅମୃତ ଧାରାରେ ପୂର୍ଣ୍ଣ ଝରଣା, ନଈ ଜଳକୁ ଈଶ୍ୱରଙ୍କୁ ଅର୍ପଣ କରି ନିଜର କୃତଜ୍ଞତା ମଣିଷ ଜଣାଇଥାଏ। ଯେତେବେଳେ ଜଣେ କାଉଡ଼ିଆ କେଉଁ ନଈ ଝରଣାରୁ ଜଳ ନେଇ ଦୂର ଶିବଲିଙ୍ଗରେ ଅର୍ପିବାକୁ ବାହାରେ ସେଇ ଅର୍ପଣରେ ଥାଏ କୃତଜ୍ଞତା, ଆଉ ନିଜର କିଛି ମନସ୍କାମନା। କାଉଡ଼ିଆ ଜଳ ଧରି ଚାଲୁଥାଏ। ଜଳ କାଉଡ଼ିଆର ଚିନ୍ତା, ଚେତନା, ମନସ୍କାମନାକୁ ତା ସ୍ୱାଭାବିକ ଗ୍ରହଣଶୀଳତା ସାମର୍ଥ୍ୟରେ ଗ୍ରହଣ କରିନେଇଥାଏ। ଜଳ ଅର୍ପଣ ବା ଅଭିଷେକ ବେଳେ ଜଳ ତା ନିଜ ଭାଷାରେ କାଉଡ଼ିଆର ମନକଥା ଈଶ୍ୱରଙ୍କୁ ଜଣାଇଦିଏ। ପୁଣି ଈଶ୍ୱରଙ୍କ ଅଭିଷେକ ଜଳକୁ କାଉଡ଼ିଆ ପାଦୁକ ରୂପେ ଗ୍ରହଣ କରିବା ଦ୍ୱାରା ଈଶ୍ୱରଙ୍କ ଚେତନା ଏବଂ କୃପାକୁ କାଉଡ଼ିଆକୁ ପ୍ରାପ୍ତ କରିଥାଏ । ଜଳ ଏହି ରୂପରେ ଅଦୃଶ୍ୟ ଈଶ୍ୱର ଏବଂ ଦୃଶ୍ୟ ମଣିଷକୁ ଯୋଡ଼ିବାର ସୁପରିବାହୀ ରୂପେ କାମ କରେ। ଏହା ହିଁ ଜଳାଭିଷେକ ଅନ୍ତଃଦର୍ଶନ।

**ଇନ୍ଦ୍ରାବତୀ, ନବରଙ୍ଗପୁର**
**ମୋ: ୯୮୬୧୯୬୯୬୭୮**

## ଏଇ ଭାରତରେ

ଆମ ଆଖପାଖରେ ରହୁଥିବା ବୁଲାକୁକୁରଙ୍କୁ ଦେଖିଲେ ଦୟା ଲାଗେ, କିନ୍ତୁ ସେମାନଙ୍କ ପାଇଁ କିଛି କରୁଥିବା ଲୋକମାନଙ୍କ ମଧ୍ୟରେ ବେଙ୍ଗାଲୁରୁର ରଜନୀ ସେଟ୍ଟୀ ଅନ୍ୟତମ। ୨୦ ବର୍ଷ ହେଲା ସେ ବୁଲାକୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ବଡ଼ କଥା ହେଉଛି ସେ ନିଜ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ଘରେ କାମ କରୁଥିଲେ ବି ବୁଲାକୁକୁରଙ୍କୁ ଖାଇବାକୁ ଦେବାରେ କେବେ ଅବହେଳା କରିନାହାନ୍ତି। ସେ ଗୋଟିଏ କି ଦୁଇଟି ନୁହେଁ, ପ୍ରତିଦିନ ୮୦୦ କୁକୁରଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ଦୁଇ କୁଇଣ୍ଟାଲ ଚାଉଳ ଲାଗୁଛି। ଭାତ ସହ ଚିକେନ କରି କୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ଏହି କାର୍ଯ୍ୟରେ ତାଙ୍କ ପରିବାରର ସହଯୋଗ ମିଳୁଛି। ସକାଳ ସାଢେ ୫ଟାରେ ଉଠି ଖାଦ୍ୟ ପ୍ରସ୍ତୁତ କରି ସ୍କୁଟରରେ କୁକୁରମାନଙ୍କ ପାଇଁ ନେଇ ଯାଉଛନ୍ତି। ସାଥୀରେ ବି ତାଙ୍କ ଝିଅ ଯାଇ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟ ଲାଗି ଲୋକମାନେ ତାଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି। କୁକୁରଙ୍କୁ ଖାଇବାକୁ ଦେବା ବ୍ୟତୀତ ରଜନୀ ବିପଦରେ ପଡ଼ିଥିବା ପ୍ରାଣୀମାନଙ୍କୁ ଉଦ୍ଧାର କରୁଛନ୍ତି। କୂଅରେ ପଶି ହେଉ ଅବା ଉଚ୍ଚ ପାଚେରିରେ ଚଢ଼ି ସେ ଏମାନଙ୍କୁ ଉଦ୍ଧାର କରୁଛନ୍ତି। ୨୦ ବର୍ଷ ମଧ୍ୟରେ ସେ ୨୦୦ ପ୍ରାଣୀଙ୍କୁ ମଧ୍ୟ ଉଦ୍ଧାର କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ଜୁଲାଇ ୧୯୯୭**

- ଆଲଜେରିଆର ରାଜଧାନୀ ଆଲଜିଏର୍ସର ୩୫ କିମି ଦକ୍ଷିଣକୁ ଅବସ୍ଥିତ ଲରବା ସହରରେ ମୁସ୍‌ଲିମ୍ ଉଗ୍ରବାଦୀଙ୍କ ଆକ୍ରମଣରେ ୭୨ ନିହତ।
- ରୁଷିଆର ଉରାଲ ଅଞ୍ଚଳ ଅନ୍ତର୍ଗତ କୁଏଦାସ୍ଥିତ ତୈଳ କମ୍ପାନୀର ପ୍ରଶାସନିକ କାର୍ଯ୍ୟାଳୟର ରନ୍ଧନଶାଳା ବାଷ୍ପ ଟାଙ୍କିରେ ବିସ୍ଫୋରଣ ଘଟି ୧୮ ଜଣଙ୍କ ମୃତ୍ୟୁ।
- ପଞ୍ଚନ କୁମାର ଚାମଲିଙ୍ଗଙ୍କ ନେତୃତ୍ୱାଧୀନ ସିକିମ୍ ମନ୍ତ୍ରିମଣ୍ଡଳରୁ ଉପମୁଖ୍ୟମନ୍ତ୍ରୀ ପି.ଟି. ଲକ୍‌ସୋମ ବହିଷ୍କୃତ।

# ପାଠକ ଶ୍ରେଷ୍ଠ ବିଚାରକ

### ଗରିବଙ୍କୁ ଅଧା ଦରରେ ଗ୍ୟାସ ଦିଆଯାଉ

ମହାଶୟ,

ବର୍ତ୍ତମାନ ଆମ ଦେଶରେ ୩୦ କୋଟିରୁ ଉର୍ଦ୍ଧ୍ୱ ଏଲ୍‌ପିଜି ଗ୍ରାହକ ଅଛନ୍ତି। ଏମାନଙ୍କ ମଧ୍ୟରୁ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ସଂଖ୍ୟା ହେଉଛି ପ୍ରାୟ ୯ କୋଟି। ଏମାନଙ୍କୁ ବର୍ତ୍ତମାନ ୧୪.୨ କିଲୋଗ୍ରାମ୍ ଓଜନ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଉପରେ ୨୦୦ ଟଙ୍କା ସବ୍‌ସିଡି ଦିଆଯାଉଛି ; ଅଥଚ ଅନ୍ୟ ଗରିବ ଜନସାଧାରଣଙ୍କୁ ନୁହେଁ। ବର୍ତ୍ତମାନ ଏଲପିଜିର ଦର ୧୧୦୦ ଟଙ୍କାରୁ ଅଧିକ। ଏହି କାରଣରୁ ଅଧିକାଂଶ ଏଲପିଜି ବ୍ୟବହାରକାରୀ ଗ୍ୟାସ ପରିବର୍ତ୍ତେ ନଡ଼ା, ଘଷି, କାଠ ଓ କୋଇଲା ପରି ପାରମ୍ପରିକ ଇନ୍ଧନ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏହାଦ୍ୱାରା ବାୟୁମଣ୍ଡଳରେ ଅଧିକରୁ ଅଧିକ ଗ୍ୟାସ୍ ବୃଦ୍ଧି ପାଇ ଏହା ପ୍ରଦୂଷିତ ହେବ। ଗରିବ ଲୋକେ ବାଧ ହୋଇ ଅଧିକ ବୃକ୍ଷ ଛେଦନ କରିବେ। ପ୍ରଥମେ ଲୋକଙ୍କୁ ମାଗଣା ଦେଇ ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କୁ ଅଭ୍ୟାସଗତ ମଦୁଆ ସଜାଇବା ଯାହା, ବର୍ତ୍ତମାନ ଗରିବ ଲୋକଙ୍କ କ୍ଷେତ୍ରରେ ଏଲପିଜି ବ୍ୟବହାର ତାହା ହିଁ ହୋଇଛି। କେନ୍ଦ୍ର ସରକାର ଏମାନଙ୍କୁ ଶୋଷଣ କରିବା ଆଦୌ ଉଚିତ ନୁହେଁ। ଦିନକୁ ଦିନ ଡାଲି, ଆଳୁ ଓ ଖାଇବା ତେଲ ପରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦର ବଢ଼ି ବଢ଼ି ଚାଲିଥିବା ବେଳେ ଏଲପିଜି ଦରବୃଦ୍ଧି ଗରିବଙ୍କ କ୍ଷେତ୍ରରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ସୁତରାଂ କେନ୍ଦ୍ର ସରକାର ଦେଶର ୯ କୋଟି ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ଅଧା ଦରରେ ବାର୍ଷିକ ୧୨ ଗୋଟି ଗ୍ୟାସ ସିଲିଣ୍ଡର ଦେବାର ତୁରନ୍ତ ବ୍ୟବସ୍ଥା କରନ୍ତୁ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପୀରହାଟ, ଭଦ୍ରକ**

### ଚିରନ୍ତନୀ

ବିଶ୍ୱରାଶି
ନିଭାଇ ଦେଇ
ଆସିଲା ଘୋଟି ତମ
ସମ୍ମୁଖରେ ଡାହାଣ ବାମେ ମମ !
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୦ ଜୁଲାଇ, ୨୦୨୨

## ସଂକ୍ଷେପରେ

### ଦୁର୍ଘଟଣାରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ

**ମାର୍ଶାଘାଇ,୨୯।୭(ଡି.ଏନ.ଏ.):** ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ମାର୍ଶାଘାଇ ଥାନା ଅନ୍ତର୍ଗତ ହଳଦିଆଗୋଡା ନିକଟରେ ଶୁକ୍ରବାର ସକାଳ ସାଢେ ୮ଟାରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ବଡନନ୍ଦା ଷ୍ଟ୍ରିଟ୍ ଚେପରା ଅଞ୍ଚଳର ଚୁନା ମାଝି (୪୯)। ଚଣ୍ଡିଖୋଲରୁ ପାରାଦୀପ ଅଭିମୁଖେ ଆସୁଥିବା ଏକ ଟ୍ରକ (ନଂ.ଓଡି ୦୯ ବି ୨୯୬୯)ଟି ହଳଦିଆଗୋଡା ନିକଟରେ ପୂର୍ବରୁ ଅଟକି ଥିବା ଏକ ଟ୍ରକ୍‌ର ପଛପଟୁ ଧକ୍କା ଦେଇଥିଲା। ଫଳରେ ଗାଡି ଚାଳକ ଚୁନା ଗୁରୁତର ହୋଇପଡିଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହାନୀ କର୍ମଚାରୀ ଟ୍ରକ୍‌ରୁ ବାହାର କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାରେ ନଂ ୨୯୧/ ୨୨ରେ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇ ଥିବା ଟ୍ରକକୁ ପୋଲିସ ଜବତ କରିଥିବା ବେଳେ ଅନ୍ୟ ଟ୍ରକ୍‌ଟିକୁ ଚାଳକ ନେଇ ପଳାଇ ଯାଇଛନ୍ତି।

### ଅବଦୁଲପୁର ସ୍ମାର୍ଟ ସ୍କୁଲ ପରିଦର୍ଶନ କଲେ ବିଡିଓ

**ରାଜକନିକା,୨୯।୭(ଡି.ଏନ.ଏ.):** ରାଜକନିକା ବ୍ଲକର ଅବଦୁଲପୁର ଗ୍ରାମର ଈଶାନେଶ୍ୱର ଉଚ୍ଚ ବିଦ୍ୟାପୀଠରେ ସ୍ମାର୍ଟ ସ୍କୁଲକୁ ଶୁକ୍ରବାର ବିଡିଓ ରବି ନାରାୟଣ ଆଚାର୍ଯ୍ୟ ପରିଦର୍ଶନ କରିଛନ୍ତି। ସେ ସ୍ମାର୍ଟ କ୍ଲାସ, ନୂତନ ଲାବୋରଟାରୀ, ପାଠାଗାର ବୁଲି ଦେଖିଥିଲେ। ତେବେ ସହରିଭଳି ଟିଭି ପରଦାରେ ଛାତ୍ରୀଛାତ୍ର ପଢିବାର ସୁଯୋଗ ପାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ, ଗୋଲକ ବିହାରୀ ନାୟକ, ଅଧୀର ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ଦାସ ଓ ପ୍ରକାଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଯାଦବ ମହାସଭା ସଙ୍ଗଠକଙ୍କ ପରଲୋକ

**ଆଳି,୨୯।୭ (ଡି.ଏନ.ଏ.):** ଆଳି ଯାଦବ ମହାସଭାର ଜଣେ ସଙ୍ଗଠକ, ସାମାଜିକ କର୍ମୀ ନିଆଳ ଗ୍ରାମର ମୁରବୀ ଅନାଦି ଚରଣ ପଲେଇଙ୍କର ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକ ଖବର ନିଆଳ ତଥା ଆଖପାଖ ଅଞ୍ଚଳରେ ଜଣାପଡ଼ିବା ପରେ ଶୋକର ଛାୟା ଖେଳିଯାଇଛି। ଏହି ଖବରପାଇ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ୨ନଂ. ଜୋନ ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ଆଳି ଯାଦବ ମହାସଂଘ ସଭାପତି କେଶବ ଚରଣ ବେହେରା, ସମ୍ପାଦକ ମଧୁ ସୂଦନ ଦାସ, ବରିଷ୍ଠ ଅଧ୍ୟାପକ ଶେଖର ବାରିକ, ଯୁବ ଯାଦବ ସଭାପତି ମନୋଜ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ପଲେଇଙ୍କ ଶେଷ ଦର୍ଶନ ନିମନ୍ତେ ନିଆଳସ୍ଥିତ ବାସଭବନରେ ପହଞ୍ଚିଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଧୀରେନ, ଦିବେଶ, ହବେଶ, ବୋହୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ଅନେକ ଅନୁଷ୍ଠାନ ସହ ଜଡ଼ିତ ସ୍ୱର୍ଗତ ପଲେଇଙ୍କ ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ଆଳି ମହାବୀର ବଜାରର ବ୍ୟବସାୟୀ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିଥିଲେ।

# ଧାନ ଉତ୍ପାଦନରେ କେନ୍ଦ୍ରାପଡ଼ା ପଛୁଆ

**କେନ୍ଦ୍ରାପଡ଼ା ଅଫିସ, ୨୯।୭**

- ହେକ୍ଟର ପିଛା ଆଦାୟ ମାତ୍ର ୨୭.୩୪ କୁଇଣ୍ଟାଲ
- ବୌଦ୍ଧ ଜିଲା ଆଗରେ, ଯାଜପୁର ଜିଲା ପଛରେ
- ସରକାରୀ ପ୍ରୋତ୍ସାହନକୁ ଦୋଷ ଦେଲେ କୃଷକ



ଡେରାବିଶ ଅଞ୍ଚଳରେ ପାଣି ଅଭାବରୁ ତଳି ଘେରା ଫାଟି ଯାଇଛି।

କେନ୍ଦ୍ରାପଡ଼ା ଜିଲା କୃଷି ଅର୍ଥନୀତିରେ ପରିଚାଳିତ। ଧାନ ହେଉଛି ମୁଖ୍ୟ ଫସଲ। ତେବେ ୨୦୨୧ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଜିଲାର ଦୁର୍ବଳ କୃଷିନୀତିକୁ ପଦାରେ ପକାଇଛି। ମୁଖ୍ୟ ଫସଲ ଧାନ ଏଠାରେ ହେକ୍ଟର ପିଛା ମାତ୍ର ୨୭.୩୪ କୁଇଣ୍ଟାଲ ଅମଳ ହେଉଛି। ସାରା ରାଜ୍ୟରେ ବୌଦ୍ଧ ଜିଲା ଧାନ ଉତ୍ପାଦନ କ୍ଷେତ୍ରରେ ଯଥେଷ୍ଟ ଆଗୁଆ ଥିବା ବେଳେ କେନ୍ଦ୍ରପଡ଼ା ପଛରେ ଯାଜପୁର ରହିଛି। କେନ୍ଦ୍ରାପଡ଼ା ଜିଲାରେ ସରକାରୀ ପ୍ରୋତ୍ସାହନ ଓ ଜଳ ପରିଚାଳନାକୁ ସ୍ଥାନୀୟ କୃଷକମାନେ ସମାଲୋଚନା କରିଛନ୍ତି। ଏହି ତଥ୍ୟ ଅନୁଯାୟୀ, ବୌଦ୍ଧ ଜିଲାରେ ହେକ୍ଟର ପିଛା ୫୩.୭୭ କୁଇଣ୍ଟାଲ ଖରିଫ ଧାନ ଉତ୍ପାଦନ ହୋଇଛି। ସୁବର୍ଣ୍ଣପୁର ଜିଲାରେ ୫୦.୭୭ କୁଇଣ୍ଟାଲ ଉତ୍ପାଦନ ପାଇଁ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ତୃତୀୟ ସ୍ଥାନରେ ଥିବା ଅନୁଗୋଳ ଜିଲାରେ ୪୭.୯୩ କୁଇଣ୍ଟାଲ ଅଛି। କେନ୍ଦ୍ରାପଡ଼ା ଜିଲାର ପଡୋଶୀ ଜଗତ୍‌ସିଂହପୁର ଜିଲାରେ ୩୬.୮୩ କୁଇଣ୍ଟାଲ, ଭଦ୍ରକ ଜିଲାରେ ୩୩.୧୨ କୁଇଣ୍ଟାଲ, କଟକ ଜିଲାରେ ୪୩.୬୮ କୁଇଣ୍ଟାଲ ଖରିଫ ଧାନ ଅମଳ ହୋଇଛି। ତେବେ କେନ୍ଦ୍ରାପଡ଼ା ଜିଲା ପଛରେ ଯାଜପୁର ଜିଲାରେ ଉତ୍ପାଦନ କମ ରହିଛି। ଏଠାରେ ହେକ୍ଟର ପିଛା ହାରାହାରି ୨୭.୨୦ କୁଇଣ୍ଟାଲ ଧାନ ଉତ୍ପାଦନ ହୋଇଛି।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ, ବିଧୂଭୂଷଣ ମହାପାତ୍ର, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଜଗଦୀଶ ପତି, ଚାଷୀ ନିରଞ୍ଜନ ପରିଡା ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଖଣି କିମ୍ବା ଶିଳ୍ପ ନାହିଁ। ଖରିଫ ଧାନରେ ଜିଲାର ଅର୍ଥନୀତି ଚଳୁଛି। ଏହି ଜିଲାରେ ରାଜ୍ୟର ଦ୍ୱିତୀୟ ବୃହତମ ଜଳପଥ ଅଛି। ୭ ନଦୀ ସହ ୨୭ଟି ଶାଖା ନଦୀ ଓ କେନାଲ ଅଛି। ଏହାସତ୍ତ୍ୱେ କ୍ଷେତକୁ ଜଳ ପରିଚାଳନା ଏକ ମୁଖ୍ୟ ସମସ୍ୟା ହୋଇଛି। ବନ୍ୟା, ସାମୁଦ୍ରିକ ଝଡ ପରି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କୌଣସି ପ୍ରତିକାର ହେଉନାହିଁ। ସାମାନ୍ୟ ବନ୍ୟାରେ ଜିଲାର ୪୫୫ ଗ୍ରାମ ପାଣି ମଧ୍ୟରେ ମାସାଧିକକାଳ ରହୁଛି। ଏହି ଜିଲାର ୯ ବ୍ଲକ ମଧ୍ୟରୁ ୩ଟି ବ୍ଲକରେ ୩୫ ପ୍ରତିଶତ କେନାଲ ଜଳସେଚନ ବ୍ୟବସ୍ଥା ଅଛି। ତେବେ ଆବଶ୍ୟକ ସମୟରେ ଶେଷ ମୁଣ୍ଡରେ କେନାଲ ଜଳ ପହଞ୍ଚି ପାରୁନାହିଁ। ଏହା ବ୍ୟତୀତ ଆଳି, ରାଜନଗର ଓ ରାଜକନିକା ବ୍ଲକରେ ଆଦୌ କେନାଲ ନାହିଁ। ସେହିପରି ଜଳ ନିଷ୍କାସନ ଏକ ସମସ୍ୟା ହୋଇଛି। ବର୍ଷା ପାଣିରେ କ୍ଷେତରୁ ଧାନ ଫସଲ ଉଧେଇ ପାରୁନାହିଁ। ଜଳ ପରିଚାଳନା ବ୍ୟତୀତ ଏହି ଜିଲାରେ ସରକାରୀ ପ୍ରୋତ୍ସାହନ ନଗଣ୍ୟ ହୋଇଛି। ବିହନ, ସାରଠାରୁ ଆରମ୍ଭ କରି ସରକାରୀ ରିହାତିରେ ଯନ୍ତ୍ରପାତି ଯୋଗାଣ, ତାଲିମ ଆଦି ଦେଖିବାକୁ ମିଳୁନାହିଁ। ସେହିପରି ବିଭିନ୍ନ ସ୍ଥାନରେ ଉଚ୍ଚା ଜମି ହେତୁ ମରୁଡି ହୋଇଯାଉଛି। ଏଠାରେ ଲୋକ ସମ୍ବଳ ଅଛି। ବିନିଯୋଗ ପାଇଁ କୌଣସି ଯୋଜନା ନ ଥିବାରୁ ଜିଲା ବାହାରକୁ କର୍ମ ସଂସ୍ଥାନ ପାଇଁ ଯୁବବର୍ଗ ପଳାଇ ଯାଉଛନ୍ତି। ସରକାରୀ ମଣ୍ଡି ଅବ୍ୟବସ୍ଥା ଓ ପ୍ରାକୃତିକ ବିପର୍ଯ୍ୟୟ କ୍ଷତିର ଭରଣା ନ ପାଇବାରୁ ଧାନ ଫସଲ ଏବେ ଅର୍ଥକାରୀ ହୋଇ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ରିପୋର୍ଟରେ ଉଲ୍ଲେଖ ତଥ୍ୟକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତର୍ଜମା ହେବ। କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇ ସମସ୍ତ ଯୋଜନାକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି।

## ଚୁକ୍ତିଭିତ୍ତିକ ନିଯୁକ୍ତି ବନ୍ଦ ଲାଗି ଦାବିପତ୍ର



ଚୁକ୍ତିଭିତ୍ତିକ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଡେରାବିଶ, ୨୯।୭ (ସ୍ୱ.ପ୍ର.)**

ରାଜ୍ୟ ସରକାର ୬ ବର୍ଷିୟା ଚୁକ୍ତିଭିତିକ ନିଯୁକ୍ତି ଦେଇ ସ୍ୱଳ୍ପ ଦରମାରେ ଉଚ୍ଚ ଶିକ୍ଷିତ କର୍ମଚାରୀମାନଙ୍କଠାରୁ କାର୍ଯ୍ୟ ହାସଲ କରୁଛନ୍ତି। ପରେ ବରିଷ୍ଠତା ଓ ପଦୋନ୍ନତି ପାଇଁ ଏହି ସମୟକୁ ମୂଳ ଚାକିରି ସହ ଯୋଗ କରୁ ନ ଥିବା ଅଭିଯୋଗ ଆଣି ଡେରାବିଶ ବ୍ଲକର ସମସ୍ତ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡେରାବିଶ ବିଡିଓ ନମିତା ବାରିକଙ୍କୁ ପ୍ରଦାନ କରିଛନ୍ତି। ମୁଖ୍ୟତଃ ଏହି ଦାବିପତ୍ରରେ କର୍ମଚାରୀମାନେ ୨୦୧୩ର ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ଦାବି କରିଛନ୍ତି। ଅଦ୍ୟାବଧି କର୍ମଚାରୀମାନଙ୍କୁ ଆଗକୁ ନେବାକୁ ଥିବା ପଦୋନ୍ନତି ଓ ବରିଷ୍ଠତା କ୍ଷେତ୍ରରେ ୬ ବର୍ଷର ଚୁକ୍ତିଭିତ୍ତିକ ନିଯୁକ୍ତି ସମୟକୁ ସମ୍ପୂର୍ଣ୍ଣ ଚାକିରିକାଳ ମଧ୍ୟରେ ମିଶାଇବାକୁ ଦାବି କରିଛନ୍ତି। ବହୁ ଉଚ୍ଚଶିକ୍ଷିତମାନଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇ ସେମାନଙ୍କୁ ସ୍ୱଳ୍ପ ଦରମା ଦେବା, ନିଯୁକ୍ତି ସ୍ଥଳରେ ସରକାରୀ କ୍ୱାର୍ଟର୍ସ କିମ୍ବା ଘରଭଡ଼ା ଭତ୍ତା ସହ ମହଙ୍ଗା ଭତ୍ତା, ଗ୍ରସ୍ତ ଖର୍ଚ୍ଚ ଆଦି ପ୍ରଦାନ ନ କରିବା ଦ୍ୱାରା କର୍ମଚାରୀମାନେ ସେମାନଙ୍କର ପରିବାର ପ୍ରତିପୋଷଣ କରିବାକୁ କଷ୍ଟ ହେବା ସହ କାର୍ଯ୍ୟ କରିବାକୁ ନିରୁତ୍ସାହିତ ହୋଇପଡୁଛନ୍ତି।

ଏହି ଚୁକ୍ତିଭିତ୍ତିକ ନିଯୁକ୍ତିରେ ସରକାରଙ୍କ ସମସ୍ତ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ କାର୍ଯ୍ୟ କରିଆସୁଥିବା ବେଳେ ସମାନ କାର୍ଯ୍ୟ କରୁଥିବା ଅନ୍ୟ ସହକର୍ମୀଙ୍କ ତୁଳନାରେ ଢ଼େର କମ୍ ଦରମା ପାଉଥିବା କାରଣରୁ ସେମାନେ ନିଜକୁ ନ୍ୟୁନ ମଣୁଛନ୍ତି।

ଏହି ତାରତମ୍ୟ ଦୂର କରିବା ପାଇଁ ଓ ଚାକିରିକାଳରେ ଚୁକ୍ତି ଭିତ୍ତିକ ସମୟ ୬ ବର୍ଷକୁ ଯୋଗ କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘର ଉପଦେଷ୍ଟା ଅନିତା ବେହେରା, ଜିଲା ସଂଘ ସଭାପତି ପ୍ରୀତିରଞ୍ଜନ ପ୍ରଧାନ, ଦେବୀପ୍ରସାଦ ସ୍ୱାଇଁ, ଡେରାବିଶ ଶାଖା ସଂଘ ସଭାପତି ଦୀପକ କୁମାର ଚୌଧୁରୀ, କର୍ମକର୍ତ୍ତା ପଲ୍ଲବ ପ୍ରତିମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜନଗର ଭାଜପାର ମିଶ୍ରଣ ପର୍ବ

**ରାଜନଗର,୨୯।୭ (ଡି.ଏନ.ଏ.)**

ରାଜନଗର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ଗୁପ୍ତିଗାଁର ୧୭ ପରିବାର କଂଗ୍ରେସ ଛାଡି ଭାରତୀୟ ଜନତା ପାଟିରେ ଯୋଗ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଆକୃଷ୍ଟ ହୋଇ ଓ ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତା ଜେନା ଏହି ମିଶ୍ରଣ ପର୍ବରେ ଯୋଗଦେଇ ଦଳର ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଏମାନଙ୍କ ଯୋଗଦାନ ଗୁପ୍ତି ପଞ୍ଚାୟତରେ ଦଳକୁ ଆହୁରି ବଳଶାଳୀ କରିବ ବୋଲି କହିଥିଲେ। ଗୁପ୍ତି ପଞ୍ଚାୟତର ରମାକାନ୍ତ ପ୍ରଧାନ, ମଙ୍ଗୁଳି ଦାସ, କ୍ଷୀରୋଦ ଲେଙ୍କା, ବିଜୟ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ପ୍ରଧାନ, ହଳଧର ପ୍ରଧାନ, ଶଙ୍କର୍ଷଣ ଲେଙ୍କା, ରତ୍ନାକର ଲେଙ୍କା, ଜିତେନ୍ଦ୍ର ଦାସ, ଅମର ଲେଙ୍କା, ଭ୍ରମରବର ଲେଙ୍କା, ମୁକ୍ତାମଣି ଦାସ ଏବଂ ଜୟନ୍ତୀ ଦଳାଇ ପ୍ରମୁଖ କଂଗ୍ରେସ ଦଳ ଛାଡି ଭାଜପାରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗୁପ୍ତି ପଞ୍ଚାୟତର ଭାଜପା ସଭାପତି ପାରେଶ୍ୱର ଜେନା, ଭାଜପା ନେତା କୈଳାସ ଚନ୍ଦ୍ର ପରିଡା, ଦିଲୀପ କୁମାର ପାତ୍ର, ଲୋକନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ରାଗିଂ ମୁକ୍ତ କଲେଜ କ୍ୟାମ୍ପସ ପାଇଁ ଏଆଇଏସ୍ଏଫ୍‌ର ଦାବି



ରାଗିଂ ରୋକିବାକୁ ଦାବିପତ୍ରରେ କେନ୍ଦ୍ରାପଡ଼ା କଲେଜରେ ଛାତ୍ରମାନେ ଦସ୍ତଖତ କରୁଛନ୍ତି।

**କେନ୍ଦ୍ରାପଡା ଅଫିସ, ୨୯।୭**

ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ କଲେଜ ପରିସରକୁ ରାଗିଂ ମୁକ୍ତ କରିବାକୁ ଶୁକ୍ରବାର ଦାବି ହୋଇଛି। ଏ ନେଇ ରାଜ୍ୟ ସରକାର ବିଧେୟକ ଆଣନ୍ତୁ ବୋଲି ଛାତ୍ର ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଛାତ୍ରନେତା ପ୍ରଶାନ୍ତ ସେଠୀ କହିଛନ୍ତି, ଜୁନ୍‌ରେ ରାଜ୍ୟର ଏକ ବଡ଼ କଲେଜରେ ଜଣେ ଛାତ୍ରୀ ରାଗିଂର ଶିକାର ହୋଇ ଆତ୍ମହତ୍ୟା କରିଥିବା ନୋଟ ସିଟ ଛାଡିଛନ୍ତି। ଏହା କେବଳ ସମ୍ପୃକ୍ତ ଛାତ୍ରୀ ନୁହନ୍ତି, ପ୍ରାୟ କଲେଜ ପରିସରରେ ଏପରି ରାଗିଂ ହେଉଥିବା ବହୁ ନଜୀର ଅଛି। ଆଗକୁ କୌଣସି ଛାତ୍ରୀଛାତ୍ର ରାଗିଂର ଶିକାର ନ ହେବା ପାଇଁ ଚଳିତ ବିଧାନସଭାରେ ଏକ ବିଧେୟକକୁ ପାସ କରାଯାଉ। ସେହିପରି ପ୍ରତ୍ୟେକ କଲେଜରେ ଆଣ୍ଟି ରାଗିଂ କମିଟି ଗଠନ, କାଉନସେଲିଂ, ଛାତ୍ର ସଂସଦ ନିର୍ବାଚନ କରାଇବା, ମାନବାଧିକାର କର୍ମୀଙ୍କୁ ଏ ନେଇ ସଜାଗ କରାଇବା, ଶିକ୍ଷାନୁଷ୍ଠାନ ପରିସରରେ ସିସିଟିଭି ଲଗାଇବା ଆଦି ଏହି ଦାବିପତ୍ରରେ ରହିଥିବା ଛାତ୍ରନେତା ସେଠୀ ପ୍ରକାଶ କରିଛନ୍ତି। ଏହି ଦାବିପତ୍ରରେ ସୁବ୍ରତ କୁମାର ପରିଡା, ପଞ୍ଚାନନ ପରିଡା, ଜୁଲିରାଣୀ ଖଟୁଆଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଦସ୍ତଖତ କରିଛନ୍ତି।

## ସମବାୟ ସମିତି ଉପସଭାପତି ନିର୍ବାଚନ

**ରାଜନଗର,୨୯।୭ (ଡି.ଏନ.ଏ.)**

ରାଜନଗର ବ୍ଲକର ୧୪ଟି ସେବା ସମବାୟ ସମିତିରେ ସଭାପତି ନିର୍ବାଚନ ସହ ଉପସଭାପତି ନିର୍ବାଚନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକର ଡେରା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଉପ ସଭା ନେତ୍ରୀ ଭାବେ କଳ୍ପନା ପରିଡା ନିର୍ବାଚିତ ହୋଇଛନ୍ତି। ପରିଡା ଉପ ସଭାନେତ୍ରୀ ଭାବେ ନିର୍ବାଚିତ ହେବା ପରେ ସଭାପତି ବାବାଜୀ ଚରଣ ପ୍ରଧାନ, ଡେରା ସରପଞ୍ଚ ନିରଞ୍ଜନ ରାଉତ, କୁରୁଣ୍ଟି ସେବା ସମବାୟ ସମିତିର ସଭାପତି ଶ୍ରୀକାନ୍ତ କୁମାର ପ୍ରଧାନ, ରଶ୍ମୀ ରଞ୍ଜନ ସାହାଣୀ, କେଶବ ରାଉତ, ବାସୁଦେବ ବାରିକ, ନିରାକାର ସ୍ୱାଇଁ, ସନାତନ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ଉପସଭା ନେତ୍ରୀ ଭାବେ ଲକ୍ଷ୍ମୀପ୍ରିୟା ପ୍ରଧାନ ନିର୍ବାଚିତ ହୋଇଛନ୍ତି। ପ୍ରଧାନ ଉପ ସଭାନେତ୍ରୀ ଭାବେ ନିର୍ବାଚିତ ହେବା ପରେ ସଭାପତି କଳ୍ପତରୁ ଜେନା, ନିର୍ଦ୍ଦେଶକ ନରହରି ଜେନା, ବସନ୍ତ କୁଣ୍ଡ, କ୍ଷୀରୋଦ କୁମାର ରାଉତ, ଧର୍ମାନନ୍ଦ ପରିଡା, ମାଧବାନନ୍ଦ ମଲ୍ଲିକ, ବିଶ୍ୱନାଥ ସେଠୀ, ଅକ୍ଷୟ ସ୍ୱାଇଁ, ରାଜ କିଶୋର ରାଉତ, ଅମୀୟ ମହାନ୍ତି, ସୁଧୀର ନାଥ, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଏହି ନିର୍ବାଚନ ସମୟରେ ରାଜନଗର କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ କ୍ଷେତ୍ରମୋହନ ଲେଙ୍କା, ସେବା ସମବାୟ ସମିତିର ସମ୍ପାଦକ ନୀଳମଣି ପ୍ରଧାନ, ସହ ସମ୍ପାଦକ ଆଶିଷ ସ୍ୱାଇଁ, ପ୍ରିୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଭାଟପଡ଼ା ସମବାୟ ସମିତିର ଉପସଭାନେତ୍ରୀ ଭାବେ ଲକ୍ଷ୍ମୀପ୍ରିୟା ପ୍ରଧାନ ନିର୍ବାଚିତ ହେବା ପରେ ଅନ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ବାଘ ରହୁଥିବା ଜଙ୍ଗଲ ଆଜି ବାଘୁଆମେଦ ଗାଁ

### ଅନ୍ତର୍ଜାତୀୟ ବାଘ ଦିବସ

**ମହାକାଳପଡ଼ା, ୨୯।୭ (ଡି.ଏନ୍.ଏ.)**

ସାରା ରାଜ୍ୟର ବିଭିନ୍ନ ବନଖଣ୍ଡରେ ପାଳନ ହେଉଛି ଆନ୍ତର୍ଜାତୀୟ ବ୍ୟାଘ୍ର ଦିବସ। ବାଘଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି। ଅସନ୍ତୁଳିତ ପରିବେଶ, ଶିକାରୀମାନଙ୍କ ଲୋଲୁପ ଦୃଷ୍ଟି ଏମାନଙ୍କ ଅକାଳରେ ଜୀବନ ଚାଲିଯାଉଛି। ସମୟ ଥିଲା ୬୦ ଦଶକ ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ହେନ୍ତାଳ ଜଙ୍ଗଲଗୁଡ଼ିକରେ ଶତାଧିକ ସଂଖ୍ୟାରେ ଚିତା ବାଘ ଦେଖାଯାଉଥିଲେ। ଏହି ହେନ୍ତାଳ ଜଙ୍ଗଲଗୁଡ଼ିକରେ ଏମାନଙ୍କ ପାଇଁ ପ୍ରଚୁର ପରିମାଣରେ ଖାଦ୍ୟ ମହଜୁଡ ଥିଲା। ଯଥା ହରିଣ, ବାରହା, କୁଟୁରା, ଆରଣା ମହିଷୀ ଆଦି ଏମାନଙ୍କର ମୁଖ୍ୟ ଖାଦ୍ୟ ଥିଲା। ୧୯୬୦ ଦଶକରେ ଉପକୂଳ ଅଞ୍ଚଳରେ ବିସ୍ତୀର୍ଣ୍ଣ ହେନ୍ତାଳ ଜଙ୍ଗଲ ମଧ୍ୟରେ ବାଲି ଦୋରସା ଡିପଗୁଡ଼ିକରେ ବାଘମାନଙ୍କର ଆଶ୍ରୟସ୍ଥଳ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ମହାକାଳପଡ଼ା ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁସିତ ବଘୁଆମେଦ ଗ୍ରାମର ପୂର୍ଣ୍ଣ ସିଂ (୮୦) ଓ ମକର ସିଂ (୮୨) କହିଛନ୍ତି, ଦିନେ ସଞ୍ଜ ନଇଁ ଆସୁଥାଏ, ବାପାଙ୍କ ସହ ଜଙ୍ଗଲରୁ କାଠ କାଟି ଫେରିଥାଉ। ଆମ ନିକଟରୁ ୨ ଶହ ମିଟର ଦୂରରେ ୬ରୁ୭ ଟି ଚିତା ବାଘ ସାହେବ ପୋଖରୀ ହୁଡାରେ ପାଣି ପିଉଥାନ୍ତି।

ମଣିଷ ବାସ୍ନା ବାରି ପାରି ୨ରୁ୩ ଟି ବାଘ ରଡ଼ି ଛାଡ଼ିଥିଲେ। ଆମେ ଭୟଭୀତ ହୋଇ ବାପାଙ୍କ ସହ ଘରକୁ ଫେରିଥିଲୁ। ସେତେବେଳେ ଆମକୁ ୧୦ରୁ୧୨ବର୍ଷ ହୋଇଥାଏ। ସେଦିନର ବାଘମାନଙ୍କ ଆତଜାତ କରୁଥିବା ହେନ୍ତାଳ ଜଙ୍ଗଲ ଆଜି ବାଘୁଆମେଦ ଗାଁର ଠିକଣା ପାଲଟିଛି। ନା ଅଛି ହେନ୍ତାଳ ଜଙ୍ଗଲ ନା ସେଦିନର ଚିତା ବାଘ। ସାକ୍ଷୀ ରହିଛି ବାଘ ପାଣି ପିଉଥିବା ସାହେବ ପୋଖରୀ ଓ ବାଘୁଆମେଦ ଗାଁ। ଏବେ ଏହି ଗାଁରେ ୭୦ ପରିବାରର ୩୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଏହି ଅଞ୍ଚଳ ସହ ବ୍ଲକର ରାମନଗର, ହରିଆବାଙ୍କ, ବାରନମ୍ବର, ନଳଗୋଠ, ବରଜ , ବହାକୁଦ, ପେଟଛେଲା, ଜମ୍ବୁ, ସୁନୀତି, ତନ୍ତିଆପାଳ ଆଦି ଜଙ୍ଗଲଗୁଡ଼ିକରେ ବାଘ ସହ ବିଭିନ୍ନ ଜଙ୍ଗଲ ଜନ୍ତୁ ବସବାସ କରୁଥିଲେ। ଏବେ ଜଙ୍ଗଲ ହ୍ରାସ ହେବା, ଜନବସତି ଗଢ଼ି ଉଠିବା ଯୋଗୁ ବନ୍ୟ ଜନ୍ତୁ ଲୋପ ପାଇଛି। କେବଳ ଲୁଣା ଜଙ୍ଗଲଗୁଡ଼ିକରେ ବାର୍‌ହା, ହରିଣ ସଂଖ୍ୟା ବହୁଳ ପରିମାଣରେ ବୃଦ୍ଧି ପାଇଛି। ବ୍ଲକର ବତୀଘର, ଖରିନାସୀ ସଂରକ୍ଷିତ ଜଙ୍ଗଲଗୁଡ଼ିକରେ ଏମାନଙ୍କ ଆଶାତୀତ ବୃଦ୍ଧି ପାଇବା ଯୋଗୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟି ପଡୁଛି। ସମୟ ଆସିବ ବାଘ ଭଳି ଏମାନଙ୍କ ବଂଶ ଲୋପ ପାଇବାକୁ ଏଡାଇ ଦିଆଯାଇ ନ ପାରେ। ବ୍ଲକର ଏହି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ହରିଣ ବଂଶର ସୁରକ୍ଷା ବୃଦ୍ଧି ପାଇଁ ପାର୍କ ନିର୍ମାଣ ଯଦି କରାଯାଏ, ତେବେ ବହୁ ସଂଖ୍ୟାରେ ପର୍ଯ୍ୟଟକମାନଙ୍କ ଆଗମନ ହେବା ସହ ରାଜସ୍ୱ ବୃଦ୍ଧି ପାଇବ ବୋଲି ପରିବେଶପ୍ରେମୀସୁବାସଚନ୍ଦ୍ରସ୍ୱାଇଁକହିଛନ୍ତି।



ବାଘୁଆମେଦ ଗାଁର ୬୦ ଦଶକରେ ଚିତାବାଘ ଦେଖୁଥିବା ଆଦିବାସୀ ପୂର୍ଣ୍ଣ ସିଂ ଓ ମକର ସିଂ।

ଧରିତ୍ରୀ
DHARITRI
ଶନିବାର, ୩୦ ଜୁଲାଇ, ୨୦୨୨

**ବୋର୍‌ୱେଲ୍‌ରେ ୧୨ ବର୍ଷର ଝିଅ**

ଗୁଜରାଟ ସୁରେନ୍ଦ୍ରନଗର ଜିଲାର ଗଜନଭାଭ ଗ୍ରାମରେ ଜଣେ ନାବାଳିକା ୬୦ ଫୁଟ୍ ଗଭୀର ବୋର୍‌ୱେଲ୍‌ରେ ଖସିପଡ଼ିଛନ୍ତି। ସେନା ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ୧୨ ବର୍ଷୀୟାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସାଙ୍ଗକୁ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।



## ସଂକ୍ଷେପରେ

### ଭାଜପା ଯୁବନେତା ହତ୍ୟା ମାମଲା: ତଦନ୍ତ କରିବ ଏନ୍‌ଆଇଏ

**ବେଙ୍ଗାଲୁରୁ,୨୯।୭:** କର୍ନାଟକରେ ଭାଜପା ଯୁବନେତା ପ୍ରବୀଣ ନେତ୍ତାର ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଶୁକ୍ରବାର ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡ କର୍ନାଟକ-କେରଳ ସୀମାରେ ଘଟିଥିବାରୁ ଏହା ଏକ ଆନ୍ତଃରାଜ୍ୟ ପ୍ରସଙ୍ଗ। ତେଣୁ ମାମଲାର ତଦନ୍ତ ଏନ୍‌ଆଇଏକୁ ଦେବା ଲାଗି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ଗୃହ ବିଭାଗକୁ ଜଣାଇ ଦିଆଯିବ ବୋଲି ବୋମାଇ କହିଛନ୍ତି। କର୍ନାଟକର ଦକ୍ଷିଣ କନ୍ନଡ ଜିଲାରେ ମଙ୍ଗଳବାର ପ୍ରବୀଣଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୂର୍ବରୁ ୨ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଶୁକ୍ରବାର ଅନ୍ୟ ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି।

### କେଟିଆର୍‌ଙ୍କ ଜନ୍ମଦିନ ଉତ୍ସବରେ ଯୋଗ ନ ଦେବାରୁ ୪ କର୍ମଚାରୀ ନିଲମ୍ବିତ

**ହାଇଦ୍ରାବାଦ,୨୯।୭:** ତେଲଙ୍ଗାନାର ପ୍ରଭାବଶାଳୀ ମନ୍ତ୍ରୀ କେ.ଟି. ରାମାରାଓ (କେଟିଆର୍)ଙ୍କ ଜନ୍ମଦିନ ଉତ୍ସବରେ ଯୋଗଦେଇ ନ ଥିବା ବେଲାମପାଲ୍ଲୀ ମ୍ୟୁନିସିପାଲିଟିର ୪ ଜଣ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।



ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ପୁଅ କେଟିଆର୍ ପୌର ପ୍ରଶାସନ, ସହରାଞ୍ଚଳ ବିକାଶ, ଶିଳ୍ପ ବାଣିଜ୍ୟ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଛନ୍ତି। ଗତ ୨୪ ତାରିଖରେ ମ୍ୟୁନିସିପାଲ କାଉନସିଲ୍ ପକ୍ଷରୁ ତାଙ୍କ ଜନ୍ମ ଉତ୍ସବ ବେଲାପାଲ୍ଲୀ ସରକାରୀ ହସ୍ପିଟାଲରେ ପାଳନ କରାଯାଇଥିଲା। ଏଥିରେ ଯୋଗ ଦେଇ ନ ଥିବା ୪ କର୍ମଚାରୀଙ୍କୁ ମ୍ୟୁନିସିପାଲ କମିଶନର ୨୪ ଘଣ୍ଟା ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ କହିଥିଲେ। ସ୍ପଷ୍ଟୀକରଣ ନ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନଙ୍କୁ ଚେତାବନୀ ଦିଆଯାଇଥିଲା।

### ୨୦୨୫ ସୁଦ୍ଧା ବାୟୁସେନାରୁ ହଟିବ ମିଗ୍-୨୧

**ନୂଆଦିଲ୍ଲୀ,୨୯।୭:** ରୁଷିଆ ନିର୍ମିତ ମିଗ୍-୨୧ ଯୁଦ୍ଧବିମାନ ଏକାଧିକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଭାରତୀୟ ବାୟୁସେନା ଆଗାମୀ ସେପ୍ଟେମ୍ବର ୩୦ ସୁଦ୍ଧା ଏହାର ଆଉ ଏକ ସ୍କ୍ୱାଡ୍ରନ୍‌କୁ କାର୍ଯ୍ୟରୁ ଅବ୍ୟାହତି ଦେବାକୁ ନିଷ୍ପତ୍ତି ନେଇଛି। ୨୦୨୫ ସୁଦ୍ଧା ପର୍ଯ୍ୟାୟକ୍ରମେ ମିଗ୍-୨୧ର ସମସ୍ତ ସ୍କ୍ୱାଡ୍ରନକୁ ହଟାଇ ଦିଆଯିବ। ଗୁରୁବାର ସନ୍ଧ୍ୟାରେ ରାଜସ୍ଥାନର ବରମେର୍‌ଠାରେ ମିଗ୍-୨୧ ଟାଇପ୍ ୬୯ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯିବା ସହ ୨ ପାଇଲଟଙ୍କ ମୃତ୍ୟୁ ଘଟିଥିଲା।

### ବୃଦ୍ଧଙ୍କୁ ଗୋଇଠା: ପୋଲିସ ଚାକିରି ଗଲା

**ଭୋପାଳ,୨୯।୭:** ମଧ୍ୟ ପ୍ରଦେଶ ଜବଲପୁର ରେଳ ଷ୍ଟେଶନ୍‌ରେ ଜଣେ ପୋଲିସ ଅଧିକାରୀ ବୟସ୍କ ବ୍ୟକ୍ତିଙ୍କୁ ଗୋଇଠା ମାରିବାର ଭିଡିଓ ଭାଇରାଲ ହେବା ପରେ ପୋଲିସ ଅଧିକାରୀ ଅନନ୍ତ ଶର୍ମାଙ୍କୁ ନିଲମ୍ବନ କରାଯାଇଛି। ରେଳ ଷ୍ଟେଶନ୍‌ର ଜଣେ ଯାତ୍ରୀ ଘଟଣାର ଭିଡିଓକୁ ନିଜ ମୋବାଇଲରେ କଏଦ କରି ସୋସିଆଲ ମିଡିଆରେ ଶେୟାର କରିଥିଲେ।

# ନିଆଁ ସହ ଖେଳ ନାହିଁ

## ତାଇୱାନ ପ୍ରସଙ୍ଗରେ ବାଇଡେନ୍‌ଙ୍କୁ ଜିନ୍‌ପିଙ୍ଗ୍ ଚେତାବନୀ

**ୱାଶିଂଟନ/ବେଜିଂ,୨୯।୭**

ତାଇୱାନ ପ୍ରସଙ୍ଗରେ ପୁଣି ମୁହାଁମୁହିଁ ଅବସ୍ଥାରେ ଆମେରିକା ଓ ଚାଇନା। ଏହି ଦ୍ୱୀପ ରାଷ୍ଟ୍ରକୁ ନେଇ ମୁଣ୍ଡ ନ ଖେଳାଇବାକୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଚେତାବନୀ ଦେଇଛନ୍ତି। ଜିନ୍‌ପିଙ୍ଗ୍ ତାଇୱାନକୁ ବଳପୂର୍ବକ ନିଜ ଅଧୀନକୁ ଆଣିବା ପାଇଁ ଶପଥ ନେଇଥିବାବେଳେ ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ଗସ୍ତକୁ ନେଇ ଦୁଇ ମହାଶକ୍ତି ମୁହାଁମୁହିଁ ହୋଇଛନ୍ତି।

ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା ହୋଇଛି। ଦୁଇ ନେତାଙ୍କ ମଧ୍ୟରେ ପଞ୍ଚମ



ଜୋ ବାଇଡେନ୍ ଶି ଜିନ୍‌ପିଙ୍ଗ

ଆଲୋଚନା ବେଳେ ବାଇଡେନ୍‌ଙ୍କୁ ଜିନ୍‌ପିଙ୍ଗ୍ କହିଥିଲେ, ଯିଏ ନିଆଁ ସହ ଖେଳିବେ ସିଏ ଜଳିଯିବେ। ଆମେରିକା ଏହି କଥାକୁ ଭଲ ଭାବେ ବୁଝିପାରୁଥିବ। ୱାଶିଂଟନ 'ୱାନ୍-ଚାଇନା ପ୍ରିନ୍ସିପଲ୍'କୁ ମାନିବା ଉଚିତ। ତାଇୱାନର ସ୍ୱାଧୀନତା ଓ ବାହ୍ୟ ହସ୍ତକ୍ଷେପକୁ ଚାଇନା ଦୃଢ଼ ବିରୋଧ କରେ। ଏହାର ଜବାବରେ ବାଇଡେନ୍ କହିଥିଲେ, ତାଇୱାନ ଉପରେ ଆମେରିକାର ନୀତି ଅପରିବର୍ତ୍ତିତ ରହିଛି। ସମଗ୍ର ତାଇୱାନ ପ୍ରଣାଳୀରେ ଶାନ୍ତି ଓ ସ୍ଥିରତାକୁ ନ୍ୟୂନ କରିବା କିମ୍ବା ସ୍ଥିତାବସ୍ଥା ବଦଳାଇବା ପାଇଁ ଏକତରଫା ଉଦ୍ୟମକୁ ୱାଶିଂଟନ ବିରୋଧ କରେ। ଦୁଇ ନେତାଙ୍କ ଆଲୋଚନା ପରେ ସମର୍ଥନ ପାଇଁ ବାଇଡେନ୍‌ଙ୍କୁ ତାଇୱାନ ଧନ୍ୟବାଦ ଦେଇଛି। ଆମେରିକା ସହ ସୁରକ୍ଷା ସହଯୋଗିତା ଆହୁରି ଦୃଢ଼ କରିବ ବୋଲି ତାଇୱାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବାଇଡେନ୍ ଓ ଜିନ୍‌ପିଙ୍ଗ୍ ଖୁବ୍‌ଶୀଘ୍ର ପ୍ରଥମ ଥର ପାଇଁ ସାମ୍ନାସାମ୍ନି ଆଲୋଚନା କରିପାରନ୍ତି। ଏହାର ପ୍ରସ୍ତୁତି ଅନୁଧ୍ୟାନ କରିବାକୁ ଦୁହେଁ ନିଜ ନିଜ ଟିମ୍‌କୁ ନିର୍ଦ୍ଦେଶ ଦେଇଥିବା ଆମେରିକାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।



ରୁଷିଆ ସହ ଚୁକ୍ତି ପରେ କୃଷ୍ଣସାଗର ଦେଇ ୟୁକ୍ରେନ୍‌ରୁ ପ୍ରଥମ ମାଲବାହୀ ଜାହାଜ ଯାତ୍ରା ଆରମ୍ଭ କରିଥିବାବେଳେ ଅନୁଧ୍ୟାନ କରୁଛନ୍ତି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି।

# ଶକିରାଙ୍କୁ ହୋଇପାରେ ୮ ବର୍ଷ ଜେଲ

## ଟାକ୍ସ ଠକେଇ ଅଭିଯୋଗ



**ବାର୍ସିଲୋନା,୨୯।୭**

ଖ୍ୟାତନାମା ପପ୍ ସିଙ୍ଗର ଶକିରାଙ୍କ ବିରୋଧରେ ଟାକ୍ସ ଠକେଇ ଅଭିଯୋଗ ସାମ୍ନାକୁ ଆସିଛି। ୨୦୧୨ରୁ ୨୦୧୪ ମଧ୍ୟରେ ସେ ୧୪.୫ ମିଲିୟନ୍ ୟୁରୋ (୧,୧୭,୩୮, ୪୭, ୫୦୦ ଟଙ୍କା) ଟାକ୍ସ ପୈଠ ନ କରିବା ଆଧାରରେ ସ୍ପେନ୍‌ର ଏକ କୋର୍ଟରେ ଅଭିଯୋଗ ହୋଇଛି। ଯଦି ଶକିରା ଟାକ୍ସ ଠକେଇ ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ୮ ବର୍ଷର ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆୟକର ବିଭାଗ ଓକିଲ କହିଛନ୍ତି। ମାମଲାର ସମାଧାନ ପାଇଁ ଆୟକର ବିଭାଗ ଓକିଲ ତାଙ୍କ ଆଗରେ ଏକ ଡିଲ୍ ରଖିଥିଲେ ହେଁ ଶକିରା କୋର୍ଟରେ ମାମଲାର ସମାଧାନ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଶକିରା ଜାଣିଛନ୍ତି ସେ ନିର୍ଦ୍ଦୋଷ। ତାଙ୍କ ନାଁରେ ଆସିଥିବା ଟାକ୍ସ ଠକେଇ ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହିନ। ଆୟକର ବିଭାଗର କାର୍ଯ୍ୟ ପ୍ରଣାଳୀକୁ ସେ ନିନ୍ଦା କରିଛନ୍ତି। ତେବେ କୋର୍ଟ ତାଙ୍କୁ ଉଚିତ୍ ନ୍ୟାୟ ଦେବ ବୋଲି ସେ ତାଙ୍କ ଓକିଲଙ୍କ ଜରିଆରେ କହିଛନ୍ତି। ମାମଲାର ଟ୍ରାଏଲ୍ ନେଇ କୋର୍ଟ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇନାହିଁ।

ଫୁଟବୋଲର ଜେରାର୍ଡ ପିକ୍ୱେଙ୍କ ସହ ସମ୍ପର୍କରେ ଆସିବା ପରେ ୨୦୧୧ରେ ଶକିରା ସ୍ପେନ୍‌ରେ ଆସି ରହିବା ଆରମ୍ଭ କରିଥିଲେ। କିନ୍ତୁ ୨୦୧୫ ପର୍ଯ୍ୟନ୍ତ ସେ ନିଜର ସମସ୍ତ ଦସ୍ତାବିଜ୍‌ରେ ତାଙ୍କ ଘର ବାହାମସ ଲେଖିଥିବା ଆୟକର ବିଭାଗ ଓକିଲ କହିଛନ୍ତି। ୨୦୧୩-୧୪ରେ ଶକିରା ଏକ ସିଙ୍ଗିଙ୍ଗ ଶୋ'ର ଜଜ୍ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ରେ ନିଜ ଆୟର ଅଧିକାଂଶ ଅଂଶ ସେ ଅନ୍ତର୍ଜାତୀୟ ଟୁର୍‌ରୁ ରୋଜଗାର କରିଥିବା ତାଙ୍କ ଓକିଲ କହିଛନ୍ତି। ୨୦୧୫ରେ ସେ ସମ୍ପୂର୍ଣ୍ଣ ଭାବେ ସ୍ପେନ୍‌ରେ ରହିଥିବାବେଳେ ୨୦୧୫ ପର୍ଯ୍ୟନ୍ତ ୧୭.୨ ମିଲିୟନ୍ ୟୁରୋ (୧,୩୯,୧୫,୯୭,୬୮୯.୯୭ ଟଙ୍କା) ସେ ପୈଠ କରିଥିବା କହିଛନ୍ତି। ଏ ନେଇ ଗତ ମେ'ରେ ଶକିରା ସ୍ପେନ୍‌ର ଏକ କୋର୍ଟରେ ଆବେଦନ କରିଥିବାବେଳେ କୋର୍ଟ ତାହାକୁ ଖାରଜ କରିଦେଇଥିଲେ।

# ପୃଥିବୀକୁ ଖସିବ ଚାଇନା ରକେଟ

**ବେଜିଂ,୨୯।୭**

ଚାଇନାର ନିର୍ମାଣାଧୀନ ମହାକାଶ ଷ୍ଟେଶନକୁ ନୂତନ ବିଜ୍ଞାନ ଉପକରଣ ନେଇ ଯାଇଥିବା ସବୁଠୁ ଶକ୍ତିଶାଳୀ ରକେଟ ଲଙ୍ଗ୍ ମାର୍ଚ୍ଚ-୫ବି ୱାଇ୩ ଏବେ ପୃଥିବୀକୁ ଖସୁଛି। ଏହା ଚଳିତ ସପ୍ତାହ ଶେଷ ଭାଗରେ ଖସିବାକୁ ଥିବାବେଳେ ନିର୍ଦ୍ଦିଷ୍ଟ କେଉଁ ସ୍ଥାନରେ ପଡ଼ିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଗତ ରବିବାର ଚାଇନାର ହେନାନ୍ ପ୍ରଦେଶର ୱେନ୍‌ଚାଙ୍ଗ ମହାକାଶ ଯାନ ଉତ୍‌କ୍ଷେପଣ ସ୍ଥଳରୁ ଲଙ୍ଗ୍ ମାର୍ଚ୍ଚ ରକେଟକୁ ମହାକାଶ କେନ୍ଦ୍ର ଅଭିମୁଖେ ଛଡ଼ାଯାଇଥିଲା। ଏହାର ମୁଖ୍ୟ ଭାଗର ଲମ୍ବ ୧୦୦ ମିଟର ଏବଂ ଓଜନ ୨୨ ଟନ୍। ଏହା ନିମ୍ନ କକ୍ଷପଥରେ ପହଞ୍ଚିସାରିଛି



ଓ ବାୟୁମଣ୍ଡଳର ଘର୍ଷଣ ଯୋଗୁ ଏହା ଟାଣିହୋଇ ଖସିବା ଆଶଙ୍କା ରହିଛି। ଚଳିତ ସପ୍ତାହାନ୍ତରେ ଏହା ପୁନର୍ବାର ପୃଥିବୀ ବାୟୁମଣ୍ଡଳରେ ପ୍ରବେଶ କରିବ ବୋଲି ମହାକାଶ ବିଜ୍ଞାନୀ ଜୋନାଥନ ମାକ୍‌ଡୋୱେଲ ପୂର୍ବାନୁମାନ କରିଛନ୍ତି।

# ଅର୍ପିତା ସମ୍ପୃକ୍ତ ଥିବା ୩ କମ୍ପାନୀ ଉପରେ ଇଡି ଚଢ଼ାଉ



ଅର୍ପିତା ମୁଖାର୍ଜୀ

**କୋଲକାତା,୨୯।୭**

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଟିଏମ୍‌ସି ନେତା ତଥା ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ବିପୁଳ ପରିମାଣର ସୁନା ମିଳିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ୩ଟି କମ୍ପାନୀ ଉପରେ ଚଢ଼ାଉ କରିଛି। ଏହି କମ୍ପାନୀ ସହ ଅର୍ପିତା ସମ୍ପୃକ୍ତ ଥିବା କୁହାଯାଉଛି। କମ୍ପାନୀଗୁଡ଼ିକ ହେଲା କୋଲକାତାର ସିମ୍ବିଓସିସ୍ ମର୍ଚ୍ଚାଣ୍ଟସ୍ ପ୍ରା.ଲିଃ, ସେଣ୍ଟ୍ରି ଇଞ୍ଜିନିୟରିଂ ପ୍ରା.ଲିଃ ଏବଂ ଅର୍ପିତା ଇଚ୍ଛାଏ ଇଣ୍ଟରଟେନମେଣ୍ଟ ପ୍ରା.ଲିଃ। ପାର୍ଥଙ୍କ ଘନିଷ୍ଠ ହେବା ପରେ ଅର୍ପିତାଙ୍କୁ ଉକ୍ତ କମ୍ପାନୀଗୁଡ଼ିକର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହି କମ୍ପାନୀଗୁଡ଼ିକରେ କଲ୍ୟାଣ ଧର୍ ନିର୍ଦ୍ଦେଶକ ରହିବା ସହ ଅର୍ପିତାଙ୍କ ବିଜ୍‌ନେସ ପାର୍ଟନର ଅଛନ୍ତି।

ସୂଚନାଯୋଗ୍ୟ, ଇଡି ଚଢ଼ାଉ ବେଳେ ଅର୍ପିତାଙ୍କ ଦକ୍ଷିଣ କୋଲକାତାର ଟଲିଗଞ୍ଜ ଘରୁ ୨୧.୯ କୋଟି ନଗଦ ଟଙ୍କା, ୫୪ ଲକ୍ଷ ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା, ୭୪ ଲକ୍ଷ ଟଙ୍କାର ଅଳଙ୍କାର ମିଳିଥିଲା। ପରେ ବେଲଘୋରିଆସ୍ଥିତ ଘରୁ ୨୭.୯ କୋଟି ନଗଦ ଟଙ୍କା, ୪.୩ କୋଟି ଟଙ୍କା ମୂଲ୍ୟର ଅଳଙ୍କାର ଜବତ ହୋଇଥିଲା। ତେବେ ଏତେ ଟଙ୍କା ଘରେ ଗଚ୍ଛିତ ରହିବା ସମ୍ପର୍କରେ ଅର୍ପିତା କିଛି ଜାଣି ନ ଥିବା ଗୁରୁବାର ଇଡିକୁ କହିଛନ୍ତି। ପାର୍ଥ ଚାଟାର୍ଜୀ ଉକ୍ତ ଘରକୁ ତାଲା ପକାଇ ରଖିଥିଲେ ବୋଲି ଅର୍ପିତା ଜେରା ବେଳେ କହିଥିବା ଜଣାପଡ଼ିଛି।

### ମୋତେ ଫସାଇଦିଆଯାଇଛି



ପାର୍ଥ ଚାଟାର୍ଜୀ

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇ ମନ୍ତ୍ରିମଣ୍ଡଳରୁ ବିଦାହେବା ଓ ତୃଣମୂଳ କଂଗ୍ରେସରୁ ନିଲମ୍ବନ ହେବା ପରେ ପାର୍ଥ ଚାଟାର୍ଜୀ ପ୍ରଥମ ଥର ମୁହଁ ଖୋଲିଛନ୍ତି। ସ୍କୁଲ୍‌ରେ ନିଯୁକ୍ତି ଦୁର୍ନୀତି ମାମଲାରେ ଷଡ଼ଯନ୍ତ୍ର କରି ତାଙ୍କୁ ଫସାଇ ଦିଆଯାଇଥିବା ଶୁକ୍ରବାର ପାର୍ଥ କହିଛନ୍ତି। ତେବେ କିଏ ଷଡ଼ଯନ୍ତ୍ର କରିଛି, ସେ ନେଇ ପାର୍ଥ କୌଣସି ସୂଚନା ଦେଇନାହାନ୍ତି। ଜେଲ୍‌ରେ ଥିବା ପାର୍ଥଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଇଏସ୍‌ଆଇ ହସ୍ପିଟାଲ ନିଆଯାଇଥିବା ବେଳେ ସେ କହିଛନ୍ତି।

# ପାକିସ୍ତାନର ପ୍ରଥମ ହିନ୍ଦୁ ମହିଳା ପୋଲିସ ଅଫିସର

**ଇସ୍‌ଲାମାବାଦ୍,୨୯।୭**

ପାକିସ୍ତାନ ସିନ୍ଧରେ ଜଣେ ହିନ୍ଦୁ ମହିଳା ପୋଲିସ ଅଧିକାରୀ ମନିଶା ରୋପେଟାଙ୍କୁ ଡେପୁଟି ସୁରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି। ପାକିସ୍ତାନରେ ଏହା ପ୍ରଥମ ଘଟଣା। ଜଣେ ମହିଳା ଅଧିକାରୀଙ୍କୁ ପୋଲିସ ବିଭାଗର ଉଚ୍ଚପଦ ମିଳିଛି। ପୁରୁଷ ପ୍ରଧାନ ପାକିସ୍ତାନରେ ମହିଳାମାନେ ପୋଲିସ ଚାକିରି ପାଇବା ଏକ ଅସାଧାରଣ ଘଟଣା କହିଲେ ଚଳେ। ଯଦି କୌଣସି ମହିଳା ବା ଯୁବତୀ ଚାକିରି କରି ଆତ୍ମ ନିର୍ଭରଶୀଳ ହେବାକୁ ଚାହାନ୍ତି ତେବେ ସେମାନଙ୍କ ଘର ଲୋକେ ତାଙ୍କୁ ଶିକ୍ଷକତା କିମ୍ବା ଡାକ୍ତରୀ ପାଠ ପଢ଼ିବା ପାଇଁ କହିଥାନ୍ତି। ହେଲେ ଦେଶରେ ପ୍ରଚଳିତ ପୁରୁଣା ପ୍ରଥାକୁ ହଟାଇବା ପାଇଁ ସେ ଚାହୁଁଥିବା ମନିଶା କହିଛନ୍ତି। ସିନ୍ଧ ଅଞ୍ଚଳର ଜାକୋବାବାଦ୍‌ରେ ତାଙ୍କ ଘର। ୨୬ ବର୍ଷୀୟା ମନିଷା ବର୍ତ୍ତମାନ ପୋଲିସ ଟ୍ରେନିଂରେ ଥିବାବେଳେ ଲ୍ୟାରିରେ ତାଙ୍କ ପୋଷ୍ଟିଂ ହେବା ନେଇ ଖବର ପ୍ରକାଶ ପାଇଛି।

# ଅବସର ନେଲେ ଜଷ୍ଟିସ୍ ଖାନ୍‌ୱିଲକର

**ନୂଆଦିଲ୍ଲୀ,୨୯।୭**

ସୁପ୍ରିମକୋର୍ଟର ଦ୍ୱିତୀୟ ବରିଷ୍ଠ ବିଚାରପତି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ବିଦାୟୀ ସମ୍ବର୍ଦ୍ଧନା ବେଳେ ସେ ବାର୍ ଆସୋସିଏଶନ୍ ନେତାମାନଙ୍କୁ ସେମାନଙ୍କ ସ୍ନେହ ଓ ସଦିଚ୍ଛା ପାଇଁ ଧନ୍ୟବାଦ ଦେଇଛନ୍ତି। ୨୦୧୬ ମେ' ୧୩ରେ ସୁପ୍ରିମକୋର୍ଟ ବିଚାରପତି ରୂପେ ପଦୋନ୍ନତି ପାଇଥିବା ଜଷ୍ଟିସ୍ ଖାନ୍‌ୱିଲକର ବିଗତ ୫ ବର୍ଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାୟ ଦେଇଥିଲେ।

# ସ୍ତ୍ରୀ'ଙ୍କୁ ଗଣବଳାତ୍କାର ପରେ ଟ୍ରିପଲ୍ ତଲାକ୍

**ଲକ୍ଷ୍ନୌ,୨୯।୭**

ଉତ୍ତର ପ୍ରଦେଶ ଗୋଣ୍ଡା ସହରରୁ ଏକ ହୃଦୁଣ ଘଟଣା ସାମ୍ନାକୁ ଆସିଛି। ଯୌତୁକ ପାଇଁ ଜଣେ ବ୍ୟକ୍ତି ତାଙ୍କ ସମ୍ପର୍କୀୟ ଭାଇ ସହ ମିଶି ସ୍ତ୍ରୀଙ୍କୁ ବଳାତ୍କାର କରିବା ପରେ ତାଙ୍କୁ ଟ୍ରିପଲ୍ ତଲାକ୍ ଦେଇଛନ୍ତି। ଏ ନେଇ ପୀଡ଼ିତା ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ସ୍ୱାମୀ ମହମ୍ମଦ ଆଦନାନଙ୍କୁ ପୋଲିସ ଗିରଫ କରିଛି। ଲକ୍ଷ୍ନୌରେ ଆଦନାନଙ୍କ ଘର। ସୂଚନାନୁସାରେ ଘଟଣାରେ ସମ୍ପୃକ୍ତ ଆଦନାନଙ୍କ ସମ୍ପର୍କୀୟ ଭାଇ ଫେରାର୍ ଥିବା ଜଣାପଡ଼ିଛି। ଯୌତୁକକୁ କେନ୍ଦ୍ରକରି

### ଯୌତୁକ ପାଇଁ ସ୍ୱାମୀଙ୍କ ବର୍ବର କାଣ୍ଡ

ସ୍ୱାମୀ ଆଦନାନ ସ୍ତ୍ରୀଙ୍କୁ ସବୁବେଳେ ମାଡ଼ମାରୁଥିଲେ। ଏ ନେଇ ମହିଳା ଜଣକ ତାଙ୍କ ବାପଘରେ ରହୁଥିଲେ। ହେଲେ ମଙ୍ଗଳବାର ଆଦନାନ ନିଜ ସମ୍ପର୍କୀୟ ଭାଇକୁ ଧରି ଶ୍ୱଶୂର ଘରେ ପହଞ୍ଚିଥିଲେ। ମହିଳା ଜଣକ ସେଠାରେ ଏକୁଟିଆ ଥିବା ଦେଖି ଦୁହେଁ ତାଙ୍କୁ ବଳାତ୍କାର କରିଥିବା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଆକାଶ ତୋମାର କହିଛନ୍ତି।

# ତ୍ୱରିତ ନ୍ୟାୟ ଦେଇ ବିଚାରପତି ନିଲମ୍ବିତ

**ନୂଆଦିଲ୍ଲୀ,୨୯।୭(ପି.ଟି.)**

ଏକ ମାମଲାରେ ତ୍ୱରିତ ନ୍ୟାୟ ପ୍ରଦାନ କରି ବିହାରର ଜଣେ ନ୍ୟାୟିକ ଅଧିକାରୀ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ପାଟନା ହାଇକୋର୍ଟଙ୍କ ନିଲମ୍ବନ ଆଦେଶକୁ ଚ୍ୟାଲେଞ୍ଜ କରି ଅରାରିଆର ଉକ୍ତ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ଶଶିକାନ୍ତ ରାୟ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଜଷ୍ଟିସ ୟୁ.ୟୁ. ଲଳିତ ଏବଂ ଏସ୍.ଆର୍. ଭଟ୍ଟଙ୍କ ଖଣ୍ଡପୀଠ ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରିବା ସହ ବିହାର ସରକାର ଏବଂ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି।

ଅତିରିକ୍ତ ଜିଲା ଜଜ୍ ଶଶିକାନ୍ତ ଏକ ପୋକ୍ସୋ ମାମଲା ସମେତ ଏକାଧିକ ମାମଲାର ତ୍ୱରିତ୍ ବିଚାର କରି ରାୟ ଦେଇଥିଲେ। ଜଣେ ୬ ବର୍ଷୀୟା ବାଳିକା ବଳାତ୍କାର ଘଟଣାରେ ପୋକ୍ସୋ ଆଇନରେ ରୁଜୁ ମାମଲାକୁ ସେ ଗୋଟିଏ ଦିନରେ

### ବିହାର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ



ଜଜ୍ ଶଶିକାନ୍ତ ରାୟ

ଶୁଣାଣି ଶେଷ କରିଥିଲେ। ଅନ୍ୟ ଏକ ମାମଲାର ବିଚାର ମାତ୍ର ୪ କାର୍ଯ୍ୟଦିବସରେ ଶେଷ କରି ସେ ଅପରାଧୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଏହି ରିପୋର୍ଟ ଗଣମାଧ୍ୟମରେ ବ୍ୟାପକ ଭାବେ ପ୍ରସାରିତ ହେବା ସହ ସରକାର ଏବଂ ଜନସାଧାରଣରେ ଶଶିକାନ୍ତଙ୍କୁ ପ୍ରଶଂସା କରାଯାଇଥିଲା। ତାଙ୍କୁ ସସ୍‌ପେଣ୍ଡ କରି ତାଙ୍କ ବିରୋଧରେ ଆନୁଷ୍ଠାନିକ ପକ୍ଷପାତ କରାଯାଇଥିବା ବିଶ୍ୱାସ କରାଯାଉଛି ବୋଲି ଜିଲା ଜଜ୍ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ନୋଟିସର ଉତ୍ତର ରଖିବାକୁ ଖଣ୍ଡପୀଠ କହିଛନ୍ତି।

ଅନ୍ୟପକ୍ଷରେ ଶୁଣାଣି ଶେଷ ହେବା ଦିନ ଦଣ୍ଡ ଘୋଷଣା କରାଯିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ ଅନେକ ରାୟରେ କହିଛନ୍ତି। ଏକ ମାମଲାର ୯ ଦିନର ଶୁଣାଣି ପରେ ଦୋଷୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା। ସୁପ୍ରିମକୋର୍ଟ ଉକ୍ତ ରାୟକୁ ଖାରଜ କରିଦେଇ ମାମଲାର ସାନି ବିଚାର କରିବାକୁ ସେସନ୍ସ କୋର୍ଟକୁ ପଠାଇ ଦିଆଯାଇଥିଲା ବୋଲି ଜଷ୍ଟିସ ଲଳିତ କହିଥିଲେ। କାରଣ ଫାଶୀ ପାଇବାକୁ ଯାଉଥିବା ଜଣେ ଅପରାଧୀଙ୍କୁ ଯଥେଷ୍ଟ ନୋଟିସ ଏବଂ ପର୍ଯ୍ୟାପ୍ତ ସୁଯୋଗ ଦିଆ ନ ଯିବା ନ୍ୟାୟର ବିଡ଼ମ୍ବନା ବୋଲି ଖଣ୍ଡପୀଠ କହିଛନ୍ତି।

# ରାଷ୍ଟ୍ରପତିଙ୍କୁ କ୍ଷମା ମାଗିଲେ ଅଧୀର

**ନୂଆଦିଲ୍ଲୀ,୨୯।୭**

- ପାଟିରୁ ଖସିଯାଇଥିଲା 'ରାଷ୍ଟ୍ରପତ୍ନୀ' ଶବ୍ଦ
- ଦ୍ରୌପଦୀଙ୍କୁ ଭେଟିଲେ ସ୍ମୃତି ଇରାନୀ
- ସଂସଦରେ ଅଚଳାବସ୍ଥା ଜାରି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ 'ରାଷ୍ଟ୍ରପତ୍ନୀ' କହି ହଟହଟା ହେବା ପରେ ନିଜ ବିବାଦୀୟ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ। ସେ ଶୁକ୍ରବାର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର ଲେଖି ଭୁଲ୍‌ରେ ରାଷ୍ଟ୍ରପତ୍ନୀ ଶବ୍ଦ ତାଙ୍କ ପାଟିରୁ ଖସିଯାଇଥିବା ଉଲ୍ଲେଖ କରିଛନ୍ତି।

ନ୍ୟାଶନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଜେରା ବିରୋଧରେ ବିକ୍ଷୋଭ ବେଳେ ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଗଣମାଧ୍ୟମକୁ କହିଥିଲେ, ହଁ ଆମେ ରାଷ୍ଟ୍ରପତ୍ନୀଙ୍କ ନିକଟକୁ ଯିବୁ। ସେ ସମସ୍ତଙ୍କ ପାଇଁ 'ରାଷ୍ଟ୍ରପତ୍ନୀ'। ଉକ୍ତ ଭିଡିଓ ବହୁଳ



ଅଧୀର ରଞ୍ଜନ ଚୌଧୁରୀ

ପ୍ରସାରିତ ହେବା ପରେ ଗୁରୁବାର ଭାଜପା ଏହାକୁ ନିନ୍ଦା କରିଥିଲା। ପାର୍ଲାମେଣ୍ଟର ଉଭୟ ଗୃହରେ ଭାଜପା ସଦସ୍ୟମାନେ କଂଗ୍ରେସକୁ ଘେରିଥିଲେ। ଏଥିସହ ଅଧୀର ଓ ସୋନିଆ କ୍ଷମା ମାଗନ୍ତୁ ବୋଲି ଦାବି ସେମାନେ କରିଥିଲେ। ସମାଲୋଚିତ ହେବା ପରେ ଅଧୀର କହିଥିଲେ, ସେ ଜଣେ ବଙ୍ଗାଳୀ ହୋଇଥିବାରୁ ଭଲ ଭାବେ ହିନ୍ଦୀ କହିପାରନ୍ତି ନାହିଁ। ତାଙ୍କ ପାଟିରୁ 'ରାଷ୍ଟ୍ରପତ୍ନୀ' ଶବ୍ଦ ଖସିଯାଇଛି। ଏହା ବ୍ୟାକରଣଗତ ତ୍ରୁଟି। ରାଷ୍ଟ୍ରପତିଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟ ନ ଥିଲା। ତାଙ୍କ ମନ୍ତବ୍ୟ ଆଘାତ ଦେଇଥିଲେ ସେ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବେ, କିନ୍ତୁ ପାଖଣ୍ଡିମାନଙ୍କୁ ନୁହେଁ। ଏହି ବିବାଦ ଘନେଇବାରେ ଲାଗିଥିବାବେଳେ ଶୁକ୍ରବାର ଅଧୀର ରାଷ୍ଟ୍ରପତିଙ୍କ ନିକଟକୁ କ୍ଷମାପତ୍ର ଲେଖିଛନ୍ତି। ଭୁଲ୍‌ରେ ତାଙ୍କ ପାଟିରୁ ଏହା ଖସିଯାଇଥିଲା। ଏଥିପାଇଁ ସେ ଦୁଃଖିତ। ଆଗକୁ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ଅଧୀର ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷେ ଏହି ପ୍ରସଙ୍ଗରେ କଂଗ୍ରେସ ଓ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଲୋକ ସଭାରେ ଘେରିଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ସଂସଦରେ ଅଧୀରଙ୍କ ମନ୍ତବ୍ୟ ଓ ଦରଦାମ ବୃଦ୍ଧି ପ୍ରସଙ୍ଗକୁ ନେଇ ଦ୍ୱିତୀୟ ଦିନ ଧରି ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଶାସକ-ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଲୋକ ସଭା ଓ ରାଜ୍ୟ ସଭାକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ପ୍ରକାଶ ଯେ, ଜୁଲାଇ ୧୮ରେ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନରେ ଅଦ୍ୟାବଧି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରି ନାହିଁ।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** ଲଗାତର ୩ୟ ଦିନ ପାଇଁ ଷ୍ଟକ୍ ବଜାର ଶେୟାର ବୃଦ୍ଧି ପାଇଛି। ଏପରିକି ଦଲାଲ ଷ୍ଟ୍ରିଟ୍‌ର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଦେଶରେ ଦର ବୃଦ୍ଧି ଓ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପରେ ମଧ ଷ୍ଟକ୍ ମାର୍କେଟର ୫ମ କାର୍ଯ୍ୟ ଦିବସରେ ମଧ କାରବାର ଭଲ ରହିଛି। ଶୁକ୍ରବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ୧% ରୁ ଊର୍ଦ୍ଧ୍ୱ ଶେୟାର ବୃଦ୍ଧି ଘଟିଛି। ଫଳରେ ସେନ୍‌ସେକ୍ସ ୭୧୨ (୭୧୨.୪୬) ପଏଣ୍ଟ ବୃଦ୍ଧି ଘଟି ୫୭,୫୭୦ (୫୭,୫୭୦.୨୫) ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୨୨୯ (୨୨୮.୬୫) ପଏଣ୍ଟ ବଢ଼ି ୧୭,୧୫୮(୧୭,୧୫୮.୨୫) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ୧.୫ ଟ୍ରିଲିୟନ ନିକଟବର୍ତ୍ତୀ ୫ଜି ବିଡିଂ

**ନୂଆଦିଲ୍ଲୀ,୨୯।୭:** ଭାରତୀୟ ଟେଲିକମ୍ ସେବା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ଲାଗି କେନ୍ଦ୍ର ସରକାର ଗତ ମଙ୍ଗଳବାରଠାରୁ ୫ଜି ନିଲାମି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଟେଲିକମ୍ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଆଉ ୭ ରାଉଣ୍ଡ ନିଲାମ ପ୍ରକ୍ରିୟା କାର୍ଯ୍ୟ ଶେଷ କରାଯାଇଛି। ସେହିଭଳି ୪ର୍ଥ ଦିନର ନିଲାମ ପ୍ରକ୍ରିୟା ଶେଷ ସୁଦ୍ଧା ପ୍ରାୟ ୧.୫ ଟ୍ରିଲିୟନ ନିକଟବର୍ତ୍ତୀ ବିଡିଂ ହୋଇପାରିଛି। ଏପରିକି ମୋଟ ୨୩ ରାଉଣ୍ଡ ବିଡିଂ ଶେଷ ସୁଦ୍ଧା ମୋଟ ୧,୪୯,୮୫୫ କୋଟି ଟଙ୍କାର ବିଡ ଆସିଥିବା ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସେହିପରି ଗୁରୁବାର ଭଳି ଶୁକ୍ରବାର ମଧ ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ନିଲାମ ସନ୍ଧ୍ୟା ୬ ଘଟିକାରେ ବିଡିଂ ଶେଷ ହୋଇଥିଲା। ପ୍ରଥମ ଦିନରେ ୪ ରାଉଣ୍ଡ ବିଡିଂ,୨ୟ ଦିନରେ ୫ ରାଉଣ୍ଡ, ୩ୟ ଦିନରେ ୭ ରାଉଣ୍ଡ ଏବଂ ୪ର୍ଥ ଦିନରେ ମଧ ୭ ବିଡିଂ ଡାକ ହୋଇଥିଲା। ଶନିବାର ମଧ ନିଲାମ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

### ବଜାଜ ଆଲିଆଞ୍ଜ ସହ ଡିବିଏସ୍ ବ୍ୟାଙ୍କର ସହଯୋଗିତା

**ନୂଆଦିଲ୍ଲୀ,୨୯।୭:** ବଜାଜ ଆଲିଆଞ୍ଜ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଡିବିଏସ୍ ବ୍ୟାଙ୍କ୍ ଇଣ୍ଡିଆ ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହା ଜରିଆରେ ବ୍ୟାଙ୍କର ୩ଏମ୍ ଗ୍ରାହକଙ୍କୁ ବ୍ୟାପକ ପ୍ରକାର ଜୀବନ ବୀମା ସମାଧାନ ପ୍ରଦାନ କରାଯିବ। ଏହି ସହଯୋଗିତା ଜରିଆରେ ବଜାଜ୍ ଆଲିଆଞ୍ଜ ଲାଇଫ୍ ଓ ଡିବିଏସ୍ ବ୍ୟାଙ୍କ ଗ୍ରାହକମାନଙ୍କୁ ଜୀବନ ବୀମା ଉତ୍ପାଦରେ ନିବେଶ କରି ନିଜ ଜୀବନର ଆବଶ୍ୟକତାକୁ ପର୍ଯ୍ୟାୟକ୍ରମେ ପୂରଣ କରି ସେମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରହିଛି। ଡିବିଏସ୍‌ର ୫୫୦ରୁ ଅଧିକ ଶାଖାରେ ନୂଆ ଓ ପୁରୁଣା ଗ୍ରାହକମାନେ ଏବେ ବଜାଜ ଆଲିଆଞ୍ଜ ଲାଇଫ୍‌ର ମିଆଦୀ, ସଞ୍ଚୟ, ଅବସରକାଳୀନ ଓ ନିବେଶ ଉତ୍ପାଦଗୁଡ଼ିକୁ ହାସଲ କରପାରିବେ। ମୁମ୍ବାଇରେ ବଜାଜ ଆଲିଆଞ୍ଜ୍ ଲାଇଫ୍ ଇନ୍‌ସ୍ୟୁରାନ୍ସର ଏମ୍‌ଡି ଓ ସିଇଓ ତରୁଣ ଚୁଗ୍ ଓ ଡିବିଏସ୍ ବ୍ୟାଙ୍କ୍ ଇଣ୍ଡିଆର କଞ୍ଜ୍ୟୁମର୍ ବ୍ୟାଙ୍କିଙ୍ଗ୍ ଗ୍ରୁପ୍‌ର ଏମ୍‌ଡି ଓ ମୁଖ୍ୟ ପ୍ରଶାନ୍ତ ଜୋଷୀ ଉଭୟ ସଂସ୍ଥାର ଅନ୍ୟମାନଙ୍କ ଉପସ୍ଥିତିରେ ଏହି କର୍ପୋରେଟ୍ ଏଜେନ୍ସି ବୁଝାମଣା ସ୍ୱାକ୍ଷର କରିଛନ୍ତି।

# ଖସୁଛି ଖାଉଟି ସାମଗ୍ରୀର ମୂଲ୍ୟ

**ନୂଆଦିଲ୍ଲୀ,୨୯।୭**

ଗତ କିଛି ମାସ ହେବ ଦର ବୃଦ୍ଧି, ଭାରତୀୟ ଟଙ୍କାର ଅବମୂଲ୍ୟାୟନ ଓ ଅନ୍ତର୍ଜାତୀୟ ସମସ୍ୟାକୁ ନେଇ ସରକାର ଚିନ୍ତାରେ ପଡ଼ିଛନ୍ତି। ବିଶେଷକରି ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀର ଦର ଆକାଶଛୁଆଁ ରହିବା ଯୋଗୁ ଜନ ଅସନ୍ତୋଷ ମଧ ବଢ଼ି ଚାଲିଛି। ଏଭଳି ସ୍ଥିତିରେ ଖାଉଟି ବଜାରରେ ଦର ପରିବର୍ତ୍ତନ ସହ ସ୍ଥିର ରହିବା ସବୁ ବର୍ଗଙ୍କୁ ସୁହାଉଛି। ଏପରିକି ଅଟା, ତେଲ, ଚାଉଳ ଓ ଡାଲି ଭଳି ଅତି ଆବଶ୍ୟକ ସାମଗ୍ରୀର ମୂଲ୍ୟ ପୂର୍ବ ମାସ ଅପେକ୍ଷା ଢେର ହ୍ରାସ ଘଟିଛି। ହେଲେ ଗତବର୍ଷର ଏହି ଅବଧିର ଦର ସହ ତୁଳନା କଲେ ବର୍ତ୍ତମାନ ବି ସେସବୁ ସାମଗ୍ରୀର ଦର ବେଶ୍ ଉଚ୍ଚା ରହିଛି। ସେହିଭଳି ଗତ ୧ ମାସରେ ସୋରିଷ ତେଲର ମୂଲ୍ୟ ୨.୮୯ % ହ୍ରାସ ହୋଇଥିବା ବେଳେ ଗତ ବର୍ଷ ତୁଳନାରେ ୨.୮୭% ମହଙ୍ଗା ରହିଛି।

**ଗତ ବର୍ଷ ତୁଳନାରେ ଚଳିତ ବର୍ଷର ଦର ଉଚ୍ଚା ରହିଛି**



ସେହିପରି ବଜାରରେ ବୁଟଡାଲି ୧.୭୫% କମିଥିବା ବଜାର ଦରର ତାଜା ତଥ୍ୟ ଉପଭୋକ୍ତା ମନ୍ତ୍ରଣାଳୟ ୱେବ୍‌ସାଇଟ ପକ୍ଷରୁ ଜାରି କରାଯାଇଛି। ଅପରପକ୍ଷରେ ଗତବର୍ଷ ଜୁଲାଇ ଶେଷ ଆଡକୁ ଦିଲ୍ଲୀରେ ବୁଟଡାଲିର ଖୁଚୁରା ମୂଲ୍ୟ କେଜି ପିଛା ୭୭ ଟଙ୍କା ଥିଲା ଯାହା ଏବେ ବଜାରରେ କେଜି ପିଛା ୭୦ ଟଙ୍କାରେ କାରବାର ହେଉଛି। ହରଡ଼ ଡାଲିର ଗତବର୍ଷ କେଜି ପିଛା ଖୁଚୁରା ମୂଲ୍ୟ ୧୧୨ ଟଙ୍କା ଦରରେ ବିକ୍ରି ହେଉଥିଲା, ହେଲେ ଚଳିତବର୍ଷ ଏହା ୪ ଟଙ୍କା ହ୍ରାସ ପାଇ ୧୦୮ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ଦିଲ୍ଲୀରେ ବର୍ଷକ ପୂର୍ବେ ସୋରିଷ ତେଲ ଲିଟର ପିଛା ୧୭୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ଚଳିତବର୍ଷ ଏହି ଦର ୧୭୯ ଟଙ୍କାରେ କାରବାର ହେଉଛି। ଏହି ଦର ଚେନ୍ନାଇରେ ସର୍ବାଧିକ ୧୯୨ ଟଙ୍କା ରହିଛି। ସୂର୍ଯ୍ୟମୁଖୀ ତେଲ ଲିଟର ପିଛା ଦର ୧୯୧ ଟଙ୍କାରୁ ହ୍ରାସ ହୋଇ ୧୦୭ ଟଙ୍କାକୁ ଖସିଆସିଛି। ତେବେ ପାମ୍ ତେଲ ୧୨୯ ଟଙ୍କା ବଦଳରେ ଲିଟର ପିଛା ୧୪୧ ଟଙ୍କାରେ କାରବାର ହେଉଛି। ସେହିଭଳି ବଜାରରେ ଚାଉଳ ୧.୬୭%, ଗହମ ୧୧.୭୫, ଚିନି ୬.୧୦% ଓ ଅଟା ୧୧.୭୩% ମହଙ୍ଗା ହୋଇଛି ବୋଲି ମନ୍ତ୍ରଣାଳୟର ୱେବ୍‌ସାଇଟରେ ଉଲ୍ଲେଖ କରାଯାଇଛି।

# ହିରୋ ଫର୍ ହ୍ୟୁମାନିଟି




ରାଜ୍ୟର ୧୫୦ ଚିହ୍ନଟ ପରିବାର ପାଇଁ ସ୍ୱତନ୍ତ୍ର କଲ୍ୟାଣ ପ୍ୟାକେଜ ପ୍ରଦାନ କରାଯାଉଛି।

**ଭୁବନେଶ୍ୱର,୨୯।୭**

ସମାଜର ଉନ୍ନତି ଦିଗରେ ନିଜର ପ୍ରତିବଦ୍ଧତାକୁ ପାଳନ କରିବାକୁ ଯାଇ ହିରୋ ମୋଟୋକର୍ପ ଓଡ଼ିଶାର ୧୫୦ କୋଭିଡ୍ ପ୍ରଭାବିତ ପରିବାରକୁ ପୋଷ୍ୟ ଭାବେ ଗ୍ରହଣ କରିଛି। କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପ୍ଲାଟ୍‌ଫର୍ମ 'ହିରୋ ୱି କେୟାର' ଅନ୍ତର୍ଗତ ଆରମ୍ଭ ହୋଇଥିବା 'ହିରୋ ଫଭର ହ୍ୟୁମାନିଟି' ପ୍ରୋଜେକ୍ଟରେ କରୋନା ଭାଇରସ୍ ମହାମାରୀ ଯୋଗୁ ଗୁରୁତର ପ୍ରଭାବିତ ହୋଇଥିବା ରାଜ୍ୟର ୧୫୦ ଚିହ୍ନଟ ପରିବାର ପାଇଁ ସ୍ୱତନ୍ତ୍ର କଲ୍ୟାଣ ପ୍ୟାକେଜ ପ୍ରଦାନ କରାଯାଇଛି। ଆସୋସିଏଶନ ଅଫ୍ ବିଜ୍‌ନେସ୍ ଓମେନ ଇନ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏବିଡବ୍ଲ୍ୟୁସିଆଇ) ସହ ମିଳିତ ଭାବେ ଏହି ପ୍ରକଳ୍ପ ଆରମ୍ଭ କରାଯାଇଛି। ଏପରିକି କମ୍ପାନୀ ଓଡ଼ିଶାର ସେହି ପିଲାମାନଙ୍କୁ ସହାୟତା ପ୍ରଦାନ କରିବ, ଯେଉଁମାନେ ସେମାନଙ୍କର ପିତାମାତାଙ୍କ ମଧ୍ୟରୁ ଜଣଙ୍କୁ ଅବା ଉଭୟଙ୍କୁ କିମ୍ବା ଅଭିଭାବକଙ୍କୁ ଏବଂ ସ୍ୱାମୀଙ୍କୁ କୋଭିଡ୍-୧୯ କାରଣରୁ ହରାଇଥିବା ମହିଳାଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବ। ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ୨୫ ପରିବାରଙ୍କୁ ରିଲିଫ ପ୍ୟାକେଜ ବଣ୍ଟନ କରାଯାଇଛି।

ଏ ସମ୍ପର୍କରେ ହିରୋ ସିଏସ୍‌ଆର୍ ଏବଂ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ଭାରତେନ୍ଦୁ କବି କହିଛନ୍ତି, ଜଣେ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବରେ ହିରୋ ମୋଟୋକର୍ପ ତୁରନ୍ତ ମାନବିକ ଆବଶ୍ୟକତା ତଥା କରୋନା ଭାଇରସ୍ ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ଦୀର୍ଘକାଳୀନ ଅର୍ଥନୈତିକ ଆହ୍ୱାନକୁ ସମାଧାନ କରିବାରେ ସହାୟତା ପ୍ରଦାନ କରୁଛି।

## ଭିତ୍ତିଭୂମି କ୍ଷେତ୍ରରେ ଅଭିବୃଦ୍ଧି ଜାରି

**ନୂଆଦିଲ୍ଲୀ,୨୯।୭**

ଚଳିତ ବର୍ଷ ଜୁନ୍‌ରେ ଭାରତର ୮ଟି ଭିତ୍ତିଭୂମି କ୍ଷେତ୍ର ବ୍ୟାପକ ଅଭିବୃଦ୍ଧି ହାସଲ କରିଛି। ଏପରିକି ଲଗାତର ୨ୟ ମାସ ପାଇଁ ଭିତ୍ତିଭୂମି କ୍ଷେତ୍ରରେ ୨ଅଙ୍କ ବୃଦ୍ଧି ଘଟିଛି। ସେହିପରି ଏହି କ୍ଷେତ୍ରରେ କ୍ରମାଗତ ଭାବେ ଅଭିବୃଦ୍ଧି ହାର ହ୍ରାସ ପାଉଥିବା ଶୁକ୍ରବାର ଶିଳ୍ପ ବିଭାଗ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡିଛି। ଚଳିତ ବର୍ଷ ଜୁନ୍‌ରେ ଭାରତୀୟ କୋର ସେକ୍ଟର ୧୨.୭ % ବୃଦ୍ଧି ପାଇଥିବା ବେଳେ କ୍ରମାଗତ ଭାବେ ଏହା ୪.୧% ଚୁକ୍ତି କରିଛି। ଏ ନେଇ ମଧ ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତ୍ୟ ନାୟାର କହିଛନ୍ତି, ମେ'ମାସରେ ୧୯.୩% ରୁ କୋର ସେକ୍ଟର ଅଭିବୃଦ୍ଧିରେ ଯଥେଷ୍ଟ ମୋଡରେସନ ରହିଛି। ସେହିଭଳି ଜୁନ୍‌ରେ ୧୨.୭% ଅଭିବୃଦ୍ଧି ଯାହା ସାଧାରଣକରଣ ଆଧାରକୁ ପ୍ରତିଫଳିତ କରିଥାଏ। ଇସ୍ପାତ ଏବଂ ଅଶୋଧିତ ତୈଳ ବ୍ୟତୀତ ସମସ୍ତ କ୍ଷେତ୍ରରୁ ସୁସ୍ଥ ପ୍ରଦର୍ଶନ ସହ ଜୁନ୍ ୨୦୨୨ରେ ପ୍ରି-କୋଭିଡ୍ ସ୍ତରରୁ ମୂଳ କ୍ଷେତ୍ର ୮% ଅଭିବୃଦ୍ଧି ରିପୋର୍ଟ କରିଛି।

## ଓଡିଏମ୍ ଗ୍ଲୋବାଲ ସ୍କୁଲ ସମ୍ମାନିତ




**ଭୁବନେଶ୍ୱର,୨୯।୭**

ହାଇଦ୍ରାବାଦରେ ଅନୁଷ୍ଠିତ ୨୪ତମ ବିଶ୍ୱ ଶିକ୍ଷା-ଶିଖର ସମ୍ମିଳନୀ (୨୪ତମ ୱାର୍ଲଡ୍ ଏଜୁକେସନ୍ ସମିଟ୍)ରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ବିଶ୍ୱସ୍ତରୀୟ ସହଯୋଗାତ୍ମକ ଶିକ୍ଷାରେ ଉତ୍କୃଷ୍ଟ ନବାଚାର ପାଇଁ ପ୍ରମାଣପତ୍ର ଓ ବୈଜୟନ୍ତୀ ଦ୍ୱାରା ସମ୍ମାନିତ ହେବାର ଗୌରବ ଲାଭ କରିଛି । ଏହି ଶିଖର ସମ୍ମିଳନୀରେ ଓଡିଏମ୍ ଗ୍ଲୋବାଲ ସ୍କୁଲର ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟମ୍ ସତ୍ୟେନ୍ଦୁ ଓଡିଏମ୍ ଶିକ୍ଷା ସମୂହର ପ୍ରତିନିଧି ଓ ବକ୍ତା ଭାବେ ଯୋଗଦାନ କରି ବିଦ୍ୟାଳୟର ପଠନ କ୍ଷେତ୍ରରେ ନବାଚାର ଓ ସୃଜନଶୀଳତାର ଉତ୍କୃଷ୍ଟ ବ୍ୟବହାର ସମ୍ବନ୍ଧରେ ଆଲୋକପାତ କରି ବିଚାରକମାନଙ୍କୁ ଗଭୀର ପ୍ରଭାବିତ କରିଥିଲା । ଏହି ପରିପ୍ରେକ୍ଷୀରେ ସତ୍ୟେନ୍ଦୁ କହିଛନ୍ତି, ଓଡିଏମ୍ ଗ୍ଲୋବାଲ ସ୍କୁଲ ଏହିପରି ଏକ ବିଶ୍ୱସ୍ତରୀୟ ସହଯୋଗାତ୍ମକ ଓ ଅତ୍ୟାଧୁନିକ ନବାଚାର ପ୍ରୟୋଗକୁ ବିଦ୍ୟାଳୟସ୍ତରୀୟ ଶିକ୍ଷା ପ୍ରଣାଳୀରେ ଅଧିକରୁ ଅଧିକ ପ୍ରୋତ୍ସାହିତ କରି ଛାତ୍ରୀଛାତ୍ରମାନଙ୍କୁ ସମୟୋପଯୋଗୀ ସକ୍ଷମ ମାନବ-ସଂସାଧନ ଏବଂ ଉନ୍ନତ ରାଷ୍ଟ୍ର ଗଠନ ଉଦ୍ଦେଶ୍ୟରେ ଗଢି ତୋଳୁଛି। ଏହି ଅବସରରେ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଓ ମୁଖ୍ୟ ଡକ୍ଟର ସତ୍ୟବ୍ରତ ମୀନକେତନ ଓ ପ୍ରବନ୍ଧିକା ଇନ୍ଦୁମତୀ ରାୟ, ବିଦ୍ୟାଳୟର ଅଧ୍ୟକ୍ଷା ଶୈଳେନ୍ଦ୍ର କୁମାରୀ ତଥା ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ଗୁଣାତ୍ମକ ଉତ୍ପାଦ-ସେବାକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୨୯।୭**

ଦେଶର ପ୍ରମୁଖ ତଥା ଗୁଣାତ୍ମକ ଏବଂ ସଚେତନ ସୋଲାର ବ୍ରାଣ୍ଡ ଭାବେ 'ଗୋଲ୍ଡି ସୋଲାର' ବେଶ୍ ପରିଚିତ। ବର୍ତ୍ତମାନ ଏହା ଓଡ଼ିଶାର ବଲାଙ୍ଗୀରଠାରେ ଅବସ୍ଥିତ ଏକ ଅଗ୍ରଣୀ ସୋଲାର ସଲ୍ୟୁସନ ପ୍ରଦାନକାରୀ ସଂସ୍ଥା ଭାବେ ପରିଗଣିତ ହୋଇଛି। ଯିଏ କି ୯+ ମେଗାୱାଟ୍ ଯୋଗାଣକ୍ରମ ଅର୍ଡର ପାଇପାରିଛି। ଓଡ଼ିଶାରେ ହିଲ୍‌ଡ ପ୍ରୋଜେକ୍ଟ ସହ କମ୍ପାନୀ ସହଭାଗିତାରେ କାର୍ଯ୍ୟ କରୁଛି। ସେହିଭଳି ଚଳିତ ବର୍ଷ ଜୁଲାଇରେ ଏହି ସଂସ୍ଥା ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ ସହ ମିଶି ଏକ ପ୍ରୋଜେକ୍ଟକୁ ନେଇ କାର୍ଯ୍ୟ କରୁଛି। ଏହାର ଗୁଣାତ୍ମକ ଉତ୍ପାଦ ଓ ସେବା ଦ୍ୱାରା ଲୋକମାନଙ୍କ ନିକଟତର ହୋଇପାରିଛି। କମ୍ପାନୀ ବର୍ତ୍ତମାନ ଗୁଜରାଟରେ ୨ଟି ଅତ୍ୟାଧୁନିକ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଗୋଲ୍ଡି ସୋଲାର ଏକ ଦଶନ୍ଧିରୁ ଅଧିକ ସମୟ ଧରି ଶିଳ୍ପ ସମୃଦ୍ଧ ଅଭିଜ୍ଞତା ଅର୍ଜନ କରିପାରିଛି। ଏହାର ବର୍ତ୍ତମାନ ଉତ୍ପାଦନ କ୍ଷମତା ୨.୫ ଜିଡବ୍ଲ୍ୟୁ ରହିଥିବାବେଳେ ଖୁବ୍‌ଶୀଘ୍ର ଏହା ୬ଜିଡବ୍ଲ୍ୟୁକୁ ବୃଦ୍ଧି ହେବାକୁ ଯାଉଛି। ଏ ସମ୍ପର୍କରେ ଗୋଲ୍ଡି ସୋଲାରର ସହ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଭାରତ ଭୁତ୍ କହିଛନ୍ତି, ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଆମେ ଏଠାରେ ବହୁ ପ୍ରକଳ୍ପରେ ଅଂଶ ଗ୍ରହଣ କରିବାକୁ ପ୍ରୟାସ କରୁଛୁ। ଆମର ଗୁଣାତ୍ମକ ଉତ୍ପାଦ ଓ ବ୍ରାଣ୍ଡକୁ ନେଇ ଆମର ସୁଦୃଢ଼ ପାଇପଲାଇନ ରହିଛି। ଓଡ଼ିଶାରେ ହିଲ୍‌ଡ ପ୍ରୋଜେକ୍ଟ ସହ ସହଭାଗୀ ହୋଇ ପାରିଥିବାରୁ ଆମେ ଗର୍ବିତ।

## ଫୁରସତ୍

# ବିଶ୍ୱର ସବୁଠୁ ଦାମୀ ଘର

**ପ୍ୟାରିସ୍:** ସାଉଦି ଆରବ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନ ଫ୍ରାନ୍ସ ଗସ୍ତରେ ଥିବାବେଳେ ମାତ୍ର ଗୋଟିଏ ରାତି ସଲମାନ୍ ବିଶ୍ୱର ସବୁଠାରୁ ଦାମୀ ଘରେ ରହିବା କଥା ଏବେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହେବାରେ ଲାଗିଛି। ଲୋଭେସିନ୍ନସ୍‌ର ଛାଟିୟୁ ଲୁଇସ୍ ଏକ୍ସଆଇଭି ବିଶ୍ୱର ସବୁଠାରୁ ଦାମୀ ଘର ମଧ୍ୟରୁ ଗୋଟିଏ।

**ବିଶେଷତ୍ୱ**

୭ ହଜାର ସ୍କୋୟାର ମିଟର ପରିମିତ ଅଞ୍ଚଳରେ ଏହି ବିରାଟ ବଙ୍ଗଳା ଅବସ୍ଥିତ। ତେବେ ଏହାର ମାଲିକ ହେଉଛନ୍ତି ନିଜେ ପ୍ରିନ୍ସ ସଲମାନ। ୨୦୧୫ରେ ଏହାକୁ ୨୭୫ ମିଲିୟନ୍ ୟୁରୋରେ ସେ କିଣିଥିଲେ। ୨୦୦୮ରୁ ୨୦୧୧ ମଧ୍ୟରେ ଏହି ବିଶାଳ ଘର ନିର୍ମାଣ କରାଯାଇଥିଲା। ପ୍ରପର୍ଟି ଡେଭଲପର୍ ଇମାଦ ଖାଶୋଗ୍ଗିଙ୍କ କମ୍ପାନୀ ଏହାର ନିର୍ମାଣ କରିଥିଲା। ଏହା ଏକ ରାଜପ୍ରାସାଦ ହୋଇଥିଲେ ହେଁ ଯଦି କୌଣସି ବ୍ୟକ୍ତି ଏଠାରେ ସମୟ କାଟିବାକୁ ଚାହାନ୍ତି ତେବେ ସେ ଉପଯୁକ୍ତ ଦେୟ ଦେଇ ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ଏହାର ଇନ୍‌ଡୋର୍ ଓ ଆଉଟ୍‌ଡୋର୍‌ରେ ରିଭର୍ସିବଲ୍ ଏୟାର କଣ୍ଡିସନିଙ୍ଗ୍‌ର ସବୁଧା ରହିଛି। ଏଠାରେ ମ୍ୟୁଜିକ୍‌ର ସୁବିଧା ଥିବା ସହ ସ୍ୱତନ୍ତ୍ର ସ୍ପିକର୍ ସାହାଯ୍ୟରେ ଏହାର ସାଉଣ୍ଡକୁ ନିୟନ୍ତ୍ରଣ କରାଯିବାର ସୁବିଧା ମଧ ଉପଲବ୍ଧ । ୨୩ ହେକ୍ଟର ପରିମିତ ସ୍ଥାନ କେବଳ ପାର୍କିଂ ବ୍ୟବସ୍ଥାକ ପାଇଁ ରଖାଯାଇଛି। ସପ୍ତଦଶ ଶତାବ୍ଦୀରେ ଏହାର ନିର୍ମାଣ କରାଯାଇଥିଲା। ବିଶେଷ ପ୍ରକାର ମାର୍ବଲ ଓ ସିଲ୍କ ଏଥିରେ ବ୍ୟବହାର କରାଯାଇଛି। ବାସ୍ତୁକଳାପ୍ରତି ଥିବା ରାଜାଙ୍କ ରୁଚି ଅନୁସାରେ ଏହି ପ୍ରାସାଦର ନାମକରଣ ଛାଟିଉ ଲୋଇସ ଚର୍ତୁଦଶ ରଖାଯାଇଥିବା କୁହାଯାଉଛି।



ପ୍ରାସାଦରେ ନାଇଟ୍ କ୍ଲବ ଏବଂ ସିନେମା ଘରର ସୁବିଧା ରହିଛି। ଏଥିସହ ପାଣିତଳେ ଏକ କାଚ ଘର ମଧ ରହିଛି। ଧଳା ଚମଡ଼ାରେ ତିଆରି ଫର୍ନିଚର ରଖାଯାଇଥିବାବେଳେ ଏଠାରେ ଧଳା ଓ ସୁନେଲି ରଙ୍ଗକୁ ବହୁଳ ଭାବେ ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଛି।

# ମା'ହେବେ ବିପାଶା


ବିପାଶା ବାସୁ

**ମୁମ୍ବାଇ:** ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ବ୍ଲାକ୍ ବ୍ୟୁଟି ଭାବେ ଜଣାଶୁଣା ବିପାଶା ବାସୁ ମା' ହେବାକୁ ଯାଉଥିବା ଖବର ପ୍ରକାଶ ପାଇଛି। ୨୦୧୬ରେ ବିପାଶା ଅଭିନେତା କରନ୍ ସିଂ ଗ୍ରୋଭରଙ୍କୁ ପ୍ରେମ ବିବାହ କରିଥିଲେ। ଦିନ ବଢ଼ିବା ସାଙ୍ଗକୁ ଦୁହିଁଙ୍କ ପ୍ରେମ ସମ୍ପର୍କ ଦିନକୁ ଦିନ ମଜଭୁତ ହେବା-ରେ ଲାଗିଛି। ତେବେ ମା' ହେବା କଥା ନେଇ ବିପାଶା କିମ୍ବା ସ୍ୱାମୀ କରନ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ହରର୍ ଫିଲ୍ମ 'ଏଲୋନ୍'ର ଶୁଟିଂ ବେଳେ ଦୁହେଁ ପ୍ରେମରେ ପଡ଼ିଥିଲେ। କିଛି ବର୍ଷ ଡେଟ୍ କଲା ପରେ ବିପାଶା କରନଙ୍କ ବାହାଘର ହୋଇଥିଲ।। ବିପାଶାଙ୍କୁ ବାହାହେବା ପୂର୍ବରୁ କରନ୍ ଦୁଇ ଜଣଙ୍କୁ ବାହା ହୋଇ ଛାଡ଼ପତ୍ର ଦେଇଛନ୍ତି। ବିପାଶା ୨୦୧୫ରେ ଶେଷଥର ପାଇଁ ଫିଲ୍ମ ଏଲୋନ୍‌ରେ ଦେଖାଯାଇଥିଲେ। ସେହିପରି ୨୦୨୦ରେ 'ଡେଞ୍ଜରିୟସ' ୱେବ୍ ସିରିଜ୍ ଜରିଆରେ ବିପାଶା ଓଟିଟିରେ ଡେବ୍ୟୁ କରିଥିଲେ।

# ବନ୍ଧୁତା ହିଁ ଶାନ୍ତିର ପ୍ରଥମ ପାହାଚ

**ବନ୍ଧୁତା ଦିବସ**



ବନ୍ଧୁତା ଦ୍ୱାରା ଶାନ୍ତିର ମାର୍ଗ ପ୍ରଶସ୍ତ ହୋଇଥାଏ। ଏହା ଦ୍ୱାରା ସମଗ୍ର ବିଶ୍ୱରେ ଏକ ପରିବାରବୋଧ ସୃଷ୍ଟି ହୋଇପାରିଥାଏ। ଏ ନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ୩୦ରେ ବନ୍ଧୁତା ଦିବସ ପାଳନ କରାଯାଇଥାଏ। ଏହା ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ଭାବରେ ମଧ ଜଣାଶୁଣା।

୧୯୩୫ରେ ଯୁକ୍ତରାଷ୍ଟ୍ରରେ ଏହି ଦିନଟି ବନ୍ଧୁମାନଙ୍କ ସମ୍ମାନାର୍ଥେ ପାଳନ କରାଯିବା ଆରମ୍ଭ ହୋଇଥିଲା। ୧୯୫୮ରେ ପାରାଗୁଏରେ ଜୋୟସ ହଲ୍‌ଙ୍କ ଦ୍ୱାରା ବନ୍ଧୁତା ଦିବସ ପାଳନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପ୍ରଥମେ ଏହା ୨ ଅଗଷ୍ଟରେ ପାଳନ କରାଯାଉଥିଲା। ପରେ ଏହି ଦିବସ ୭ ଅଗଷ୍ଟରେ ପାଳନ କରାଯାଉଥିଲା। ୧୯୯୮ରେ ବନ୍ଧୁତ୍ୱ ଦିବସ ପାଳନ ଅବସରରେ ଜାତିସଂଘର ମହାସଚିବ କୋଫି ଆନ୍ନାନଙ୍କ ସ୍ତ୍ରୀ ନାନେ ଆନ୍ନାନ ୱିନି ପୁହଙ୍କୁ ମିଳିତ ଜାତିସଂଘରେ ବନ୍ଧୁତ୍ୱର ବିଶ୍ୱ ରାଷ୍ଟ୍ରଦୂତ ଭାବରେ ନାମିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ୟୁଏନ୍ ଜନ ସୂଚନା ବିଭାଗ ଏବଂ ଡିଜ୍‌ନି ଏଣ୍ଟରପ୍ରାଇଜେସ ସହଭାଗିତାରେ ପ୍ରାୟୋଜିତ କରାଯାଇଥିଲା। କ୍ୟାଥି ଲି ଗିଫୋର୍ଡଙ୍କ ସହଯୋଗରେ ଏହା ଆୟୋଜିତ ହୋଇଥିଲା।

୨୦୧୧ରେ ଜାତିସଂଘ ପକ୍ଷରୁ ଜୁଲାଇ ୩୦ରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ବିଶ୍ୱ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ।

# ଯାତ୍ରୀଙ୍କ ଅସ୍ୱାଭାବିକ ଆଚରଣ ପାଇଁ ଜରୁରୀ ଅବତରଣ କଲା ବିମାନ

**ଲଣ୍ଡନ:** ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାରଣ ପାଇଁ ଅନେକ ସମୟରେ ବିମାନକୁ ଜରୁରୀ ଅବତରଣ କରିବାକୁ ପଡ଼ିଥାଏ। ସେହିପରି ଲଣ୍ଡନରୁ ଲସ୍ ଏଞ୍ଜେଲସ୍ ଯାଉଥିବା ଏକ ବିମାନକୁ ଯାତ୍ରୀଙ୍କ ପାଇଁ ଏମରଜେନ୍ସି ଲାଣ୍ଡିଂ କରିବାକୁ ପଡ଼ିଛି। ତେବେ ବିମାନଟି ବ୍ରିଟେନ କିମ୍ବା ତା'ର କୌଣସି ଆଖପାଖ ଜାଗାରେ ଲାଣ୍ଡିଂ କରିନାହିଁ। ସବୁଠାରୁ ରୋମାଞ୍ଚକର କଥା ହେଲା ଲଂଣ୍ଡନରୁ ଲସ୍ ଆଞ୍ଜେଲସ୍ ଅଭିମୁଖେ ଯାଉଥିବା ବିମାନ ସିଧା ଯାଇ ଆମେରିକାର ସଲ୍ଟ ଲେକ୍ ସିଟିରେ ଜରୁରୀ ଅବତରଣ କରିଛି। ତେବେ ଏହା ପଛର କାରଣ ହେଉଛ ଜଣେ ବିମାନ ଯାତ୍ରୀ। ଲଣ୍ଡନ ଏୟାରପୋର୍ଟରୁ ବିମାନଟି ଉଡ଼ାଣ ଭରିବା ପରେ ସେଥିରେ ଥିବା ଜଣେ ଯାତ୍ରୀ ଅସ୍ୱାଭାବିକ ଆଚରଣ କରିଥିଲେ ଏବଂ ବିମାନଟିକୁ ଆମେରିକା ସଲ୍ଟ ଲେକ୍ ସିଟିରେ ଜରୁରୀ ଅବତରଣ କରାଯାଇଥିଲା, ଯେଉଁଠାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିଲା। ଯାତ୍ରୀ ଜଣକ ପାଇଲଟ ଓ ଅନ୍ୟ ଯାତ୍ରୀମାନଙ୍କୁ ବାରମ୍ବାର ହଇରାଣ କରୁଥିବା ଆଟଲାଣ୍ଟିକ ବିମାନ କର୍ତ୍ତୃପକ୍ଷ କହିଛନ୍ତି। ତେବେ ବ୍ୟକ୍ତି ଜଣକ ଏପରି ବ୍ୟବହାର କ'ଣ ପାଇଁ କରୁଥିଲେ ତାହା ଜଣାପଡ଼ିନାହିଁ। ପରବର୍ତ୍ତୀ ମୁହୂର୍ତ୍ତରେ ବିମାନଟି ଲସ୍ ଏଞ୍ଜେଲସ୍ ଯାଇଥିବା ଖବର ପ୍ରକାଶ ପାଇଛି।



## ସଂକ୍ଷେପରେ

### ସମବାୟ ସମିତି ଗୋଦାମ, ସଭାଗୃହ ନିର୍ମାଣ ଦାବି

**ବାଲିଆ, ୨୯।୭:** ବିରିଡି ବ୍ଲକ ୨୨ ମୌଜା ମଙ୍ଗୁଲି ସେବା ସମବାୟ ସମିତିର କିଛି ଆବଶ୍ୟକତା ପୂରଣ ପାଇଁ ସରକାରୀ ଦଳର ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ଓ ଜିଲା ଯୋଜନା ବୋଡର ଅଧକ୍ଷ ପ୍ରଶନ୍ତ କୁମାର ମୁଦୁଲିଙ୍କ ନିକଟରେ ଦାବି କରାଯାଇଛି। ଏହି ସମିତି ପାଇଁ ଗୋଦାମ ଓ ସଭା ଗୃହ ନିର୍ମାଣ ସହ ପାନୀୟ ଜଳ ବ୍ୟବସ୍ଥା, ପାଚେରି କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏସବୁ ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସଭାଗୃହ ନ ଥିବାରୁ ସଭାପତି, ଉପସଭାପତି ଓ ପରିଚାଳନା ପରିଷଦର ସଭ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଦର୍ଶାଯାଇଛି। ଏନେଇ ସମିତିର ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଲଲାଟ କିଶୋର ରାଉତରାୟ, ଦେବାଶିଷ ମହାନ୍ତି, ସମିତି ସଭ୍ୟା ଲିଲିମା ଭୋଇ ପ୍ରମୁଖ ମୁଦୁଲିଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।

### ଦୁର୍ଘଟଣାରେ ମୃତ ଗାଈର ସତ୍କାର

**ପାଣିକୋଇଲି, ୨୯।୭(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଓଭରବ୍ରିଜ ଉପରେ ଦୁର୍ଘଟଣାରେ ଏକ ଗାଈର ମୃତ୍ୟୁ ହେବାପରେ ତାର ସତ୍କାର କରାଯାଇଛି। ଗାଈର ମାଲିକ ବା ଦାବିଦାର କେହି ନ ଆସିବାରୁ ଆମେ ବିପଦରେ ସାଥୀ ସଦସ୍ୟ ପହଞ୍ଚି ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ରାଜପଥ କର୍ତ୍ତୃପକ୍ଷ ଏକ ଜେସିବି ମେଶିନ ପଠାଇଥିଲେ। ଉକ୍ତ ମେଶିନ ସାହାଯ୍ୟରେ ଗାଈ ମୃତଦେହ ନିଆଯାଇ ସତ୍କାର କରାଯାଇଥିଲା।

### ନାବାଳିକା ଅପହରଣ ଅଭିଯୋଗ: ଯୁବକ ଗିରଫ

**ବିଞ୍ଝାରପୁର, ୨୯।୭(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ନାବାଳିକାଙ୍କୁ ତାଙ୍କ ପରିବାର ଜିମା ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଧୀନ ସିଂହପୁର ଗ୍ରାମର ଶ୍ରୀକାନ୍ତ ବେହେରା(୨୨)। ଅନ୍ୟପଟେ ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗିରହିଛି। ନାବାଳିକା ଗତ ୨୨ ତାରିଖ ରାତିରେ ବାହାରକୁ ଉଠିଥିବା ବେଳେ ପୂର୍ବରୁ ଲୁଚିରହିଥିବା ଅଭିଯୁକ୍ତ ନାବାଳିକାଙ୍କ ପାଟିରେ କପଡା ଦେଇ ତାଙ୍କୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ମା' ୨୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ରଞ୍ଜିତ ମହାନ୍ତି ଅଭିଯୁକ୍ତଙ୍କ ମୋବାଇଲ ନଂ. ଟ୍ରାକିଂକରି ଜାଣିବାକୁ ପାଇଲେ ଯେ, ଅଭିଯୁକ୍ତ ଭୁବନେଶ୍ୱର ରେଳ ଷ୍ଟେସନରେ ଅଛନ୍ତି। ତେଣୁ ଥାନା ପକ୍ଷରୁ ଘଟଣା ସମ୍ପର୍କରେ ଭୁବନେଶ୍ୱର ରେଲୱେ ପୋଲିସକୁ ଅବଗତ କରାଯାଇଥିଲା। ଫଳରେ ରେଲୱେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବାସହ ଅଭିଯୁକ୍ତ ବେହେରାଙ୍କୁ ଧରି ବିଞ୍ଝାରପୁର ପୋଲିସ ଜିମା ଦେଇଥିଲା। ବିଞ୍ଝାରପୁର ପୋଲିସ ଅଭିଯୁକ୍ତଙ୍କୁ ଆଣି ଅଧିକ ପଚରାଉଚରା କରିବାସହ ଡାକ୍ତରୀ ମଇନା କରାଇଥିଲା। ଥାନାରେ ଏକ ମାମଲା ରୁଜୁ ହୋଇଛି।

# ମୁକ୍ତା ଯୋଜନାରେ ଦୁର୍ନୀତି ଅଭିଯୋଗ

**ଜଗତସିଂହପୁର ଅଫିସ, ୨୯।୭**

କୋଭିଡ୍‌-୧୯ ଯୋଗୁ ରାଜ୍ୟର ବହୁ ଲୋକ ଜୀବିକା ହରାଇଥିଲେ। ବିଶେଷକରି ଗରିବ ଓ ପ୍ରବାସୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ଏନେଇ ସହରାଞ୍ଚଳ ଗରିବ ଓ ପ୍ରବାସୀଙ୍କୁ ନିଯୁକ୍ତି ଦେବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା ଯୋଜନା) କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନାରେ ବର୍ଷା ଜଳ ସଂରକ୍ଷଣ ମାଧ୍ୟମରେ ଭୂତଳ ଜଳସ୍ତର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉଛି। ୧।୨।୨୧ରେ ମୁଖ୍ୟମନ୍ତ୍ରୀ ଏହି ଯୋଜନା ଉଦ୍‌ଘାଟନ କରିଥିଲେ। ଏହି ଯୋଜନା ଅନ୍ତର୍ଗତ ଜଗତ୍‌ସିଂହପୁର ପୌରାଞ୍ଚଳରେ ଚଳିତ ବର୍ଷ ୨୬୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ପ୍ରତି ପ୍ରକଳ୍ପର ମୂଲ୍ୟ ୪୨ ହଜାର ଟଙ୍କା ରହିଥିବାରୁ ମୋଟ ୧,୧୦,୪୬,୦୦୦ ଟଙ୍କା ବ୍ୟୟ ବରାଦ କରାଯାଇଛି। କିନ୍ତୁ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଛି। ଏହାକୁ ଗୁରୁତ୍ୱର ସହ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ କିଛି ତଥ୍ୟ ଦେବାକୁ ୨୮ଜୁଲାଇ ୨୦୨୨ରେ ଚିଠି ହୋଇଛି। ଜଗତ୍‌ସିଂହପୁର ଭିଜିଲାନ୍ସ ଡିଏସ୍‌ପି ତାଙ୍କ ଚିଠି ସଂଖ୍ୟା ନଂ.୪୯୪ରେ ଉଲ୍ଲେଖ କରିଛନ୍ତି, ମୁକ୍ତା ଯୋଜନାରେ ବର୍ଷାଜଳ ସଂରକ୍ଷଣ ପାଇଁ ହୋଇଥିବା ପ୍ରକଳ୍ପରେ ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରକଳ୍ପ ଚୟନ, ଅନୁଦାନ ଅନୁମୋଦନ ସହ ଏହାର ଏକାଉଣ୍ଟ ସଂଖ୍ୟା, ଚୟନ ଦାୟିତ୍ୱରେ ଥିବା କାର୍ଯ୍ୟାନ୍ୱୟନ ସଂସ୍ଥା ଇତ୍ୟାଦିର ସୂଚନା ଦିଆଯାଉ। ପୌରାଞ୍ଚଳରେ କେତୋଟି ପ୍ରକଳ୍ପ ହୋଇଛି, କେଉଁଠି ହୋଇଛି, ଏହାର ଆକଳନ ମୂଲ୍ୟ, କାର୍ଯ୍ୟାଦେଶ, ଶେଷ ହୋଇଥିବା ପ୍ରକଳ୍ପର ସାର୍ଟିଫିକେଟ୍, କେଉଁ ଆଧାରରେ ଟଙ୍କା ଦିଆଯାଇଛି ଇତ୍ୟାଦି ସ୍ପଷ୍ଟ କରାଯାଉ। ଏଥିସହ କେତେଜଣ ହିତାଧିକାରୀ ଅଛନ୍ତି ସେମାନଙ୍କ ନାଁ, ଠିକଣା, ପ୍ଲଟ ସଂଖ୍ୟା, ଖାତା ସଂଖ୍ୟା ମଧ୍ୟ ଦିଆଯାଉ। ପ୍ରକଳ୍ପ ଅନୁଯାୟୀ ଫାଇଲ, କ୍ୟାଶ ବୁକ୍, ରିଜଲ୍ୟୁଶନ୍ ବହି ଇତ୍ୟାଦି ଦାଖଲ କରାଯାଉ। ଏହାଛଡ଼ା ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ନିଯୁକ୍ତ କର୍ମଚାରୀଙ୍କ ନାଁ ଓ ପଦବୀ ଆଦି ଯଥାଶୀଘ୍ର ଦିଆଯାଉ। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯାଇ ପାରିବ ବୋଲି ଚିଠିରେ ଦର୍ଶାଯାଇଛି । ଭିଜିଲାନ୍ସ ଡିଏସ୍‌ପିଙ୍କ ଏହି ଚିଠି ଏବେ ମୋବାଇଲରୁ ମୋବାଇଲ ବୁଲୁଛି। ଏ ସମ୍ପର୍କରେ କେତେଜଣ ବ୍ୟକ୍ତି କହିଛନ୍ତି ବାସ୍ତବରେ ଯୋଜନା ଅନୁଯାୟୀ ଉପରଠାଉରିଆ ଭାବେ କାମ କରାଯାଇ ଅର୍ଥ ଆତ୍ମସାତ ପାଇଁ ଉଦ୍ୟମ ହୋଇଛି। କମ୍ ଗଭୀରତାରେ ଗାତ ଖୋଳାଯାଇ ନନ୍ଦ ବସାଯାଉଛି। ତା'ଭିତରେ ଗୋଡ଼ି, ବାଲି ଆଦି ଆବଶ୍ୟକ ପରିମାଣର ରହୁନି। ପ୍ରକଳ୍ପର ଓସାର ଓ ଲମ୍ବ କମ୍ ରହୁଛି। ନିମ୍ନ ମାନର କାମ କରାଯାଇ ଅର୍ଥ ଆତ୍ମସାତ ହେଉଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ କହିଛନ୍ତି, ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଏହି ଦାୟିତ୍ୱ ଦିଆଯାଇଛି। କୌଣସି ସ୍ଥାନରେ ଅଭିଯୋଗ ଆସିଲେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ଭିତରେ କିଛି ଅଭିଯୋଗ ଆସିଥିବାରୁ ତା'ଉପରେ ଅନୁଧ୍ୟାନ ଚାଲିଛି। କିନ୍ତୁ ସେ ଦାୟିତ୍ୱ ନେବା ପରଠାରୁ ଏ ପର୍ଯ୍ୟନ୍ତ କାହାରିକୁ ଅର୍ଥ ଦିଆଯାଇନାହିଁ ବୋଲି କହିଛନ୍ତି।


ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ।

**ଜଗତ୍‌ସିଂହପୁର ପୌରାଞ୍ଚଳ**

- ନିର୍ବାହୀ ଅଧିକାରୀଙ୍କୁ ତଥ୍ୟ ମାଗିଲା ଭିଜିଲାନ୍ସ ବିଭାଗ

# ସୁରକ୍ଷା ପାଇଁ ସରକାରୀ ଜମିରେ ଗଛ ଲଗାଇବାକୁ ଦାବି



**ରଘୁନାଥପୁର, ୨୯।୭ (ଡି.ଏନ୍.ଏ.)**

ରଘୁନାଥପୁର ତହସିଲ ଅନ୍ତର୍ଗତ ତାରପୁର ବେଲବଣଠାରୁ ଜଇପୁର ଦସୁଆଦଣ୍ଡା ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମି ରହିଛି। ଏହି ସରକାରୀ ଜମି ସହ ମହାନଦୀ ଦକ୍ଷିଣ ପାର୍ଶ୍ୱ ନଦୀ ବନ୍ଧ ପଠାରେ ଗଛ ଲଗାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଗତ ପାଞ୍ଚବର୍ଷ ତାଳଦଣ୍ଡା କେନାଲର ପୁନରୁଦ୍ଧାର କାର୍ଯ୍ୟ ହୋଇଥିଲା। ତେବେ ବେଲବଣଠାରୁ ଦସୁଆଦଣ୍ଡା ପର୍ଯ୍ୟନ୍ତ ଏହି କେନାଲର ୭ କିଲୋମିଟର ସମେତ ମହାନଦୀ ବନ୍ଧର ଉପରୋକ୍ତ ଅଞ୍ଚଳର ୭୫ ପ୍ରତିଶତ ବାଲିରେ ନିର୍ମିତ ହୋଇଥିବାରୁ ନଦୀରେ ପାଣି ବଢ଼ିଲେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ବନ୍ୟା ପରିସ୍ଥିତି ହେବାର ଆଶଙ୍କା ରହିଛି ବୋଲି ସେତେବେଳେ କୁହାଯାଇଥିଲା। ଏହାର ସୁରକ୍ଷା ପାଇଁ କେନାଲର ଉଭୟ ପାର୍ଶ୍ୱ ସମେତ ନଦୀ ପଠାରେ ଗଛ ଲଗାଯିବା ଅତ୍ୟନ୍ତ ଜରୁରୀ ବୋଲି ତତ୍କାଳୀନ ଏସଡ଼ିଓ ଅଞ୍ଚଳବାସୀଙ୍କୁ ସତର୍କ କରାଇଥିଲେ। ଏନେଇ ସ୍ଥାନୀୟ ଲୋକେ ବନ୍ଧର ଉଭୟ ପାର୍ଶ୍ୱ ଓ ନଦୀପଠାରେ ଥିବା ସରକାରୀ ଜମିରେ ଚାରା ରୋପଣ ପାଇଁ ଜିଲାପାଳ ଓ ମହାନଦୀ ଦକ୍ଷିଣପାର୍ଶ୍ୱ ଜଳସମ୍ପଦ ବିଭାଗକୁ ଲିଖିତ ଭାବେ ଅବଗତ କରାଇଥିଲେ। ମାତ୍ର ଅଦ୍ୟାବଧି ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ଇତି ମଧ୍ୟରେ କେନାଲକୁ ଲାଗି ରହିଥିବା ସରକାରୀ ଜମିକୁ କିଛି ଲୋକ ନିଜ ଅକ୍ତିଆରକୁ ନେଇ ତା ଉପରେ ସ୍ଥାୟୀ ପକ୍କାଘର ମଧ୍ୟ ନିର୍ମାଣ କରିଛନ୍ତି। ଆଉ କେତେଜଣ ଏହି ସରକାରୀ ପଠାଜମିକୁ ଦଖଲ କରି ଚାଷବାସ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉକ୍ତ ସରକାରୀ ଜମିରେ ଗଛ ଲଗାଇବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ ସୁଦ୍ଧା ସେମାନଙ୍କୁ ଧମକ ଦିଆଯାଉଛି। ଏହି ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇ ସେଠାରେ ଗଛ ଲଗାଇବାକୁ ଅନୁମତି ଦେବାକୁ ସାମାଜିକ କର୍ମୀ ଲକ୍ଷ୍ମଣ ଦାଶ, ପ୍ରଭାକର ମଲ୍ଲିକ, ଚନ୍ଦ୍ରଶେଖର ସିଂହ, ସରୋଜ କୁମାର ଦାଶ ପ୍ରମୁଖ ଦାବି କରିଛନ୍ତି।

**କେନାଲ, ନଦୀବନ୍ଧର ୭୫ ପ୍ରତିଶତ ବାଲିରେ ନିର୍ମିତ**

# ଭାଜପା ଛାଡ଼ିଲେ କାଉନସିଲର



**ପାରାଦୀପ, ୨୯।୭ (ସ୍ୱ.ପ୍ର.)**

ପାରାଦୀପ ପୌର ପରିଷଦ ୧୭ ନଂ. ୱାର୍ଡର ଭାଜପା କାଉନସିଲର ରୁନି ପରିଡା ଶୁକ୍ରବାର ସନ୍ଧ୍ୟାରେ ସ୍ୱାଧୀନ ସଙ୍ଗଠନ ଆମ ପାରାଦୀପ ଆମ ପ୍ରଗତିରେ ମିଶିଛନ୍ତି। ଏ ନେଇ ନୂଆବଜାରଠାରେ ମିଶ୍ରଣ ପର୍ବ ହୋଇଥିଲା। ସଙ୍ଗଠନ ମୁଖ୍ୟ ଅରିନ୍ଦମ ସର୍ଖେଲ (ବାପି), କାଉନସିଲର କେ, ଜଗନ୍ନାଥ ରାଓ, ଛବିଲତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।ଭାଜପା ସ୍ଥାନୀୟ ନେତାଙ୍କ ମନମାନି ଦ୍ୱାରା ସେ ପ୍ରତାରିତ ହେବାରୁ ଦଳ ଛାଡି ଏପିଏପିରେ ସାମିଲ ହେଲେ ବୋଲି ରୁନି କହିଛନ୍ତି। ତାଙ୍କ ୱାର୍ଡରେ ଦୁଇଜଣ କେନ୍ଦ୍ରମନ୍ତ୍ରୀ ଆସି ବୈଠକ କରିଥିଲେ। ସେତେବେଳେ ତାଙ୍କୁ ଅଣଦେଖା କରାଯାଇଥିଲା ବୋଲି ସେ କହିଥିଲେ। ଅପରପକ୍ଷେ ସର୍ଖେଲ ସୂଚନା ଦେଇଛନ୍ତି ଯେ, ରୁନି ଆମ ସହ ମିଶିବା ପରେ ଆମର କାଉନସିଲର ସଂଖ୍ୟା ବୃଦ୍ଧି ପାଇଛି। ସେହି ଅନୁସାରେ ପୌରାଞ୍ଚଳର ବିକାଶ ମୂଳକ କାମ ତ୍ୱରାନ୍ୱିତ ହେବ। ସୂଚନାଯୋଗ୍ୟ, ଏପ୍ରିଲରେ ହୋଇଥିବା ପୌର ନିର୍ବାଚନରେ ପୌରାଞ୍ଚଳର ୧୯ଟି ୱାର୍ଡ ମଧ୍ୟରୁ ବିଜେଡି ୭, କଂଗ୍ରେସ ୧, ଭାଜପା ୩ ଓ ଏପିଏପି ୮ଟି ଆସନ ପାଇଥିଲା।


୧୨ ଦଫା ଦାବି ନେଇ ପିପିଏଲ ଫାଟକ ଆଗରେ ବିଭିନ୍ନ ସଂଗଠନର ସଦସ୍ୟମାନେ ଧାରଣା ଦେଉଛନ୍ତି।

# ଆଲୋଚନା ହେଉ ନଥିବାରୁ ବଢ଼ୁଛି ଅସନ୍ତୋଷ

**ପାରାଦୀପ, ୨୯।୭ (ସ୍ୱ.ପ୍ର.)**

**୧୨ ଦଫା ଦାବିରେ ପିପିଏଲ୍ ଆଗରେ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଲା**

୧୨ ଦଫା ଦାବି ନେଇ ଏକାଧିକ ସଂଗଠନ ପକ୍ଷରୁ ପିପିଏଲ୍ କମ୍ପାନୀ ଫାଟକ ଆଗରେ ଚାଲିଥିବା ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। କିନ୍ତୁ ଧାରଣାକାରୀ, କମ୍ପାନୀ ଓ ପ୍ରଶାସନିକସ୍ତରରେ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇ ନାହିଁ। ସନ୍ଧ୍ୟାରେ ଆଞ୍ଚଳିକ କୃଷକ କଲ୍ୟାଣ କମିଟି, ପ୍ରୋଗ୍ରେସିଭ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ ଏନେଇ ଲିଖିତ ଭାବେ ସୂଚନା ଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ଧାରଣା ଦୁଇଦିନ ଧରି ଚାଲିବା ସତ୍ତ୍ୱେ ପ୍ରଶାସନ ହସ୍ତକ୍ଷେପ ନ କରିବା ଦୁର୍ଭାଗ୍ୟଜନକ। ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୨୫ ହଜାର ଟଙ୍କା କରିବା, ଠିକାକାମ ଓ ବ୍ୟବସାୟ କାମରେ ଜମିହରାଙ୍କୁ ଅଗ୍ରାଧିକାର ଦେବା ଆଦି ଦାବିରେ ଏହି ଧାରଣା ଦିଆଯାଇଛି। ଏନେଇ,ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ପିପିଏଲ୍ କମ୍ପାନୀ ପକ୍ଷରୁ କୁହାଯାଇଛି।

# ବିଦ୍ୟାଳୟ ରୂପାନ୍ତରଣ ବୈଠକ

**ବାଲିଆ, ୨୯।୭**

ବିରିଡି ବ୍ଲକ ହଳଦିଆପଡା କାଳିଆବୁଦା ବିଦ୍ୟାନିକେତନ ୫-ଟିରେ ସାମିଲ ହେବା ପରେ ଶୁକ୍ରବାର ରୁପାନ୍ତରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବେଣୁଧର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିରିଡି ମଣ୍ଡଳ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ମହାନ୍ତି, ମଣ୍ଡଳ ଶିକ୍ଷାଧିକାରୀ ସର୍ବେଶ୍ୱର ବିଶ୍ୱାଳ, ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟା, ଏସ୍‌ଏମ୍‌ସି ସଭାପତି, ପରିଚାଳନା କମିଟି ସଭ୍ୟାସଭ୍ୟ ଓ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଦ୍ୟାଳୟରେ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କରିବା ପାଇଁ ପ୍ରଧାନଶିକ୍ଷକ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ବିଶ୍ୱାଳ କହିଥିଲେ, ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିଦ୍ୟାଳୟର ଉନ୍ନତି ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ଶେଷରେ ସହକାରୀ ଶିକ୍ଷକ ପ୍ରଶାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ।


ବୈଠକରେ ସାମିଲ ହୋଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

# କ୍ଷତିପୂରଣ ଦାବିରେ ଗାଁ ଲୋକଙ୍କ ଧାରଣା

**ପାରାଦୀପ, ୨୯।୭ (ସ୍ୱ.ପ୍ର.)**

ପାରାଦୀପ ରିଫାଇନେରି ନିଷିଦ୍ଧାଞ୍ଚଳରେ ଶୁକ୍ରବାର ଏକ କୋଇଲା ବୋଝେଇ ଟ୍ରକ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସନ୍ଧ୍ୟାରେ ମୃତକଙ୍କ ଗାଁ ଲୋକେ କ୍ଷତିପୂରଣ ଦାବିରେ ରିଫାଇନେରି ମୁଖ୍ୟ ଫାଟକ ପାଖରେ ଧାରଣା ଦେଇଛନ୍ତି। କ୍ଷତିପୂରଣ ପାଇବା ପରେ ଏହା ପ୍ରତ୍ୟାହୃତ ହୋଇଯାଇଛି। ମୃତକ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ବାଲିଆ ଗ୍ରାମର ବାବାଜୀ ମହାପାତ୍ର (୪୬)। ସୋପନ ଏଣ୍ଡ ଏମ କମ୍ପାନୀ ପ୍ରାଇଭେଟ ଲିମିଟେଡ୍ ନାମକ ଠିକାସଂସ୍ଥା ଅଧୀନରେ ସେ କାମ କରୁଥିଲେ। ଅପରାହ୍ନ ସମୟରେ ଏକ ଟ୍ରକ ଧକ୍କାରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଠିକାସଂସ୍ଥା ପକ୍ଷରୁ ମୃତଦେହକୁ ଅଣାଯାଇ ବିଜୁ ମେମୋରିଆଲ ହସ୍ପିଟାଲରେ ରଖାଯାଇଥିଲ। କୌଣସି ସୂତ୍ରରୁ ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବି କରିବା ସହ ମୃତକଙ୍କ ପରିବାରରୁ ଜଣେ ସଦସ୍ୟଙ୍କୁ ଚାକିରି ଦେବାକୁ ଦାବି କରି ଧାରଣା ଦେଇଥିଲେ। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ହେବନାହିଁ କି ରାସ୍ତା ଅବରୋଧ ହଟିବ ନାହିଁ ବୋଲି ସେମାନେ କହିଥିଲେ। ଏନେଇ ଠିକାସଂସ୍ଥା, ରିଫାଇନାରୀ ଅଧିକାରୀ, ପ୍ରଶାସନ, ୟୁନିୟନ ପ୍ରତିନିଧି ଓ ଗ୍ରାମ ମୁରବିଙ୍କ ଆଲୋଚନା ପରେ ମୃତକଙ୍କ ପରିବାରକୁ ୭ ଲକ୍ଷ ୫୦ ହଜାର ଟଙ୍କା ,ପୁଅଙ୍କୁ ଚାକିରୀ ଓ ସ୍ତ୍ରୀଙ୍କୁ ମାସିକ ଭତ୍ତା ୧୧ହଜାର ଟଙ୍କା ଦେବାପାଇଁ ସହମତି ହୋଇଛି। ରିଫାଇନେରୀ ୫ ଲକ୍ଷ ଓ ଠିକାସଂସ୍ଥା ପକ୍ଷରୁ ୨.୫୦ ଲକ୍ଷ ଦିଆଯିବ ବୋଲି ସ୍ଥିର ହୋଇଛି। ଏହି ନିଷ୍ପତ୍ତି ପରେ ରାତି ୧୧ ଟାରେ ଧାରଣା ଉଠିଛି ବୋଲି ଶ୍ରମିକନେତା ସୁବାସ ମହାପାତ୍ର ସୂଚନା ଦେଇଛନ୍ତି। ଏନେଇ ଠିକାସଂସ୍ଥା, ରିଫାଇନାରୀ ଅଧିକାରୀ, ପ୍ରଶାସନ, ୟୁନିୟନ ପ୍ରତିନିଧି ଓ ଗ୍ରାମ ମୁରବିଙ୍କ ଆଲୋଚନା ପରେ ମୃତକଙ୍କ ପରିବାରକୁ ୭ ଲକ୍ଷ ୫୦ ହଜାର ଟଙ୍କା ,ପୁଅଙ୍କୁ ଚାକିରୀ ଓ ସ୍ତ୍ରୀଙ୍କୁ ମାସିକ ଭତ୍ତା ୧୧ହଜାର ଟଙ୍କା ଦେବାପାଇଁ ସହମତି ହୋଇଛି। ରିଫାଇନେରୀ ୫ ଲକ୍ଷ ଓ ଠିକାସଂସ୍ଥା ପକ୍ଷରୁ ୨.୫୦ ଲକ୍ଷ ଦିଆଯିବ ବୋଲି ସ୍ଥିର ହୋଇଛି। ଏହି ନିଷ୍ପତ୍ତି ପରେ ରାତି ୧୧ ଟାରେ ଧାରଣା ଉଠିଛି ବୋଲି ଶ୍ରମିକନେତା ସୁବାସ ମହାପାତ୍ର ସୂଚନା ଦେଇଛନ୍ତି। ଏନେଇ ଠିକାସଂସ୍ଥା, ରିଫାଇନାରୀ ଅଧିକାରୀ, ପ୍ରଶାସନ, ୟୁନିୟନ ପ୍ରତିନିଧି ଓ ଗ୍ରାମ ମୁରବିଙ୍କ ଆଲୋଚନା ପରେ ମୃତକଙ୍କ ପରିବାରକୁ ୭ ଲକ୍ଷ ୫୦ ହଜାର ଟଙ୍କା ,ପୁଅଙ୍କୁ ଚାକିରୀ ଓ ସ୍ତ୍ରୀଙ୍କୁ ମାସିକ ଭତ୍ତା ୧୧ହଜାର ଟଙ୍କା ଦେବାପାଇଁ ସହମତି ହୋଇଛି। ରିଫାଇନେରୀ ୫ ଲକ୍ଷ ଓ ଠିକାସଂସ୍ଥା ପକ୍ଷରୁ ୨.୫୦ ଲକ୍ଷ ଦିଆଯିବ ବୋଲି ସ୍ଥିର ହୋଇଛି। ଏହି ନିଷ୍ପତ୍ତି ପରେ ରାତି ୧୧ ଟାରେ ଧାରଣା ଉଠିଛି ବୋଲି ଶ୍ରମିକନେତା ସୁବାସ ମହାପାତ୍ର ସୂଚନା ଦେଇଛନ୍ତି।

**ରିଫାଇନାରୀ ନିଷିଦ୍ଧାଞ୍ଚଳରେ ଦୁର୍ଘଟଣା, ଶ୍ରମିକ ମୃତ**


ମୃତକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ଧାରଣାରେ ବସିଛନ୍ତି।

## ଅଗଷ୍ଟ ପହିଲାରେ ନିଯୁକ୍ତି ପାଇବେ ୬୮୯୧ ଶିକ୍ଷକ

ଭୁବନେଶ୍ୱର,୨୯।୭(ବ୍ୟୁରୋ): ଅଗଷ୍ଟ ପହିଲାରେ ରାଜ୍ୟରେ ନିଯୁକ୍ତି ପାଇବେ ୬୮୯୧ ଶିକ୍ଷକ। କଳିଙ୍ଗ ଷ୍ଟାଡିୟମରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ସମସ୍ତଙ୍କୁ ଉଦବୋଧନ ଦେବେ। ୬ହଜାର ୮୯୧ ଜଣ କଳା, ବିଜ୍ଞାନ, ପିଇଟି ଓ ଅନ୍ୟାନ୍ୟ ବିଭାଗର ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ସୂଚନା ଅନୁସାରେ ରାଜ୍ୟରେ ଏବେ ୧୧ ହଜାର ୮୦୦ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଆସନ୍ତା ୧ ତାରିଖରେ ନୂତନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ଦେବେ। ରାଜ୍ୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଶିକ୍ଷା କ୍ଷେତ୍ରକୁ ଶସକ୍ତ କରିବା ନିମନ୍ତେ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RWSS DIVISION, KORAPUT**
e-mail: eerwss_kpt@rediffmail.com, Ph. No.: 06852-250281 (Off)
Ph. No. 06852-250680 (Res.) Fax No.: 06852-251098
**National Competitive Bidding Through E-Procurement**
**Tender Identification No. 06/SE/RWSS/KPT/2022-23/22.07.2022**

No. O-721: The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single Cover (P1 Contract) from the eligible Class of experienced registered contractors through e-Tendering system for the Piped Water Supply works as detailed in DTCN. The bid should be submitted Online in the website **www.tenderorissa.gov.in** separately for the works.

| | | | |
|---|---|---|---|
| 1 | Nature of Work | : | Rural piped water supply projects under Koraput district |
| 2 | Estimated Cost | : | Varies from 28.16 lakhs to 30.78 lakhs |
| 3 | Total Nos. of works | : | 3 Nos. |
| 4 | Tender Cost | : | Rs.6,000.00 |
| 5 | Class of Contractor | : | "C" & "B" |
| 6 | Availability of Bid document in the website | : | Dt.05.08.2022 at 17.00 hours to 19.08.2022 upto 17.00 hours |
| 7 | Date of Seeking Clarification | : | During the office hours of 05.08.2022 to 17.08.2022 |
| 8 | Date of Opening of Bid | : | Dt.20.08.2022 at 11.00 hours |

Further details can be seen in the bidding documents which is available in the e-procurement portal **https/www.tendersorissa.gov.in**. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

Sd./- Superintending Engineer
RWS&S Division, Koraput
OIPR-25034/11/0011/2223



**DISTRICT PROJECT OFFICE, SS, SAMBALPUR**
(2nd Floor, Collectorate, Sambalpur, Ph. No. 0663 241834)
**SHORT TENDER CALL NOTICE**
**BID IDENTIFICATION NO.: SSAA/SBP/CIVIL/36/2022-23**
**NO.174/CW Dt.28.07.2022**

Sealed tenders are on official pad (having detail address) are invited from authorised licenced Electrical Contractor having valid licence (HT) as per following terms and conditon.

| S.N. | Items | Specification | Quoted rate |
|---|---|---|---|
| 1 | Shifting of 11 K.V. line (with 11 K.V. kisinda feeder) at KGBV Hostel Building, Sarapali, Block-Naktideul, Dist.-Sambalpur | As per estimate approved by the Executive Engineer, TPWODL, SEED, Sambalpur, with an estimated cost of Rs.4,91,336.00/- | |

**TERMS AND CONDITIONS**

1. Rate quotation must be submitted along with
   a- Authorised licence having valid period.
   b- GST registration certificate.
   c- Photo copy of PAN.
   d- EMD Rs.10,000/- in shape of TDR pledge to District Project Coordinator, SSA, Sambalpur.
2. Sealed rate quotation along with above document must be submitted to the office of undersigned by 5.00 P.M. of 05.08.2022 and will be opened at 4.00 P.M. of 06.08.2022. Successful bidder will have to submit security deposit of Rs.25,000/- in shape of TDR pledge to District Project Coordinator, SSA, Sambalpur.
3. Work order will issued to the lowest bidder within three days.
4. Full payment will be released after completion of the work and submission of the completion certificate issued by the Executive Engineer, TPWODL, SEED, Sambalpur or his authorised person and all the dismantled materials should be returned to the nearest store of TPWODL.
5. Authority reserve the right to cancel the tender without assigning any reason thereof.

Sd./- District Project Coordinator
SS, Sambalpur



**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-1286 OSIC GST No. 21AAACO2101M1Z1

**e-Procurement Notice for Building works**

Tender Notice No.3288 Date: 29.07.2022
Identification No. On line Building OSIC/Constn./2022-2023/007

(A)1.Name of the work
i) Construction, repair & renovation of DVH Jagatsinghpur, BVD Biridi, BVD Tirtol, BVD Kujanga & BVD Naugaon in Jagatsinghpur District.
ii) Construction, repair & renovation of DVH Dhenkanal, BVD Gondia, BVD Kamkshyanagar, BVD Odapada, BVD Kankadahada in Dhenkanal District.
iii)Construction, repair & renovation of BVD Mahakalpada, BVD Derabis, BVD Marsaghai in Kendrapada District.
iv) Construction, repair & renovation of Operation theatre Jharsuguda, BVD Lakhanpur, BVD Kolabira, BVD Laikera at Jharsuguda District.
v) Construction, repair & renovation of DVH Rourkela, BVD Lathikata, BVD Tangarpalli, BVD Subdega, BVD Kutra, BVD Kuarmunda, BVD Lephripada, BVD Baneigarh, BVD Lahunipada, BVD Gurundia in Sundergarh District.
2.Total No of works : 05 Nos.
3. Estimated cost :
i) **Rs.3,67,52,477/-(approx)**, ii)**Rs.3,12,26,220/-(approx)**
iii)**Rs.1,52,33,056/-(approx)** iv)**Rs.1,84,04,519/-(approx)**
v) **Rs.5,15,98,963/-(approx)**
4.Class of Contractor:
i)A & Special Class as per eligibility criteria online. ii) A & Special Class as per eligibility criteria online iii) B & A Class as per eligibility criteria online. iv)B & A Class as per eligibility criteria online v)A & Special Class as per eligibility criteria online
5.Period of completion:
(i)Twelve Calendar months., (ii) Twelve Calendar months. (iii)Twelve Calendar months., (iv) Twelve Calendar months(v) Twelve Calendar months.

(B)1.Name of the work :
i) Proposed Anwesha Girl's Hostel Building at Rourkela, Sundergarh, Odisha. ii)Proposed Anwesha Girl's Hostel Building at Kerai, Sundergarh, Odisha
2.Total No of works : 02 Nos.
3.Estimated cost: i) Rs. **20,80,590/-(approx)**,ii) Rs. **20,80,590/-(approx)**
4.Class of Contractor : i)C & B class as per eligibility criteria online. ii)C & B class as per eligibility criteria online
5.Period of completion: (i) Six Calendar months.(ii)Six Calender months.

(C)1.Name of the work
(i) Proposed Interior Furnishing work of Second floor at Talguda Bhawan, Gandamunda, Bhubaneswar, Odisha.
2.Total No of works : 01 No.
3. Estimated cost : i) Rs.**36,85,709/-(approx)**
4.Class of Contractor : C & B class as per eligibility criteria online.
5.Period of completion : Three Calendar months

(D)Other details

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 007 of 2022-2023 | 05.08.22 | 25.08.22 | 26.08.22 |

Further details can be seen from the website **www.tendersodisha.gov.in** . Any amendment corrigendum, cancellation or re-tender may please be referred to the website.

Sd/- GENERAL MANAGER(O)
OSIC Ltd., Cuttack.
OIPR-14073/11/0052/2223


# ଡିଲ୍ ପୂର୍ବରୁ କଳରାପତରିଆ ଛାଲ ଜବତ

**ଭୁବନେଶ୍ୱର,(ବ୍ୟୁରୋ)/ ଭବାନୀପାଟଣା, ୨୯।୭ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ଅଞ୍ଚଳରେ କଳରାପତରିଆ ବାଘଛାଲ ଡିଲ୍‌ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୁଣପୁର ଗ୍ରାମର କୈଳାସ ମାଝି। ତାଙ୍କଠାରୁ ବହୁ ଆପତ୍ତିଜନକ ସାମଗ୍ରୀ ସହ ଏକ କଳରାପତରିଆ ବାଘଛାଲ ଜବତ କରାଯାଇଛି। ଗିରଫ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଟିଏଫ୍ ଅଭିଯୁକ୍ତଙ୍କୁ ଭବାନୀପାଟଣା ବନ ବିଭାଗକୁ ହସ୍ତାନ୍ତର କରିଛି। ଅଭିଯୁକ୍ତ କୈଳାସ ଉକ୍ତ ବାଘଛାଲ କେଉଁଠୁ ଆଣିଲେ, ସେ ବାଘ ଶିକାର କରିଥିଲେ କି, ତାଙ୍କ ସହ ଆଉ କିଏ ସମ୍ପୃକ୍ତ ଅଛନ୍ତି ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଓ ବନବିଭାଗ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, କୈଳାସଙ୍କ ପାଖରେ ଏକ ବାଘଛାଲ ଥିବା ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଉକ୍ତ ବାଘଛାଲକୁ ବିକ୍ରି ପାଇଁ ସେ ଗ୍ରାହକ ଖୋଜୁଥିଲେ। ଏସ୍‌ଟିଏଫ୍ ତାଙ୍କୁ ଧରିବାକୁ ଭବାନୀପାଟଣା ବନ ବିଭାଗକୁ ଜଣାଇଥିଲା। ଏହାପରେ ତାଙ୍କ ଉପରେ ଏସ୍‌ଟିଏଫ୍ ଓ ବନ ବିଭାଗ ନଜର ରଖିଥିଲା। କୈଳାସ ଗୁରୁବାର ବିଳମ୍ବିତ ରାତିରେ ବାଘଛାଲକୁ ବ୍ୟାଗ୍‌ରେ ପୂରାଇ ବିକ୍ରି ଉଦ୍ଦେଶ୍ୟରେ ଭବାନୀପାଟଣା–ରାୟଗଡ଼ା ରାସ୍ତା ସତପୁର ଛକ ନିକଟକୁ ଯାଇଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଓ ବନ ବିଭାଗର ମିଳିତ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।



- ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍
- ୧୦ଦିନ ତଳେ ଜବତ ହୋଇଥିଲା ଆଉ ଏକ ବାଘଛାଲ



### ଅଢ଼େଇ ବର୍ଷରେ ୩୧ ବାଘ ଛାଲ

୨୦୨୦ରୁ ଏସ୍‌ଟିଏଫ୍ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ରୋକିବା ସହ ଅପରାଧୀଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ଏହି ଅଭିଯାନରେ ଏପର୍ଯ୍ୟନ୍ତ ୩୧ଟି ବାଘଛାଲ ଜବତ ହେବାସହ ୪୪ ଜଣଙ୍କୁ ଗିରଫ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। କିଛିଦିନ ତଳେ ଗତ ୧୯ ତାରିଖ ବିଳମ୍ବିତ ରାତିରେ କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଥାନା ଅଞ୍ଚଳରେ ଏସ୍‌ଟିଏଫ୍ ଚଢ଼ାଉ କରି କଳରାପତରିଆ ଛାଲ ଜବତ କରିବା ସହ ଜଣେ ଚାଲାଣକାରୀଙ୍କୁ ଗିରଫ କରିଥିଲା। ତେବେ ଜବତ ଛାଲକୁ ଦେଖିଲେ ରାଜ୍ୟରେ ଅବାଧରେ ବାଘ ଶିକାର ଚାଲିଛି। ଏହାକୁ ରୋକିବାରେ ବନ ବିଭାଗ ବିଫଳ ହୋଇଛି। ଶିକାରୀ ଓ ମାଫିଆଙ୍କ ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପର୍କ ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଅଧିକାଂଶ କ୍ଷେତ୍ରରେ ଶିକାର ଓ ଚୋରା ଚାଲାଣ ସମ୍ପର୍କରେ କ୍ରାଇମବ୍ରାଞ୍ଚ ସୂଚନା ପାଇ ଚଢ଼ାଉ କରୁଛି। କିନ୍ତୁ ଦାୟିତ୍ୱରେ ଥିବା ବନ ବିଭାଗ ପାଖରେ କାହିଁକି ଆଗୁଆ ସୂଚନା ପହଞ୍ଚିପାରୁ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠୁଛି।

# ସାର୍... ବାଘ ମରିଗଲେ

### ରାଜ୍ୟରେ ବଞ୍ଚିଛନ୍ତି ମାତ୍ର ୨୮

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

ସାର୍ ବାଘ ମରିଗଲେ। ସେମାନଙ୍କୁ ବଞ୍ଚାନ୍ତୁ। ରାଜ୍ୟରେ ବାଘସଂଖ୍ୟା ହ୍ରାସକୁ ନେଇ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶୁକ୍ରବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ, ସାର୍...ରାଜ୍ୟରେ ଆଉ ବାଘ ନାହାନ୍ତି। ନନ୍ଦନକାନନରେ ଜୀବଜନ୍ତୁ ସବୁ ମରିଗଲେଣି। ୨୦୦୬ ବ୍ୟାଘ୍ର ଗଣନା ଅନୁଯାୟୀ, ରାଜ୍ୟରେ ୧୧୧ଟି ବାଘ ଥିଲେ। ୨୦୦୮ ଗଣନା ଅନୁଯାୟୀ, ରାଜ୍ୟରେ ମାତ୍ର ୨୮ଟି ବାଘ ଅଛନ୍ତି। ସାର୍ ବାଘଙ୍କୁ ରକ୍ଷା ଦିଅନ୍ତୁ। ସବୁ ବାଘଙ୍କୁ ମାରିଦେବେ। ନନ୍ଦନକାନନରେ ଧଳା ଏବଂ କଳା ବାଘ ଥିଲେ। ଅନ୍ୟ କେଉଁଠି ଏଭଳି ବାଘ ଦେଖାଯାଆନ୍ତି ନାହିଁ। ନନ୍ଦନକାନନରେ ୩୫ଟି ବାଘରୁ ଏବେ ୭ଟି ଜୀବନମରଣ ସହ ସଂଘର୍ଷ କରୁଛନ୍ତି। କେବଳ ବାଘ ନୁହେଁ ଓଟ, ଜିରାଫ, ଶାଗୁଣା ଆଦି ପ୍ରାଣୀ ମରିଗଲେଣି। ଏଥିଲାଗି ଧ୍ୟାନ ଦିଆଯିବା ସହ ବାଘସଂଖ୍ୟା କିଭଳି ବୃଦ୍ଧି ପାଇବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ସେ ଲୋୟର ପିଏମ୍‌ଜିରେ ଧାରଣା ଦେଉଥିବା ଅଧ୍ୟାପକଙ୍କ ବିଷୟ ଉଠାଇଥିଲେ। ଦୀର୍ଘ ୧୫ ବର୍ଷ ଚାକିରି କରିବା ପରେ ମଧ୍ୟ ତାଙ୍କୁ ଦରମା ମିଳୁନାହିଁ। ସେମାନେ ମାସେ ହେବ ଧାରଣାରେ ବସିଛନ୍ତି। ସରକାର ତୁରନ୍ତ ସେମାନଙ୍କ କଥା ବିଚାର କରନ୍ତୁ ବୋଲି ସେ କହିଥିଲେ। ସେହିଭଳି ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ କହିଥିଲେ, ଘରୋଇ ସ୍କୁଲ ମନଇଚ୍ଛା ଫି' ଆଦାୟ କରୁଛନ୍ତି। ପିଲାଙ୍କ ସୁରକ୍ଷା ବିଷୟରେ ଆଦୌ ଚିନ୍ତା କରୁନାହାନ୍ତି। ସରକାର ସେମାନଙ୍କୁ ନିୟନ୍ତ୍ରଣ କରନ୍ତୁ। କଂଗ୍ରେସ ସଭ୍ୟ ମହମ୍ମଦ ମୋକିମ ରେଭେନ୍‌ଶା କଲେଜରେ ଠିକା ଅଧ୍ୟାପକଙ୍କ ଦରମା କଥା ମଧ୍ୟ ଉଠାଇଥିଲେ।

# ସରକାରଙ୍କୁ ବିରୋଧୀଙ୍କ କୈଫିୟତ ତଲବ

### ପୋଲିସ ମହାସଂଘ ନିର୍ବାଚନକୁ ନେଇ ଉଦ୍‌ବେଗ

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

କନଷ୍ଟେବଳ ଓ ସିପାହି ମହାସଂଘର ନିର୍ବାଚନ ଗତ ୨ ବର୍ଷ ଧରି ହୋଇପାରିନାହିଁ। ପୋଲିସ ମହାନିର୍ଦ୍ଦେଶକ ଏଥିପାଇଁ ଅନୁମତି ଦେଉ ନ ଥିବାରୁ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ନିର୍ବାଚନ କରାଇବା ଲାଗି ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି।

ଶୁକ୍ରବାର ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଭାଜପା ସଭ୍ୟ ମୋହନ ଚରଣ ମାଝୀ କହିଲେ ଯେ, ପୋଲିସ ବିନା ଆମେ କେହି ସୁରକ୍ଷିତ ନୋହୁଁ। ସେମାନଙ୍କର ମଧ୍ୟ ଘର, ପିଲାଛୁଆ ଅଛନ୍ତି। ମହାସଂଘ ମାଧ୍ୟମରେ ସେମାନେ ତାଙ୍କ ସମସ୍ୟା ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚାଇଥାନ୍ତି। ଗତ ୨ ବର୍ଷ ହେବ ନିର୍ବାଚନ ହୋଇନାହିଁ। ସରକାର ଜାଣିଶୁଣି ନିର୍ବାଚନ କରାଇ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମହାସଂଘର ବାଇ ଲ' ଅନୁଯାୟୀ ପ୍ରତି ଦୁଇବର୍ଷରେ ଥରେ ନିର୍ବାଚନ ହେବାକଥା। କୋଭିଡ୍ ନ ଥିଲେ ମଧ୍ୟ ନିର୍ବାଚନ କରିବାକୁ ଅନୁମତି ଦିଆଯାଉନାହିଁ। ନିର୍ବାଚନ କରିବା ଲାଗି ଅନୁମତି ଦେବା ସକାଶେ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଥିଲେ।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ମହାସଂଘ ନିର୍ବାଚନ ହୋଇ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଲେ, ମୁଁ ବିଧାୟକ ହେବା ପୂର୍ବରୁ ପୋଲିସ କନଷ୍ଟେବଳ ଥିଲି। ମହାସଂଘର ନେତା ଥିଲି। ୧୯୭୧ରେ ସଂଘ ଗଢ଼ାଯାଇଥିଲା। ୧୯୭୪ ଏବଂ ୭୯ରେ ମଧ୍ୟ ଆନ୍ଦୋଳନ ହୋଇଥିଲା। ସେଥିଲାଗି ସରକାର ଭାଙ୍ଗି ଯାଇଥିଲା। ବାଇ ଲ' ଅନୁଯାୟୀ ପ୍ରତି ୨ ବର୍ଷରେ ଥରେ ନିର୍ବାଚନ ହେଉଥିଲା। ନିର୍ବାଚନ ଲାଗି ଡିଜି ଅନୁମତି ଦେଉ ନ ଥିବାରୁ ହୋଇପାରୁନାହିଁ। ପୋଲିସ ମହାସଂଘ ବିଷୟରେ ଡିଜିଙ୍କୁ ସେମିତି କିଛି ଜଣାନାହିଁ। ସେ ବହୁଦିନ ଧରି ବାହାରେ ରହୁଥିଲେ। ମହାସଂଘ ପାଇଁ ଅନେକ ଲୋକ ବଳିଦାନ ଦେଇଛନ୍ତି। ଆମେ କେତେଜଣ ବଞ୍ଚିଛୁ। ଡିଜି, ଆଇଜିଙ୍କୁ ଅନେକବାର ଘେରାଉ କରାଯାଇଛି। ବାଚସ୍ପତି ରୁଲିଂ ଦିଅନ୍ତୁ, କେବେ ସୁଦ୍ଧା ମହାସଂଘ ନିର୍ବାଚନ ହେବ ସେ ନେଇ ସରକାର ସ୍ପଷ୍ଟ କରନ୍ତୁ।

# କିମ୍ସ ସୁପର ସ୍ପେଶାଲିଟି, କ୍ୟାନ୍‌ସର ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

- ଉପକୃତ ହେବେ ଆର୍ଥିକ ଅନଗ୍ରସର ରୋଗୀ
- ୩୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଅତ୍ୟାଧୁନିକ ସୁବିଧା

କିମ୍ସ ପ୍ରଦ୍ୟୁମ୍ନ ବଳ ମେମୋରିଆଲ୍ ହସ୍ପିଟାଲ୍ (ପିବିଏମ୍‌ଏଚ୍) ଏବେ ୧୬୦୦ ଶଯ୍ୟା ବିଶିଷ୍ଟ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହସ୍ପିଟାଲରେ ପରିଣତ ହୋଇଛି। ଏଥିସହ ନୂଆକରି ସ୍ଥାପନ ହୋଇଥିବା କିମ୍ସ ସୁପର ସ୍ପେଶାଲିଟି ଓ କିମ୍ସ କ୍ୟାନସର ସେଣ୍ଟରକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଦେଶର ଖ୍ୟାତି ସମ୍ପନ୍ନ ଡାକ୍ତର ଓ ବିଶେଷଜ୍ଞ ଏଠାରେ ଯୋଗଦେଇଥିବାରୁ ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ରୋଗୀମାନେ ଉତ୍ତମ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ପାଇପାରିବେ। ବିଶେଷକରି ଆର୍ଥିକ ଅନଗ୍ରସର ଓ ସାଧାରଣ ବର୍ଗର ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଥିବା ସୂଚନା ଦିଆଯାଇଛି।

କିମ୍ସ ସୁପର ସ୍ପେଶାଲିଟିରେ ୩ଶହ ଶଯ୍ୟା ସହ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି। ଏଠାରେ ହୃଦ୍‌ରୋଗ ଚିକିତ୍ସା, କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀ (ସିଟିଭିଏସ୍), ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ହେପାଟୋଲୋଜି, ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ନେଫ୍ରୋଲୋଜି ଏବଂ କିଡ୍‌ନୀ ପ୍ରତିରୋପଣ, ୟୁରୋଲୋଜି, ନ୍ୟୁରୋଲୋଜି, ନ୍ୟୁରୋ ସର୍ଜରୀ, ଏଣ୍ଡୋକ୍ରାଇନୋଲୋଜି, କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ରିଉମାଟୋଲୋଜି, ଅସ୍ଥିଶଲ୍ୟ, ସ୍ପାଇନାଲ୍ ସର୍ଜରୀ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ଆଦି ବିଭାଗ ରହିଛି। ଅତ୍ୟାଧୁନିକ ଅସ୍ତ୍ରୋପଚାର ଗୃହ, ଆଇସିୟୁ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି। ଏହାଛଡ଼ା ରୋଗୀମାନେ ମେଡିସିନ୍, ସର୍ଜରୀ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି ରୋଗ, କର୍ଣ୍ଣ–ନାସା–ଗଳା, ଛାତିରୋଗ, ଚର୍ମରୋଗ, ଚକ୍ଷୁରୋଗ ଓ ମାନସିକ ରୋଗ ଚିକିତ୍ସା ବିଭାଗ ରହିଛି। ରୋଗୀମାନେ ଭାରତର ପ୍ରତିଷ୍ଠିତ ଓ ଅଭିଜ୍ଞ ଡାକ୍ତର ପଦ୍ମଶ୍ରୀ ପ୍ରଫେସର ଡା. ସୁବ୍ରତ ଆଚାର୍ଯ୍ୟ, ପଦ୍ମଶ୍ରୀ ପ୍ରଫେସର ଡା. ୱାଇ କେ ଚାୱଲା, ଡା. ଏ ସି ଆନନ୍ଦ, ଡା. ସିବିକେ ମହାନ୍ତି, ଡା. ରାମଚନ୍ଦ୍ର ଦାସ, ଡା. ଅମ୍ବିକା ପ୍ରସାଦ ମହାନ୍ତି, ଡା. ହେମନ୍ତ କୁମାର କର, ଡା. ରମାନାଥ ମିଶ୍ର, ଡା. ସୁଧାଂଶୁ ରଥ ଓ ଡା ଏନ୍. କେ. ଦାସ ପ୍ରମୁଖଙ୍କ ଚିକିତ୍ସା ଓ ପରାମର୍ଶ ପାଇ ପାରିବେ। ସେହିପରି ୩୦୦ ଶଯ୍ୟା ବିଶିଷ୍ଟ କ୍ୟାନସର୍ ସେଣ୍ଟର ଅନ୍ତର୍ଜାତୀୟମାନର ହୋଇଥିବାବେଳେ ଭାରତର ଖ୍ୟାତି ସମ୍ପନ୍ନ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର ଡା. ବିଧୁ କଲ୍ୟାଣ ମହାନ୍ତି ଏହାର ନିର୍ଦ୍ଦେଶକ ରହିଛନ୍ତି। ଏଠାରେ ଗୋଟିଏ ସ୍ଥାନରେ ରୋଗ ଚିହ୍ନଟଠାରୁ ଆରମ୍ଭ କରି ଚିକିତ୍ସା ଓ ପରୀକ୍ଷା ନିରୀକ୍ଷା ସୁବିଧା ରହିଛି।

ଉଦ୍‌ଘାଟନ ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ସମ୍ପାଦକ ଆର୍.ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।





**CLASSIFIED DISPLAY** ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338226625

**DHANLAXMI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403044


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଏପିଏସ୍‌ର ୩ ଅଧିକାରୀଙ୍କ ପଦୋନ୍ନତି

**କଟକ ଅଫିସ, ୨୯।୭**

ଓଡ଼ିଶା ଆର୍ମଡ୍ ପୋଲିସ ସର୍ଭିସ (ଓଏପିଏସ୍)ର ୩ ଜଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇ ବଦଳି କରାଯାଇଛି। କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସନ୍ତୋଷ କୁମାର ବିଶ୍ୱାଳଙ୍କୁ ଡେପୁଟି କମାଣ୍ଡାଣ୍ଟ ର୍‌ୟାଙ୍କକୁ ପଦୋନ୍ନତି ଦିଆଯାଇ କଳାହାଣ୍ଡିସ୍ଥିତ ନବମ ଆଇଆର୍ ବାଟାଲିୟନରେ ଅବସ୍ଥାପିତ କରାଯାଇଛି। ସେହିପରି କେନ୍ଦ୍ରାପଡ଼ାସ୍ଥିତ ହୋମ୍‌ଗାର୍ଡର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେନ୍ଦ୍ରନାଥ ନାୟକଙ୍କୁ ପଦୋନ୍ନତି ଦିଆଯାଇ କୋରାପୁଟସ୍ଥିତ ସପ୍ତମ ଆଇଆର୍ ବାଟାଲିୟନରେ ଡେପୁଟି କମାଣ୍ଡାଣ୍ଟ ଭାବେ ଅବସ୍ଥାପିତ କରାଯାଇଛି। ଏତଦ୍‌ବ୍ୟତୀତ କଳିଙ୍ଗନଗରସ୍ଥିତ ତୃତୀୟ ଆଇଆର୍ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିଭୂତି ଭୂଷଣ ପରିଡ଼ାଙ୍କୁ ଡେପୁଟି କମାଣ୍ଡାଣ୍ଟ ର୍‌ୟାଙ୍କକୁ ପଦୋନ୍ନତି ଦିଆଯାଇ ଭଞ୍ଜନଗରସ୍ଥିତ ଅଷ୍ଟମ ଆଇଆର୍ ବାଟାଲିୟନରେ ଅବସ୍ଥାପିତ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଟ୍ରାନ୍ସଫର କମିଟି ବୈଠକରେ ଉପରୋକ୍ତ ଓଏପିଏସ୍ କ୍ୟାଡର ଅଧିକାରୀମାନଙ୍କୁ ପଦୋନ୍ନତି ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ପର୍ଶୁରାମ ଦାସ**
ଆବିର୍ଭାବ: ୦୧।୧୦।୧୯୩୭
ତିରୋଧାନ: ୨୦।୦୭।୨୦୨୨
ତୁମର ଶୂନ୍ୟସ୍ଥାନ ଚିର ଅପୂରଣୀୟ। ତୁମର ଅମାୟିକ ସ୍ନେହ, ଆଦର୍ଶ, ଭଲପାଇବା ସର୍ବଦା ପ୍ରେରଣାର ଉତ୍ସ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ କରୁଣାମୟ ଆବେଦନ।
:::ଶୋକସନ୍ତପ୍ତ ପରିବାରବର୍ଗ:::
ପୁତ୍ର: ଇଂ. ଶୁପ୍ରଭାତ କୁମାର ଦାସ, ପୁତ୍ରବଧୂ: ସୁଦିପ୍ତା, ଦୀପ୍ତିରେଖା, ଜ୍ୱାଇଁ: ସଞ୍ଜୟ, ତ୍ରିଲୋଚନ, ଝିଅ: ମମି, ଝୁନା, ନାତି: ରୋନକ, ରୋହନ, ଦେବାଶିଷ, ୟଶ୍, ନାତୁଣୀ: ସୋନି, ପ୍ରଜ୍ଞା, ସୁପ୍ରିୟା।
ଧ-୧୧୨୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସର୍ଗତ ଶତ୍ରୁଘ୍ନ ତରାଇ**
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜଳସଂପଦ ବିଭାଗ)
ଆବିର୍ଭାବ: ୦୭.୦୧.୧୯୫୭
ତିରୋଧାନ : ୧୪.୦୮.୨୦୦୭
ଆଜି ତିଥିରେ ଆପଣ ଆମମାନଙ୍କୁ ଛାଡ଼ି ଚାଲିଯିବାର ୧୫ ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ସର୍ବଦା ଆମର ଆଦର୍ଶ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା। ଆପଣଙ୍କ ଅଦୃଶ୍ୟ ପବିତ୍ର ଆତ୍ମା ଆମମାନଙ୍କୁ ସର୍ବଦା ଆର୍ଶୀବାଦ ପ୍ରଦାନ କରୁଥାଉ। ଏହି ଶ୍ରାଦ୍ଧବାର୍ଷିକରେ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୧୧୪୧

### ୩୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ ଗୋବିନ୍ଦ ଚନ୍ଦ୍ର ମହାନ୍ତି**
ଗ୍ରାମ: ମଧୁଶାସନ, ପାଟକୁରା, କେନ୍ଦ୍ରାପଡା
ତିରୋଧାନ : ୨୭.୦୭.୧୯୮୭
ତୁମର ଏ ୩୫ତମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।
-: ଶୋକ ସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
ଧ-୧୧୪୫

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**୰ଧରଣୀଧର ଜେନା**
ଆଡ୍‌ଭୋକେଟ୍, ହାଇକୋର୍ଟ, କଟକ
ତିରୋଧାନ: ୨୨ ଜୁଲାଇ ୨୦୨୦
ଶ୍ରାବଣ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି
ଇ-୭, ବି.ଜେ.ବି ନଗର
ସମୟର ଅବାରିତ ଗତିରେ ତୁମ ସ୍ମୃତି ଅମଳିନ। ତୁମର ତ୍ୟାଗ, ଆଦର୍ଶ, ସତ୍ୟବାଦିତା, କର୍ତ୍ତବ୍ୟପରାୟଣତା, ସର୍ବୋପରି ସ୍ନେହ, ଶ୍ରଦ୍ଧା, ଆମମାନଙ୍କୁ ସର୍ବଦା ଅନୁପ୍ରାଣିତ କରୁଥିବ। ତୁମର ସ୍ୱର୍ଗବାସ ସୁଖମୟ ହେଉ, ଶ୍ରୀଜଗନ୍ନାଥଙ୍କ ପାଦତଳେ ଆମର ବିନମ୍ର ନିବେଦନ।
ପତ୍ନୀ, ପୁତ୍ର: ସୁନିଶ୍ଚିତ, ପୁତ୍ରବଧୂ: ସ୍ୱାଗତିକା ଏବଂ ସମସ୍ତ ପରିବାରବର୍ଗ।
ଧ-୧୧୨୭



ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଶୁକ୍ରବାର ଅନୁଷ୍ଠିତ ଟ୍ରାକ୍ ସାଇକ୍ଲିଂର ୪୦୦୦ ମିଟର ଟିମ୍ ପୁର୍ସୁଟ କ୍ୱାଲିଫାଇଂ ଅବସରରେ ଭାରତୀୟ ଦଳ।

# ପ୍ରି–କ୍ୱାର୍ଟରରେ ଶିବ ଥାପା

**ବର୍ମିଂହାମ୍, ୨୯।୭(ପି.ଟି.)**

ଭାରତର ଅଗ୍ରଣୀ ବକ୍ସର ଶିବ ଥାପା ଚମତ୍କାର ବିଜୟ ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଶୁକ୍ରବାର ୬୩.୫ କେଜି ଲାଇଟ୍ ୱେଲ୍ଟର ୱେଟ୍ କାଟେଗୋରିରେ ସେ ୫–୦ରେ ପାକିସ୍ତାନର ସୁଲେମାନ ବାଲୋଚ୍‌ଙ୍କୁ ହରାଇ ଦେଇଛନ୍ତି। ୨୮ ବର୍ଷୀୟ ଥାପା ହେଉଛନ୍ତି ୫ଥର ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା। ଟେକ୍‌ନିକ୍ ଦୃଷ୍ଟିରୁ ସେ ପାକିସ୍ତାନ ବକ୍ସରଙ୍କଠାରୁ ଯଥେଷ୍ଟ ଆଗରେ ରହିଥିଲେ। ପ୍ରତିଦ୍ୱନ୍ଦ୍ୱୀ ବାଲୋଚ୍‌ଙ୍କୁ ସେ ଗୋଟିକ ପରେ ଗୋଟିଏ ଶକ୍ତିଶାଳୀ ପଞ୍ଚ୍ ପ୍ରହାର କରିଚାଲିଥିଲେ। ଏପରି କି ପାକିସ୍ତାନ ବକ୍ସର କାନ୍‌ଭାସ ଉପରେ ପଡ଼ିଯାଇଥିଲେ। ଏନ୍ଇସି ଆରେନାରେ ଜଜମାନଙ୍କ ସର୍ବସମ୍ମତି ନିଷ୍ପତ୍ତିରେ ସେ ବିଜୟ ହାସଲ କରିଥିଲେ। ଥାପା ଏହା ପୂର୍ବରୁ ଥରେ ୨୦୧୪ ଗ୍ଲାସ୍‌ଗୋ ସଂସ୍କରଣରେ ଭାଗ ନେଇଥିଲେ। ସେତେବେଳେ ସେ ପ୍ରି–କ୍ୱାର୍ଟରୁ ବିଦାୟ ନେଇଥିଲେ। ରବିବାର ସେ ସ୍କଟ୍‌ଲାଣ୍ଡର ରିସି ଲିଞ୍ଚ୍‌ଙ୍କ ସହ ମୁକାବିଲା କରିବେ। ବକ୍ସିଂରେ ଭାରତ ପାଇଁ ପଦକ ଦାବିଦାର ଥିବା ଅନ୍ୟ ବକ୍ସରମାନଙ୍କ ମଧ୍ୟରେ ରହିଛନ୍ତି ବର୍ତ୍ତମାନ ବିଶ୍ୱ ଚାମ୍ପିୟନ ନିଖତ ଜରିନ୍, ଅଲିମ୍ପିକ ପଦକ ବିଜୟିନୀ ଲଭ୍‌ଲିନା ବର୍ଗୋହେନ୍ ଓ ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ବିଜେତା ଅମିତ ପଙ୍ଘାଲ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ଗୋଲ୍ଡକୋଷ୍ଟରେ ଦେଖବବାକୁ ମିଳିଥିଲା। ଭାରତ ସେଠାରେ ୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଲାଭକ କରିଥିଲା। ଏଠାରେ ତାଠାରୁ ଉନ୍ନତ ପ୍ରଦର୍ଶନ ଆଶା କରାଯାଉଛି।



ଦକ୍ଷିଣ ଆଫ୍ରିକାର ମୁସଫିକ୍ କାଲାମଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି ଭାରତର ମନିକା ବାତ୍ରା।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

**ମହିଳା ଟିଟି: ଭାରତ ୩–୦ରେ ବିଜୟୀ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗ୍ରୁପ୍–୨ରେ ମନିକା ବାତ୍ରାଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଟେବୁଲ ଟେନିସ୍ (ଟିଟି) ଦଳ ଏହାର ଓପନିଂ ମ୍ୟାଚ୍‌ରେ ୩–୦ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ପ୍ରଥମେ ଖେଳାଯାଇଥିବା ମହିଳା ଡବଲ୍ସରେ ଶ୍ରୀଜା ଆକୁଲା ଓ ରିଥ୍ ଟେନିସନ ଯୋଡ଼ି ୧୧–୭, ୧୧–୭, ୧୧–୫ରେ ଦକ୍ଷିଣ ଆଫ୍ରିକୀୟ ଯୋଡ଼ି ଲୈଲା ଏଡ୍‌ୱାର୍ଡ୍ସ ଓ ଡାନିଶା ପଟେଲଙ୍କୁ ପରାସ୍ତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ପରେ ଗତ ସଂସ୍କରଣର ସ୍ୱର୍ଣ୍ଣ ବିଜୟିନୀ ମନିକା ପ୍ରଥମ ସିଙ୍ଗଲ୍ସ ମ୍ୟାଚରେ ମୁସ୍‌ଫିକ୍ କାଲାମ୍‌ଙ୍କୁ ୧୧–୫, ୧୧–୩, ୧୧–୨ରେ ହରାଇ ଦେଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସରେ ଆକୁଲା ୧୧–୫, ୧୧–୩, ୧୧–୬ରେ ପଟେଲଙ୍କୁ ହରାଇ ମ୍ୟାଚ୍‌ରେ ଭାରତକୁ ବିଜୟୀ କରାଇଥିଲେ। ଭାରତୀୟ ମହିଳା ଦଳ ଏହାର ଦ୍ୱିତୀୟ ମୁକାବିଲା ଫିଜି ସହିତ କରିବ। ଅନ୍ୟପକ୍ଷରେ ପୁରୁଷ ଦଳ ୩–୦ରେ ବାର୍ବାଡୋସ୍‌କୁ ହରାଇ ଦେଇଛି।

**ବ୍ୟାଡ୍‌ମିଣ୍ଟନ: ପାକିସ୍ତାନକୁ ହରାଇଲା ଭାରତ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତ ଏହାର ଉଦ୍‌ଘାଟନୀ ମୁକାବିଲାରେ ବିଜୟ ହାସଲ କରିଛି। ପାକିସ୍ତାନ ବିପକ୍ଷରେ ୩–୦ରେ ଅଗ୍ରଣୀ ସହ ଲଢେଇକୁ ଜିତି ନେଇଛି। ପ୍ରଥମେ ବି. ସୁମିଥ୍ ରେଡ୍ଡୀ ଓ ମାଚିମାଣ୍ଡା ପୋନାପ୍ପା ମିକ୍ସଡ ଡବଲ୍ସରେ ୨୧–୯, ୨୧–୧୨ରେ ମହମଦ ଇର୍ଫାନ ସଇଦ୍ ଭଟ୍ଟି ଓ ଘଜ୍‌ଲା ସିଦ୍ଦିକ୍‌ଙ୍କୁ ହରାଇ ଭାରତକୁ ୧–୦ରେ ଅଗୁଆ କରାଇଥିଲେ। ପରେ ପୁରୁଷ ସିଙ୍ଗଲ୍ସରେ କିଡାମ୍ବି ଶ୍ରୀକାନ୍ତ ୨୧–୭, ୨୧–୧୨ରେ ମୁରାଦ ଅଲିଙ୍କୁ ସହଜରେ ହରାଇ ଦେଇଥିଲେ। ମହିଳା ସିଙ୍ଗଲ୍ସରେ ପି. ଭି. ସିନ୍ଧୁ ମଧ୍ୟ ସହଜ ବିଜୟ ଲାଭ କରିଥିଲେ। ସେ ମାହୁର ଶାହାଜାଦ୍‌ଙ୍କୁ ୨୧–୭, ୨୧–୬ରେ ପରାସ୍ତ କରିଥିଲେ।

**ସୁଇମିଂ: ଶ୍ରୀହରି ସେମିରେ, ସଜନ, କୁଶାଗ୍ରା ଆଉଟ୍**

ଭାରତୀୟ ସୁଇମର ଶ୍ରୀହରି ନାଟରାଜ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବେଙ୍ଗାଲୁରୁର ଏହି ୨୧ ବର୍ଷୀୟ ସନ୍ତରଣକାରୀ ତାଙ୍କ ହିଟ୍‌ରେ ତୃତୀୟ ଦ୍ରୁତତମ ଏବଂ ଓଭରାଲ ୫ମ ଦ୍ରୁତତମ ବିବେଚିତ ହୋଇଛନ୍ତି। ସେ ଯଦି ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୫୩.୭୭ ସେକେଣ୍ଡରେ ରେସ୍ ଶେଷ କରିଥାନ୍ତେ ତେବେ ହିଟ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିପାରିଥାନ୍ତେ। ଏହି ବିଭାଗରେ ଦ୍ରୁତତମ ସନ୍ତରଣକାରୀ ହୋଇଥିଲେ ଦକ୍ଷିଣ ଆଫ୍ରିକାର ପିଟର କୋଏଜ୍ (୫୩.୯୧)। ଅନ୍ୟପକ୍ଷରେ ସଜନ ପ୍ରକାଶ (ପୁରୁଷ ୫୦ମିଟର ବଟରଫ୍ଲାଏ ଇଭେଣ୍ଟ) ଓ ନବାଗତ କୁଶାଗ୍ରା ରାୱତ (ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ୍ ଇଭେଣ୍ଟ) ସେମାନଙ୍କ ବିଭାଗର ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ରହିଥିଲେ। ତେବେ ପ୍ରକାଶ ଆଗକୁ ୧୦୦ ଓ ୨୦୦ ମିଟର ବଟରଫ୍ଲାଏରେ ଅଂଶଗ୍ରହଣ କରିବେ। ସେହିପରି କୁଶାଗ୍ରା ୧୫୦୦ ଓ ୨୦୦ ମିଟର ଫ୍ରିଷ୍ଟାଇଲରେ ଭାଗନେବେ।

# ଉଦ୍‌ଘାଟନୀ ଅଧାରୁ ଚାଲିଆସିଲେ ଲଭ୍‌ଲିନା

**ବର୍ମିଂହାମ,୨୯।୭(ପି.ଟି)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଦ୍‌ଘାଟନୀ ସମାରୋହ ଅଧାରୁ ପଳାଇଆସି ବିବାଦଘେରରେ ବକ୍ସର ଲଭ୍‌ଲିନା ବୋର୍ଗୋହେନ୍। ଅଲିମ୍ପିକ୍ସ ପଦକ ବିଜୟିନୀ ଲଭ୍‌ଲିନା ସମାରୋହ ଅଧାରୁ ସାଥୀ ବକ୍ସର ହସମୁଦ୍ଦିନଙ୍କ ସହିତ ବାହାରି ଯାଇଥିଲେ। ହେଲେ ଉଭୟଙ୍କୁ ଗାଡ଼ି ନ ମିଳିବା କାରଣରୁ ହଟହଟା ହୋଇଥିଲେ। ଆଲେକ୍‌ଜାଣ୍ଡର ଷ୍ଟାଡିୟମରୁ କ୍ରୀଡ଼ା ଗ୍ରାମ ମାତ୍ର ୩୦ ମିନିଟ ଦୂରରେ ରହିଥିବା ବେଳେ ଉଭୟଙ୍କୁ କାର୍ ମିଳି ନ ଥିଲା। ଶେଷରେ ଉଭୟ ଖେଳାଳି ବସ୍ ଯୋଗେ କ୍ରୀଡ଼ା ଗ୍ରାମକୁ ଫେରିଥିଲେ। ଉଦ୍‌ଘାଟନୀ ସମାରୋହ ୨.୩୦ ଘଣ୍ଟାର ରହିଥିବା ବେଳେ ଏହି ଦୁଇ ଖେଳାଳି ପ୍ରାୟ ୧ ଘଣ୍ଟା ମଧ୍ୟରେ ଯିବାକୁ ବାହାରିଥିଲେ। ଭୋର୍ ସମୟରୁ ଉଭୟଙ୍କୁ ଅଭ୍ୟାସ କରିବାକୁ ପଡ଼ିବ ବୋଲି କାରଣ ମଧ୍ୟ ଦର୍ଶାଇଥିଲେ। ତେବେ ଏହି ଘଟଣାରେ ଭାରତୀୟ ଟିମ୍‌ର ଚିଫ୍ ଡି ମିଶନ ରାଜେଶ ଭଣ୍ଡାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯେଉଁ ଖେଳାଳିମାନଙ୍କର ମ୍ୟାଚ୍ ରହିଛି ସେମାନେ ଚାହିଁଥିଲେ ଉଦ୍‌ଘାଟନୀ ସମାରୋହରୁ ବାଦ୍ ରହିଥାନ୍ତେ। ଭାରତୀୟ ମହିଳା କ୍ରିକେଟ ଟିମ୍ ମ୍ୟାଚ୍ କାରଣରୁ କ୍ରୀଡ଼ା ଗ୍ରାମରେ ରହିବାକୁ ନିଷ୍ପତ୍ତି ନେଇଥିଲା। ଏହି ପ୍ରସଙ୍ଗରେ ସେ ବକ୍ସିଂ ଟିମ୍ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ରାଜେଶ ଭଣ୍ଡାରୀ।

# ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଆଲେକ୍ସ

**ବର୍ମିଂହାମ୍, ୨୯।୭:** ଇଂଲଣ୍ଡର ଆଲେକ୍ସ ୟି ଶୁକ୍ରବାର ପୁରୁଷ ଟ୍ରାଇଥଲନ ସ୍ପ୍ରିଣ୍ଟ୍ ଡିଷ୍ଟାନ୍ସ ଇଭେଣ୍ଟ ଜିତିବା ସହ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଇଂଲଣ୍ଡ ଆଥ୍‌ଲେଟ କୋର୍ସକୁ ୫୦ ମିନିଟ୍ ଓ ୩୪ ସେକେଣ୍ଡରେ ଶେଷକରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ସୁଇମିଂ ଟାଇମିଂ ୮:୪୯ ରହିଥିବା ବେଳେ ସାଇକ୍ଲିଂ କୋର୍ସକୁ ୨୬:୦୭ ଏବଂ ରନିଂ କୋର୍ସକୁ ୧୪:୩୧ ଟାଇମିଂରେ ଶେଷ କରିଥିଲେ। ନ୍ୟୁଜିଲାଣ୍ଡର ହର୍ବର୍ଟ ୱାଇଲ୍ଡ ଓ ଅଷ୍ଟ୍ରେଲିଆର ମାଉଥ୍ ହାଉଜର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପୁରୁଷ ଟ୍ରାଇଥଲନ ସ୍ପ୍ରିଣ୍ଟ୍ ଡିଷ୍ଟାନ୍ସ ଇଭେଣ୍ଟ ୭୫୦ ମିଟର ସୁଇମିଂ ସହ ଆରମ୍ଭ ହୋଇଥିଲା। ପରେ ବାଇକ୍‌ରେ ୨୦ କିମି ଓ ୫ କିମି ଦୌଡ଼ ହୋଇଥିଲା। ନ୍ୟୁଜିଲାଣ୍ଡର ହର୍ବର୍ଟ ୱାଇଲ୍ଡ ଟ୍ରାଇଥଲନ ରେସ୍‌ର ଅଧିକାଂଶ ସମୟ ଅଗ୍ରଣୀ ରହିଥିଲେ ହେଁ ବାଇକ୍ ଓ ରନିଂ ପର୍ଯ୍ୟାୟ ମଝିରେ ହେଲମେଟ୍ ଖୋଲିଥିବାରୁ ତାଙ୍କୁ ୧୦ ସେକେଣ୍ଡ ପେନାଲ୍ଟି ହୋଇଥିଲା। ଭାରତର ଆଦର୍ଶ ମୁରଲୀଧରନ ୧:୦୦:୦୮ ଟାଇମିଂ ସହ ୩୦ତମ ସ୍ଥାନରେ ରହିଥିଲେ। ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବା ଅନ୍ୟ ଜଣେ ଭାରତୀୟ ବିଶ୍ୱନାଥ ଯାଦବ ୧: ୦୨: ୫୨ ଟଇମିଂ ସହ ୩୩ତମ ସ୍ଥାନରେ ରହିଛନ୍ତି।



ପଦକ ପ୍ରଦର୍ଶନ କରୁଛନ୍ତି ଆଲେକ୍ସ ୟି।

# ରୋହିତ, ଦୀନେଶଙ୍କ ପ୍ରଭାବୀ ବ୍ୟାଟିଂ

**ଟାରୋବା, ୨୯।୭:** ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଅଧିନାୟକ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ଏବଂ ଦୀନଶେ କାର୍ତ୍ତିକଙ୍କ ଦ୍ରୁତ ଅପରାଜିତ ୪୧ରନ ସହାୟତାରେ ୱେଷ୍ଟଇଣ୍ଡିଜ ପାଇଁ ଭାରତ ୧୯୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିପାରିଛି।

ୱେଷ୍ଟଇଣ୍ଡିଜ ଅଧିନାୟକ ନିକୋଲାସ ପୁରନ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଭାରତର ଦୁଇ ଓପନର ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ୪୪ ରନ ଯୋଗ କରିଥିଲେ। ତେବେ ପରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ଭାରତ ଏକଦା ଚ୍ୟାଲେଞ୍ଜିଂ ସ୍କୋର କରିପାରିବା ଭଳି ମନେ ହେଉ ନ ଥିଲା। ରୋହିତ ୫ ବ୍ୟାଟ୍ସମ୍ୟାନ ଭାବେ ଜାସନ ହୋଲ୍ଡରଙ୍କ ବଲ୍‌ରେ ସିମନରନ ହେଟମେୟର ଦ୍ୱାରା କ୍ୟାଚ୍ ଆଉଟ ହେବା ବେଳକୁ ୪୪ବଲ୍‌ରେ ୭ଚୌକା ଓ ୨ ଛକା ସହ ୬୪ ରନ କରିଥିଲେ। କିନ୍ତୁ ପରେ ଲୋୟର ଅର୍ଡରରେ ଦୀନେଶ କାର୍ତ୍ତିକ ୧୯ ବଲ୍‌ରେ ୪ ଚୌକା ଓ ୨ ଛକା ସହ ୪୧ରନ କରି ଅପରାଜିତ ରହି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ୭ମ ଉଇକେଟରେ ଦୀନେଶ ଓ ୧୩ ରନ କରି ଅପରାଜିତ ରହିଥିବା ରବିଚନ୍ଦ୍ରନ ଅଶ୍ୱିନ ଶେଷ ୪ ଓଭରରେ ଅପରାଜିତ ୫୨ରନ ଯୋଗ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲଜାରୀ ଯୋଶେଫ ୨ଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୯୦/୬ (ରୋହିତ ଶର୍ମା–୬୪, ଦୀନେଶ କାର୍ତ୍ତିକ–୪୧*, ସୂର୍ଯ୍ୟକୁମାର ଯାଦବ–୨୪ ;ଅଲଜାରିଯୋଶେଫ–୨/୪୬, ଅକିଲ ହୋସେନ–୧/୧୪)।

# ସାଫ୍ ଫୁଟ୍‌ବଲ: ଭାରତର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୯।୭ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ଶୁକ୍ରବାର ପ୍ରଥମ ବିଜୟ ସ୍ୱାଦ ଚାଖିଛି ଆୟୋଜକ ଭାରତ। ପାର୍ଥିବ ସୁନ୍ଦର ଗୋଗୋଇଙ୍କ ଡବଲ ଗୋଲ ବଳରେ ଭାରତୀୟ ଦଳ ୪–୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ୧–୨ ଗୋଲରେ ବାଂଲାଦେଶଠାରୁ ହାରିଯାଇ ଥିବାରୁ ୨ ମ୍ୟାଚରୁ ଭାରତର ଏହାଥିଲା ପ୍ରଥମ ବିଜୟ। ଫଳରେ ଦଳ ୩ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନରେ ରହିଛି।

ମ୍ୟାଚର ପ୍ରଥମାର୍ଦ୍ଧ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିଲେ ହେଁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଶ୍ରୀଲଙ୍କା। ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ପ୍ରଥମାର୍ଦ୍ଧରେ ଗୋଲ ହୋଇପାରି ନ ଥିଲା। ପଟ ପରିବର୍ତ୍ତନ ପରେ ଭାରତ କ୍ରମେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ମ୍ୟାଚର ୫୦ତମ ମିନିଟରେ ଫରୱାର୍ଡ ହିମାଂଶୁ ଜାଙ୍ଗ୍ରା ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ୬୯ତମ ମିନିଟରେ ଏକ ଗୋଲ ମାଧ୍ୟମରେ ଗୋଗୋଇ ଏହାକୁ ୨–୦ରେ ପରିଣତ କରିଥିଲେ। ଶ୍ରୀଲଙ୍କା ଗୋଲ ପରିଶୋଧ ଉଦ୍ୟମରେ ଥିଲେ ହେଁ ୭୪ତମ ମିନିଟରେ ଲେଫ୍ଟ ବ୍ୟାକ୍ ୱିଙ୍ଗର ଗୁରକୀରଟ ସିଂ ଆଉ ଏକ ଗୋଲ ଦେଇ ଭାରତର ବିଜୟ ସମ୍ଭାବନାକୁ ଦୃଢ଼ୀଭୂତ କରିଥିଲେ। ୯୦ ମିନିଟ ସୁଦ୍ଧା ଭାରତ ୩–୦ରେ ଅଗ୍ରଣୀ ରହିଥିଲା ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୩ ମିନିଟରେ ଗୋଗୋଇ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଗୋଗୋଇ ଆଇ–ଲିଗ୍‌ରେ ଇଣ୍ଡିଆନ ଆରୋଜ ପକ୍ଷରୁ ପ୍ରତିନିଧିତ୍ୱ କରିଥାନ୍ତି। ନେପାଳ ଏହାର ପ୍ରଥମ ୨ ମ୍ୟାଚରେ ମାଳଦ୍ୱୀପକୁ ୪–୦ ଓ ଶ୍ରୀଲଙ୍କାକୁ ୩–୦ ଗୋଲରେ ହରାଇଥିବାରୁ ୬ ପଏଣ୍ଟ ପାଇସାରିଛି। ସେହିପରି ବାଂଲାଦେଶ ନିଜର ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ୧–୦ ଓ ଦ୍ୱିତୀୟ ମ୍ୟାଚରେ ଭାରତକୁ ୨–୧ ଗୋଲରେ ହରାଇ ନିଜର ସ୍ଥିତିକୁ ଦୃଢ଼ କରିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୩୧ ତାରିଖରେ ନେପାଳ ସହିତ ଖେଳିବ। ୫ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଶ୍ରେଷ୍ଠ ୨ଟି ଦଳ ମଧ୍ୟରେ ଫାଇନାଲ ଅଗଷ୍ଟ ୫ରେ ଅନୁଷ୍ଠିତ ହେବ।



ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଆଜି କ'ଣ କେଉଁଠି

**ଧର୍ମଶାଳା**

- ସର୍ଦ୍ଦାର ରୋଟାରି ଓ ଇନରହୁଇଲ କ୍ଲବ ଜାରକା ପକ୍ଷରୁ ଅଭିଷେକ ଉତ୍ସବ, ସ୍ଥାନ: ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡ଼ିୟମ, ସମୟ: ସନ୍ଧ୍ୟା-୬ଟା୩୦ ମିନିଟ୍।

## କଳାପଥର ଖନନ ଅଭିଯୋଗରେ ୩ ଗିରଫ



**ଧର୍ମଶାଳା/ଜେନାପୁର, ୨୯।୭ (ଡି.ଏନ.ଏ.):** ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ପାହାଡ଼ରୁ ବେଆଇନ ଭାବେ କଳାପଥର ଖନନ ଅଭିଯୋଗରେ ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜେନାପୁର ଥାନା ତାଳଜଙ୍ଗ ଗ୍ରାମର ଲକ୍ଷ୍ମୀଧର ରାଉତ (୩୩), ଢେଙ୍କାନାଳ ଜିଲା ନିହାଲପ୍ରାସାଦ ଅଞ୍ଚଳର କୋଦଣ୍ଡ ସେଠୀ(୪୬) ଓ କଟକ ଜିଲା ଚାଉଳିଆଗଞ୍ଜ ଅଞ୍ଚଳର ସିଦ୍ଧାର୍ଥ ପୃଷ୍ଟି(୨୩)। ଧର୍ମଶାଳା ତହସିଲ ଅନ୍ତର୍ଗତ ବିଭିନ୍ନ କଳାପଥର ଖାଦାନରୁ କଳାପଥର ଲୁଟ୍ ହେଉଛି। ଏନେଇ ବାରମ୍ବାର ଅଭିଯୋଗ ପରେ ତହସିଲ ଓ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ସମ୍ପୃକ୍ତ ଖାଦାନରେ ଚଡାଉ କରାଯାଇ ଗାଡି ଏବଂ ମେଶିନ ଜବତ କରାଯାଇଛି। ହେଲେ ବେଆଇନ ଭାବେ ଚୋରି କରୁଥିବା ବ୍ୟକ୍ତି ସହଜରେ ଖସିଯିବାକୁ ସକ୍ଷମ ହେଉଛନ୍ତି। ଗତ ୨୩ ତାରିଖରେ ଧର୍ମଶାଳା ତହସିଲ ଓ ଜିଲା ପୋଲିସ ସ୍କ୍ୱାଡ୍ ପକ୍ଷରୁ ବେଆଇନ ଭାବେ କଳାପଥର ଖନନ ହେଉଥିବା ବିଛାଖଣ୍ଡି ପାହାଡ଼ରେ ଚଢ଼ାଉ କରାଯାଇ ଗୋଟିଏ ଟିପର ଗାଡ଼ି ସହ ୩ଟି କମ୍ପ୍ରେସର ମେଶିନ ଜବତ କରାଯାଇଥିଲା। ଚଢ଼ାଉ ସମୟରେ ବେଆଇନ ଭାବେ ଖନନ କରୁଥିବା ବ୍ୟକ୍ତିମାନେ ଖସିଯାଇଥିଲେ। ତେଣୁ ବେଆଇନ କଳାପଥର ଖନନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାର ସ୍ୱାଗତ ଦାସ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ନଂ.୧୯୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ବିନା ସୂଚନା ଫଳକରେ ଚାଲିଛି ବିଦ୍ୟାଳୟ କାର୍ଯ୍ୟ

**ପାଣିକୋଇଲି, ୨୯।୭ (ଡି.ଏନ.ଏ.):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମରେ ବିଦ୍ୟାଳୟ ମରାମତି କାର୍ଯ୍ୟ ଚାଲୁ ରହିଛି। ହେଲେ ଏହି କାର୍ଯ୍ୟର କୌଣସି ବିବରଣୀ ବା ସୂଚନା ଫଳକ ଲଗାଯାଇ ନାହିଁ। ଫଳରେ କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ମିଳି ପାରିନାହିଁ। ବରପଦା ଗ୍ରାମର ନିତ୍ୟାନନ୍ଦ ପରିଡ଼ା ଘରୁ ଆସୁଥିବା ବେଳେ ବିଦ୍ୟାଳୟ କାମ ଦେଖି କି କାମ ବୋଲି ପଚାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗ୍ରାମର ଅନିରୁଦ୍ଧ ପାଣିଗ୍ରାହୀ ଓ ଗୌରାଙ୍ଗ କୁଣ୍ଡୁ ତାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏଥିସହିତ ଏକ ମାରଣାସ୍ତ୍ର ଧରି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ନିତ୍ୟାନନ୍ଦଙ୍କ ମା' ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ ଗାଳି ସେମାନେ ଗାଳିଗୁଲଜ କରିଥିଲେ। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ବିକାଶ କର, ନଚେତ୍ ସ୍ୱତନ୍ତ୍ର ଜିଲା ଦିଅ

**ଯାଜପୁର ରୋଡ/କଳିଙ୍ଗ ନଗର, ୨୯।୭ (ଡି.ଏନ.ଏ.)**

ରାଜନୈତିକ ଓ ପ୍ରଶାସନିକସ୍ତରରେ ଅବହେଳା ସାଙ୍ଗକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ କରିବାରେ ପାତରଅନ୍ତର ନୀତି ବ୍ୟାସନଗର ସହରବାସୀଙ୍କୁ ଆନ୍ଦୋଳନମୁଖୀ ତଥା ବିଦ୍ରୋହୀ କରିଛି। ଏହି ସହରର ସର୍ବାଙ୍ଗୀନ ବିକାଶ ପାଇଁ କେହି ହେଲେ ବି ଆନ୍ତରିକତା ଦେଖାଉ ନାହାନ୍ତି । ବରଂ ୨୦ ବର୍ଷ ପଛକୁ ଠେଲି ଦେବାକୁ ବିଭିନ୍ନ ଉପାୟରେ ଉଦ୍ୟମ କରାଯାଉଛି। ଏହାର ପ୍ରତିବାଦ କଲେ ବି କିଛି ସୁଫଳ ମିଳୁନାହିଁ। ପ୍ରଶାସନର ଏଭଳି ଆଭିମୁଖ୍ୟ ସମଗ୍ର ବ୍ୟାସନଗର ସମେତ ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଏହି ମର୍ମରେ ବିକାଶ କିମ୍ବା କଳିଙ୍ଗନଗର ନାମରେ ଏକ ସ୍ୱତନ୍ତ୍ର ଜିଲା ଗଠନ କରାଯାଉ ବୋଲି ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରାଯାଇଥିବା ଅଭିଯୋଗ ଅନୁଯାୟୀ, ବ୍ୟାସନଗର ପୌରପରିଷଦ ଗଠନ ହେବାର ଇତିମଧ୍ୟରେ ୨୮ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି । ନିକଟରେ ଏକାଧିକ ଶିଳ୍ପ ଓ ଖଣି ପ୍ରତିଷ୍ଠାନ ଯୋଗୁ ସହରର ଜନସଂଖ୍ୟା ହୁହୁ ହୋଇ ବଢି ଚାଲିଛି । ବେସରକାରୀ ଭାବେ ସହରର ଜନସଂଖ୍ୟା ଦେଢ ଲକ୍ଷ ଟପି ସାରିଲାଣି । ହେଲେ ରାଜନୈତିକ ଆନ୍ତରିକତାର ଅଭାବ ଯୋଗୁ ଏହି ସହର ଦିନକୁ ଦିନ ରସାତଳଗାମୀ ହେଉଛି। ମିନି ସଚ୍ଚିବାଳୟ ନାମରେ ବ୍ୟାସନଗର ସହରରେ ଥିବା ଏକାଧିକ ସରକାରୀ ଅଫିସକୁ ଉଠାଇ ନେବାକୁ ଚକ୍ରାନ୍ତ ଚାଲିଛି। ନିର୍ବାଚିତ ଜନପ୍ରତିନିଧି ମଧ ଏନେଇ ମୁହଁ ଖୋଲିବାର ସାହାସ ଜୁଟାଇ ପାରୁନାହାନ୍ତି । ରାଜୁ ଦାସ କମିଶନ ରିପୋର୍ଟ ଅନୁଯାୟୀ ପ୍ରସ୍ତାବିତ ଉତ୍ତର କଟକ ଜିଲାଠାରୁ ଦୁଇପାଦ ଆଗକୁ ଯାଇ ଦୂରଦ୍ରଷ୍ଟା ବିଜୁ ବାବୁ ୧୯୯୩ରେ ସ୍ୱତନ୍ତ୍ର ଯାଜପୁର ଜିଲା ଗଠନ କଲେ । ସେତେବେଳେ ଏହାର ସଦର ମହକୁମା ପାଣିକୋଇଲିଠାରେ କରିବାକୁ ସରକାରୀସ୍ତରରେ ନିଷ୍ପତ୍ତି ଘୋଷଣା ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଯାଜପୁର ଟାଉନକୁ ଏହାର କାର୍ଯ୍ୟାଳୟ ସ୍ଥାନାନ୍ତର କରାଯାଇଥିଲା। ଏନେଇ ସେତେବେଳେ ବ୍ୟାପକ ଆନ୍ଦୋଳନ କରାଯାଇ କୋର୍ଟ କଚେରୀ ପର୍ଯ୍ୟନ୍ତ କଥା ଯାଇଥିଲା। ପରବର୍ତ୍ତୀ ସମୟରେ ଜିଲାର ବ୍ୟାସନଗର ଏବଂ ଚଣ୍ଡିଖୋଲକୁ ସବ୍‌ଡିଭିଜନ ମାନ୍ୟତା ପ୍ରତିଶ୍ରୁତି ମଧ ଫସର ଫାଟିଛି। ଏହାବାଦ୍ ଶିକ୍ଷା କ୍ଷେତ୍ରରେ ନୂତନ ଭାବେ କୌଣସି ଇଞ୍ଜିନିୟରିଂ କଲେଜ ବା ମେଡିକାଲ କଲେଜ ଏ ଅଞ୍ଚଳ ପାଇଁ ସ୍ୱପ୍ନ ହୋଇଛି । ସମସ୍ତ ସୁବିଧା ଥିବା ପାଣିକୋଇଲିଠାରେ ମେଡିକାଲ କଲେଜ କରିବାକୁ ଅଧିକାଂଶ ମତ ଦେଇଥିବାବେଳେ ତାକୁ ଯାଜପୁର ସହରରେ ନିର୍ମାଣ କରାଗଲା। ଏଥିପାଇଁ ମେଡିକାଲ କଲେଜ ସଂଘର୍ଷ ସମିତି ପକ୍ଷରୁ ପାଣିକୋଇଲିଠାରେ ୧୦୦ରୁ ଊର୍ଦ୍ଧ୍ୱ ଦିନ ଧରି ଧାରଣା ଦିଆଯାଇଥିଲା। ଏହି ଧାରଣାକୁ ଶତାଧିକ ଅନୁଷ୍ଠାନ ସମର୍ଥନ କରିଥିଲେ। କିନ୍ତୁ କୌଣସି ପ୍ରତିବାଦ କେହି ଶୁଣି ନ ଥିଲେ। ସ୍ୱାସ୍ଥ୍ୟକ୍ଷେତ୍ରରେ ଯାଜପୁର ରୋଡ, ଦାନଗଦି, ବ୍ୟାସନଗର, ସୁକିନ୍ଦା ଆଦି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର କିମ୍ବା ଯନ୍ତ୍ରପାତି ନାହିଁ । ରୋଗୀମାନଙ୍କ ସେବା ହରି ଭରସାରେ ଚାଲିଛି । ଡିଏମ୍‌ଏଫ୍(ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ)ର ଗୋଟିଏ ବି ଟଙ୍କା ଏଠାରେ ବିନିଯୋଗ ହୋଇ ପାରିନାହିଁ। ବ୍ୟାସସରୋବରର ଉନ୍ନତିକରଣ କେନ୍ଦ୍ରୀୟ ଅନୁଦାନରେ ହେଉଥିବାବେଳେ ତାକୁ ଡିଏମ୍‌ଏଫ୍‌ର ଭ୍ରମ ସୃଷ୍ଟି କରାଯାଉଛି। ଯାଜପୁର ରୋଡରେ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବର୍ନକେୟାର ସେଣ୍ଟର, ସଂସ୍କୃତି ଭବନ, ଯୋକଡିଆ ବ୍ୟାରେଜ, ଇଏସ୍‌ଆଇ ହସ୍ପିଟାଲ, କଳିଙ୍ଗନଗର ବିମାନ ବନ୍ଦର, ରେଳ ଡିଭିଜନ ଇତ୍ୟାଦି ପ୍ରତିଶ୍ରୁତି ସ୍ୱପ୍ନରେ ରହିଛି । ସହରରେ ବୃହାନ୍ତ ପଟ୍ଟା ପ୍ରକାଶନ ହୋଇ ପାରୁନାହିଁ । ଜଙ୍ଗଲ କିସମ ଜମି ନାମରେ ବ୍ୟାସନଗରର ହଜାର ହଜାର ଲୋକ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ପ୍ରଶାସନ ନ୍ୟାୟ ଦେଇ ପାରୁନାହିଁ । ଭୂମିହୀନଙ୍କୁ ସରକାରୀ ଜମି ପଟ୍ଟା ମିଳିବା ସ୍ୱପ୍ନ ହୋଇଛି ।

୨୦୧୧ ଜନଗଣନା ଅନୁଯାୟୀ, ଯାଜପୁର ଜିଲାର ଲୋକସଂଖ୍ୟା ୧୮ ଲକ୍ଷ ୨୭ ହଜାର ୧୯୨ । ବର୍ତ୍ତମାନ ତାହା ୨୨ ଲକ୍ଷରୁ ଅଧିକ ହେଲାଣି ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଏହାବାଦ୍ ଜିଲା ବିଭାଜନ ସମୟରେ କେନ୍ଦୁଝର ଜିଲା ପୂର୍ବବତ ରହିଛି । ଆନନ୍ଦପୁରଠାରୁ କେନ୍ଦୁଝରର ଦୂରତା ୮୦ କିମି। ଆନନ୍ଦପୁର ବ୍ଲକ ସମେତ ଆନନ୍ଦପୁର ମ୍ୟୁନିସିପାଲିଟି, ହାଟଡିହି ଓ ଘସିପୁରା ବ୍ଲକ ଏବଂ ଯାଜପୁର ଜିଲାର କୋରେଇ ଓ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ପାଣିକୋଇଲି, ଯାଜପୁରରୋଡ, କୋରେଇ, ଯଖପୁରା, ଜେନାପୁର, କଳିଙ୍ଗନଗର, ଟମକା, ସୁକିନ୍ଦା, କାଳିଆପାଣି ଆଦି ଥାନା ଅଞ୍ଚଳକୁ ନେଇ ଏକ ନୂତନ ଜିଲା ଗଠନ ପାଇଁ ଟୁଇଟ୍‌ରେ ପ୍ରସ୍ତାବ ଦିଆଯାଇଛି। ଏହିସବୁ ଅଞ୍ଚଳର ଜନସଂଖ୍ୟା ୧୩ ଲକ୍ଷରୁ ଊର୍ଦ୍ଧ୍ୱ । ୨୦୧୧ ଜନଗଣନା ଅନୁଯାୟୀ ଅନୁଗୋଳ ଜିଲାର ଲୋକସଂଖ୍ୟା ୧୨,୭୩,୮୨୧, ନବରଙ୍ଗପୁର ଜିଲାର ୧୨,୨୦,୯୪୬, ଢେଙ୍କାନାଳ ଜିଲାର ଲୋକସଂଖ୍ୟା ୧୧,୯୨,୮୧୧ । ତେଣୁ ପ୍ରଶାସନିକ ସୁବିଧା, ସର୍ବାଙ୍ଗୀନ ଉନ୍ନତି ତଥା ସାଧାରଣ ଲୋକଙ୍କ ସମୃଦ୍ଧି ପାଇଁ ଉପରୋକ୍ତ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ଜିଲା ଗଠନ କରାଯାଉ ବୋଲି ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।


Tweet
Chandra Sekhar Panda
@CS_Panda_Adv
@CMO_Odisha,We demand new Kalinga Nagar District with Anandapur, Hatadihi and 11 PS from Jajpur. Growth of population,industries,mining belt and unequal distribution of public funds justifies a new district. It will help quick development and good governance.
10:39 pm · 25 Jul 22 · Twitter for Android

# ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର






ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ବିଭିନ୍ନ ସ୍କୁଲ୍‌ର ଛାତ୍ରୀ ଓ ଅନ୍ୟମାନେ।

**କାଳିଆପାଣି, ୨୯।୭ (ଡି.ଏନ.ଏ.)**

ଜେଆର୍‌ଡି ଟାଟାଙ୍କ ଜନ୍ମ ବାର୍ଷିକ ଅବସରରେ ଶୁକ୍ରବାର ସୁକିନ୍ଦା ଟାଟା ଷ୍ଟିଲ ମାଇନିଂ ପକ୍ଷରୁ ଏକ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ଖଣି କର୍ମଚାରୀ କଲୋନୀ ପରିସରସ୍ଥ କାଟେପୂର୍ତ୍ତି ଅଡିଟୋରିୟମ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍କୁଲର ଛାତ୍ରୀ, ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ବାଳିକା ଯୋଗ ଦେଇଥିଲେ।

କମ୍ପାନୀର ଖଣି ସୁରକ୍ଷା ମୁଖ୍ୟ ଅଞ୍ଜନା ତିୱାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଏମ୍ ସୁଶାନ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜେଆରଡି ଟାଟାଙ୍କ ସମ୍ବନ୍ଧରେ ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିବା ବେଳେ ଥାନା ଅଧିକାରୀ ବାଳିକାମାନେ ନିଜକୁ ରକ୍ଷା କରିବା ପାଇଁ ମାନସିକ ଓ ଶାରୀରିକ ଭାବେ ସୁଦୃଢ ହେବାକୁ ପରାମର୍ଶ ଦେଇଥିଲେ। କଲୋନୀ ପରିସରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଷ୍ଟିୱାଟ ସ୍କୁଲ୍ ଓ ଶ୍ରମଶକ୍ତି ସ୍କୁଲ ସହ ସ୍ଥାନୀୟ ଅଞ୍ଚଳର ବହୁ ବାଳିକା ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। କମ୍ପାନୀ ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ସହ ପ୍ରଶାସନିକ ମୁଖ୍ୟ ସଞ୍ଜୀବ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ସମସ୍ତ ସ୍କୁଲରେ ଏପରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ନାବାଳିକାଙ୍କ ଆତ୍ମହତ୍ୟା ଅଭିଯୋଗ

**ଧର୍ମଶାଳା/ଜେନାପୁର, ୨୯।୭ (ଡି.ଏନ.ଏ.)**

- ପୋଲିସକୁ ନ ଜଣାଇ ମୃତଦେହ ପୋଡ଼ିଦେଲେ ପରିବାର
- ଶ୍ମଶାନରୁ ପାଉଁଶ ଓ ହାଡ଼ ଜବତ କରି ତଦନ୍ତ ଆରମ୍ଭ କଲା ପୋଲିସ

ଜେନାପୁର ଥାନା ସାହାଣୀଡ଼ିହ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗ୍ରାମର ବଂଶୀଧର ପ୍ରଧାନଙ୍କ ନାବାଳିକା ଝିଅ ଗୁରୁବାର ରାତିରେ ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଟିଭି ରିଚାର୍ଜକୁ ନେଇ ନାବାଳିକା ଓ ତାଙ୍କ ମା'ଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ ରାତିରେ ନାବାଳିକା ଆତ୍ମହତ୍ୟା କରିଥିଲେ। ଏହା ଜାଣିବା ପରେ ପରିବାର ଲୋକେ ପୋଲିସକୁ ଖବର ନ ଦେଇ ଝିଅର ମୃତଦେହକୁ ଶ୍ମଶାନକୁ ନେଇ ପୋଡ଼ି ଦେଇଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର ସକାଳେ ପୋଲିସ ପହଞ୍ଚି ନାବାଳିକାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ତାଗିଦ କରିଥିଲା। ଏହାପରେ ତାଙ୍କ ମା' ରମା ପ୍ରଧାନ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପୋଲିସ ନଂ.୧୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶ୍ମଶାନରୁ ପାଉଁଶ ଓ ହାଡ଼ ଜବତ କରି ତଦନ୍ତ ଚଳାଇଛି।

# ବ୍ରହ୍ମବରଦାରେ ଟାଟା ପାୱାର ଅନୁଭବ କେନ୍ଦ୍ର ଉଦ୍‌ଘାଟିତ

**ବ୍ରହ୍ମବରଦା, ୨୯।୭ (ଡି.ଏନ.ଏ.)**

ଟାଟା ପାୱାର ତରଫରୁ ବ୍ରହ୍ମବରଦା ପଞ୍ଚାୟତକୁ ଆଦର୍ଶ ଗ୍ରାମଭାବେ ଘୋଷଣା କରାଯାଇଛି। ଏନେଇ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ଛେନାଖିଆ ପାଟଣା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଯାଜପୁର ଜିଲାର ପ୍ରଥମ ଅନୁଭବ କେନ୍ଦ୍ର ଏଠାରେ ଉଦ୍‌ଘାଟନ କରାଯାଇଛି। ଟାଟା ପାୱାର କନିଷ୍ଠ ଯନ୍ତ୍ରୀ ଅଶୋକ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ବ୍ରହ୍ମବରଦା ସରପଞ୍ଚ ଶୁଭଦର୍ଶିନୀ ଦେଓ, ୩୬ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ପ୍ରଦୀପ ଦାସ ଓ ଅନୱର ଖାଁଙ୍କ ସମେତ ଟାଟା ପାୱାରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ଅନୁଭବ କେନ୍ଦ୍ର ଜରିଆରେ ରାଶନ ଡିଲରଙ୍କ ନିକଟରେ ବିଦ୍ୟୁତ୍ ଦେୟ ଏବଂ ବିଦ୍ୟୁତ୍ ସମ୍ବନ୍ଧିତ ସମସ୍ତ ସମସ୍ୟାର ସମାଧାନ କରାଯାଇପାରିବ ବୋଲି କନିଷ୍ଠ ଯନ୍ତ୍ରୀ ସାହୁ ସୂଚନା ଦେଇଥିଲେ। ଏହି ଅନୁଭବ କେନ୍ଦ୍ରର ୧୭ଟି ବିଦ୍ୟୁତ୍ ସମସ୍ୟା ପଞ୍ଜୀକରଣ କରାଯାଇଥିଲା। ଲୋ ଭୋଲଟେଜ୍ ସମସ୍ୟା ସମାଧାନ ପାଇଁ ଛେନାଖିଆ ପାଟଣା ସାହିରେ ସ୍ୱତନ୍ତ୍ର ଟ୍ରାନ୍ସଫରମର ବସାଇବାକୁ ସାହି ବାସି ଦାବି କରିଥିଲେ। ଟାଟା ପାୱାର ତରଫରୁ ମାଇଁ ଟାଟା ପାୱାର ଆପ୍ ବିଷୟରେ ଗ୍ରାହକଙ୍କୁ ଅବଗତ କରାଯିବା ସହ ଆପ୍ ବ୍ୟବହାରକାରୀଙ୍କୁ ମାଗଣାରେ ବିଦ୍ୟୁତ୍ ବଲ୍‌ବ ଯୋଗାଇ ଦିଆଯାଇଥିଲା।



ଅନୁଭବ କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ଚାଲିଛି ସର୍ଭିସ୍ ରୋଡ୍ ସୌନ୍ଦର୍ଯ୍ୟକରଣ

### ଜାତୀୟ ରାଜପଥ କାର୍ଯ୍ୟ ଅଧାପନ୍ତରିଆ

**ଧର୍ମଶାଳା, ୨୯।୭ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଜାରକା ଛକ ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥର ପ୍ରଶସ୍ତୀକରଣ ସହିତ ଓଭରବ୍ରିଜ ନିର୍ମାଣ କାମ ଚାଲିଛି। ଫଳରେ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଗାଡ଼ିଗୁଡ଼ିକ ସର୍ଭିସ ରୋଡ୍ ଦେଇ ଯାତାୟାତ କରୁଛି। ହେଲେ ଏତିକି ବେଳେ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥାର ବିଚିତ୍ର ନିତି ଦେଖିବାକୁ ମିଳିଛି।

ମୁଖ୍ୟ ରାସ୍ତା କାମ ଅଧପନ୍ତରିଆ ହୋଇ ପଡ଼ିରହିଥିଲେ ମଧ ସମ୍ପୃକ୍ତ ଠିକା ସଂସ୍ଥା ସେଥିପ୍ରତି ଧ୍ୟାନ ନ ଦେଇ ସର୍ଭିସ ରୋଡ୍‌ର ସୌନ୍ଦର୍ଯ୍ୟକରଣ କାମରେ ଲାଗିପଡ଼ିଛି। ଅନ୍ୟପଟେ ୨ବର୍ଷ ଧରି ଗାଡ଼ିଗୁଡ଼ିକ ସର୍ଭିସ ରୋଡ୍‌ରେ ଯାତାୟାତ କରୁଥିବାରୁ ବଜାରକୁ ଅସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ବଜାର କମିଟି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି ସ୍ଥାନୀୟ ଜନପ୍ରତିନିଧି ସବୁ ଦେଖି ନିରବ ରହୁଥିବାରୁ ସାଧାରଣରେ ଅନେକ କଥା ଶୁଣିବାକୁ ମିଳୁଛି। ଏପରି କି ଜାରକା ଠାରେ ଦୀର୍ଘ ବର୍ଷ ହେଲା ଲାଗିରହିଥିବା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କେବେ ସରିବ ଓ କେବେ ଯାତାୟାତ ସ୍ୱାଭାବିକ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଶୀଘ୍ର ଏହି କାମ ଶେଷ କରି ଯାତାୟାତ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହୋଇଛି।




ସର୍ଭିସ୍ ରୋଡ୍‌ର ସୌନ୍ଦର୍ଯ୍ୟକରଣ ଚାଲିଛି।

# ବିଦ୍ୟୁତ୍ ବିଭାଗ ପକ୍ଷରୁ ଅମୃତ ଉତ୍ସବ ପାଳିତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ବିଞ୍ଝାରପୁର, ୨୯।୭ (ଡି.ଏନ.ଏ.)**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ବିଞ୍ଝାରପୁର ବିଦ୍ୟୁତ୍ ବିଭାଗ ପକ୍ଷରୁ ଅମୃତ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ମିନତି ଜଗଦ୍ଦେବ, ୨୬ନଂ. ଜୋନ ଜିଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରହରୀ ମଣ୍ଡଳ, ଅଧୀକ୍ଷଣ ଯନ୍ତ୍ରୀ ବିଭୁରଞ୍ଜନ ସାହୁ, ଏସଡିଓ ଅସିତ ପ୍ରଧାନ ଓ କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ ବିଦ୍ୟୁତ୍ ଶକ୍ତିର ଉଚିତ ବ୍ୟବହାର ଓ ଏହି ସମ୍ପର୍କରେ ଜନ ସଚେତନତା ଆଣିବା ପାଇଁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଭାଗର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ବହୁ ବିଦ୍ୟୁତ୍ ଉପଭୋକ୍ତା ଯୋଗ ଦେଇଥିଲେ।

# ଶିଳ୍ପ ଗ୍ରାମର ହେବ ବିକାଶ

### ଖର୍ଚ୍ଚ ହେବ ୩୪ କୋଟି ୮୫ ଲକ୍ଷ

**ଚଣ୍ଡିଖୋଲ, ୨୯।୭ (ଡି.ଏନ.ଏ.)**

ଯାଜପୁର ଜିଲାର ପ୍ରସିଦ୍ଧ ପଥର ଶିଳ୍ପ ଗ୍ରାମ ଭାବେ ପରିଚିତ ଶୁଖୁଆପଡ଼ାକୁ ରାଜ୍ୟ ସରକାର ଶିଳ୍ପ ଗ୍ରାମ ଘୋଷଣା କରିଛନ୍ତି। ହେଲେ ଏହାର ଉନ୍ନତୀକରଣ ଅଦ୍ୟାବଧି ସେଭଳି ଭାବେ କରାଯାଇନାହିଁ। ଏନେଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ସେ ପଚାରିଥିଲେ ଦର୍ପଣ ତହସିଲ ଅନ୍ତର୍ଗତ ଶୁଖୁଆପଡ଼ା ଓ କେଶରାଇପୁର ଗ୍ରାମର ବିକାଶ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଏଥିପାଇଁ କେତେ ପରିମାଣରେ ଅର୍ଥ କେଉଁ ବାବଦରେ ଖର୍ଚ୍ଚ ହେବ। ପ୍ରସ୍ତର ଶିଳ୍ପୀମାନଙ୍କୁ ସୁଲଭ ଦରରେ କଞ୍ଚାମାଲ ଯୋଗାଇବା ଓ ଉତ୍ପାଦିତ ସାମଗ୍ରୀର ଉଚିତ୍ ମୂଲ୍ୟରେ ବିକ୍ରୟ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି। ଏହାର ଉତ୍ତରରେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପୀ ମନ୍ତ୍ରୀ ରୀତା ସାହୁ କହିଥିଲେ, ସରକାରଙ୍କ ଦ୍ୱାରା ଶିଳ୍ପୀ ଗ୍ରାମର ବିକାଶ ଓ ଶିଳ୍ପୀମାନଙ୍କର ଜୀବିକା ଅର୍ଜନମାନ ବୃଦ୍ଧି ନିମନ୍ତେ ଯାଜପୁର ଜିଲାପାଳଙ୍କ ସୁପାରିସ କ୍ରମେ ୩୪ କୋଟି ୮୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହି ଦାୟିତ୍ୱ ଓଡ଼ିଶା ଖଣିଜ ଅଧିକୃତ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡିସି)କୁ ପ୍ରଦାନ କରାଯାଇଛି। ଏହି ଅର୍ଥ ରାଶିରେ ଗ୍ରାମର ସୌନ୍ଦର୍ଯ୍ୟକରଣ, ଶିଳ୍ପୀଙ୍କ ପାଇଁ କର୍ମଶାଳା ଓ ବିକ୍ରୟ କେନ୍ଦ୍ର ସମେତ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଆଦି କରାଯିବାକୁ ପ୍ରସ୍ତାବ ରହିଛି। ଏଥିସହିତ କେନ୍ଦ୍ର ସରକାରଙ୍କ ନିକଟରେ ଶିଳ୍ପୀ ଗ୍ରାମ ଯୋଜନା ବିଚାରାଧୀନ ଅଛି। ଶିଳ୍ପୀ ତାଲିମ ପ୍ରଦାନ ଯୋଜନା ମାଧ୍ୟମରେ ୭୫ଜଣ କାରିଗରଙ୍କୁ ତାଲିମ ପ୍ରଦାନ କରାଯାଇଛି।

ଗୁରୁ, ଶିଷ୍ୟ ପରମ୍ପରା ତାଲିମ ଯୋଜନାରେ ୩୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ୧୨୦ଜଣ କାରିଗରଙ୍କୁ ସୌରମଣ୍ଡନ ପ୍ରଦାନ କରାଯାଇଛି। ବାହ୍ୟଜ୍ଞାନ ଆହରଣ ଯୋଜନାରେ ୧୨୦ଜଣ କାରିଗରଙ୍କୁ ତାମିଲନାଡୁ ଓ ରାଜସ୍ଥାନ ପରିଦର୍ଶନ କରାଯାଇ ଉନ୍ନତମାନର ଜ୍ଞାନ କୌଶଳ ଶିକ୍ଷା ଦିଆଯାଇଛି। କାରିଗରମାନଙ୍କୁ ସୁଲଭ ଦରରେ କଞ୍ଚାମାଲ ଯୋଗାଇବା ନିମନ୍ତେ ଓଡ଼ିଶା ଆର୍ଟିସାନ ବେଡ୍ ଷ୍ଟୋନ୍ ପଲିସ ପ୍ରଣୟନ କରାଯାଇଛି। ଏହାକୁ କାର୍ଯ୍ୟକାରୀ ନିମନ୍ତେ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଜାରି ରହିଛି। ଉତ୍ପାଦିତ ସାମଗ୍ରୀକୁ ଉଚିତ୍ ଦରରେ ବିକ୍ରି କରିବା ପାଇଁ ବିଭିନ୍ନ ଅନ୍ତର୍ଜାତୀୟ, ଜାତୀୟ, ରାଜ୍ୟ ଓ ଜିଲାସ୍ତରୀୟ ପ୍ରଦର୍ଶନୀମାନ ଆୟୋଜନ କରାଯାଉଛି। କାରିଗରଙ୍କୁ ନିଃଶୁଳ୍କ ଷ୍ଟଲ୍ ପ୍ରଦାନ କରାଯିବା ସହିତ ସାମଗ୍ରୀ ପରିବହନ ଖର୍ଚ୍ଚ ଓ ରହଣି ଖର୍ଚ୍ଚ ଆଦି ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ସ୍ପଷ୍ଟ କରିଛନ୍ତି। ଏଥିନେଇ ଶୁଖୁଆପଡ଼ା ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୩୦ ଜୁଲାଇ, ୨୦୨୨

**ଆର୍ଥିଂ ଖୁଣ୍ଟରେ ବାଜି ଗୋରୁ ମୃତ**

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନୂଆଗାଁ ପଞ୍ଚାୟତ କାଣିପୋଖରୀ ଗାଁରେ ବିଦ୍ୟୁତ୍ ଖୁଣ୍ଟର ଆର୍ଥିଂରେ ବାଜି ଶୁକ୍ରବାର ସନ୍ଧ୍ୟାରେ ଏକ ଗୋରୁର ମୃତ୍ୟୁ ହୋଇଛି। ଗାଁର ପବିତ୍ର ଭୋଇଙ୍କ ଗୋରୁଟି ଘରକୁ ଆସିବା ବେଳେ ବିଦ୍ୟୁତ୍ ଖୁଣ୍ଟର ଆର୍ଥିଂରେ ବାଜିଥିଲା। ଆର୍ଥିଂରେ ବିଦ୍ୟୁତ୍ ସଂସ୍ପର୍ଶ ହୋଇଥିବାରୁ ଗୋରୁଟି ଘଟଣାସ୍ଥଳରେ ପ୍ରାଣ ହରାଇଥିଲା। ଗାଁ ଲୋକ ଭୟଭୀତ ହୋଇ ବିଦ୍ୟୁତ୍ ଟ୍ରାନ୍ସଫର୍ମରଠାରେ ଲାଗିଥିବା ହାଣ୍ଡେଲ ପକାଇ ଦେଇଥିବାରୁ ଗାଁ ଅନ୍ଧାରରେ ରହିଛି।



**ସଂକ୍ଷେପରେ**

## ପ୍ଲାନ୍ ନ କରି ଘର କରୁଥିବା ଲୋକଙ୍କୁ ଠକେଇ

### ମ୍ୟୁନିସିପାଲିଟି କର୍ମଚାରୀ ଫାଇନର ଭୟ ଦେଖାଇ କରୁଛନ୍ତି ଟଙ୍କା ଆଦାୟ

**ନୟାଗଡ଼ ଅଫିସ,୨୯।୭:** ନୟାଗଡ଼ ମ୍ୟୁନିସିପାଲିଟିରେ ବିନା ପ୍ଲାନରେ ଅନେକ କୋଠା ନିର୍ମାଣ ଚାଲିଛି। ତେବେ ନୟାଗଡ଼ ମ୍ୟୁନିସିପାଲିଟିର ଦୁଇ କର୍ମଚାରୀ ଫାଇନର ଭୟ ଦେଖାଇ ପ୍ଲାନ ନ କରି ଘର କରୁଥିବା ଲୋକଙ୍କଠାରୁ ୧୦ ହଜାରରୁ ଅଧିକ ଟଙ୍କା ଲୁଟୁଛନ୍ତି। ଅଭିଯୋଗ ଅନୁସାରେ, କେଉଁଠି ବେଆଇନ ଭାବେ କୋଠା ଘର ନିର୍ମାଣ ଚାଲିଛି ସେନେଇ ଦୁଇ କର୍ମଚାରୀ ପ୍ରଥମେ ତଥ୍ୟ ସଂଗ୍ରହ କରୁଛନ୍ତି। ନିଜ ଅଫିସରୁ ତଥ୍ୟ ପାଇ ଭଲ ରୋଜଗାରରେ ଲାଗି ପଡିଛନ୍ତି। ପ୍ଲାନ ନ କରି ଘର କରିଥିବା ଲୋକଙ୍କୁ ଯାଇ ଭୟ ଦେଖାଉଛନ୍ତି ଆପଣଙ୍କୁ ୫୦ ହଜାର ଫାଇନ ହୋଇଛି। ଫାଇନ ଦିଅନ୍ତୁ, ଅଫିସରୁ ରସିଦ୍ ଆଣନ୍ତୁ। ହେଲେ ଅଧିକାଂଶ ଲୋକ ଘଟଣାକୁ ରଫାଦଫା କରି ୧୦ ହଜାର ଟଙ୍କା ଲେଖାଏ ତଣ୍ଡ ଗଣି ସାରିଥିବା ଜଣାପଡିଛି। ହେଲେ ମ୍ୟୁନିସିପାଲିଟି ପକ୍ଷରୁ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ ବୋଲି ଅଭିଯୋଗ ଉଠିଛି।

## ମହିଳାଙ୍କୁ ଅସଦାଚରଣ, ଆକ୍ରମଣ: ୨ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୨୯।୭:** ଜଣେ ମହିଳାଙ୍କୁ ରାସ୍ତାରେ ଅସଦାଚରଣ ସହ ଆକ୍ରମଣ କରିଥିବା ଅଭିଯୋଗରେ ସଦର ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କେ. ଶିବ ଶଙ୍କର ପାତ୍ର ଓ କେ. କାଳିଆ ପାତ୍ର। ମାମଲା ନଂ.୩୩୨/୨୨ରେ ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଦ୍ୱୟ ଜଣେ ମହିଳାଙ୍କୁ ବିଭିନ୍ନ ସମୟରେ ଅଶ୍ଳୀଳ କମେଣ୍ଟ କରୁଥିଲେ। ଏପରିକି ତାଙ୍କୁ ଫୋନ କରି ମଧ ଦୁର୍ବ୍ୟବହାର କରୁଥିଲେ। ଗୁରୁବାର ମହିଳା ଜଣଙ୍କ ବଜାରରୁ ଘରକୁ ଫେରିବା ବେଳେ ରାସ୍ତାରେ ଅଭିଯୁକ୍ତଦ୍ୱୟ ତାଙ୍କୁ ଅଟକାଇ ଟଣାଓଟରା କରିଥିଲେ। ମହିଳା ପ୍ରତିବାଦ କରିବାରୁ ସେମାନେ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ।

## ଗୋଡ଼ିପଡ଼ାରେ ନକଲି ମଦ ବିକ୍ରି

**ନୟାଗଡ଼ ଅଫିସ,୨୯।୭:** ଗୋଡିପଡା ବିଦେଶୀ ମଦ କାଉଣ୍ଟରରେ ନକଲି ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ହେଲେ ପୋଲିସ ଅଥବା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନାହିଁ। ୨୦୨୧ରେ ଗଣିଆର ଆଡକଟା ସରକାରୀ ବିଦେଶୀ ମଦ ଦୋକାନରେ ନକଲି ବିଦେଶୀ ମଦ ବିକ୍ରିର ଅଭିଯୋଗ ହେଉଥିଲା। ହେଲେ ପୋଲିସ ଅଥବା ଅବକାରୀ ବିଭାଗ ଚଢ଼ାଉ କରୁ ନ ଥିଲେ। ହେଲେ ଅବକାରୀ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଚାପରେ ଚଢ଼ାଉ ପରେ ୨୦୨୧ ଜୁନ ୨୫ରେ ୧୨୧ ଲିଟର ନକଲି ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ଗୋଡିପଡା ବିଦେଶୀ ମଦ ଦୋକାନରେ ନକଲି ମଦ ବିକ୍ରି ହେଉଥିଲେ ମଧ ପୋଲିସ ଓ ଅବକାରୀ ବିଭାଗର ଅନୁକମ୍ପା ରହିଥିବା ଚର୍ଚ୍ଚା ହେଉଛି।

# ବେଆଇନ ଖଣି ଖନନକୁ ବନ୍ଦ କରୁନି ପ୍ରଶାସନ

**ନୟାଗଡ଼ ଅଫିସ/ ରଣପୁର,୨୯।୭ (ସ୍ୱ.ପ୍ର.)**

■ତଦନ୍ତ କରିବେ କହି ଭୁଲିଗଲେ ଉପଜିଲାପାଳ
■ଏନ୍‌ଜିଟି ଛାଟ ପରେ ବି ଭୟ ନାହିଁ
■ଖଣି ମାଲିକଙ୍କୁ ସୁରକ୍ଷା ଦେବା ଚିନ୍ତା ଘାରିଲା

ନୟାଗଡ଼ ଜିଲା ରଣପୁର ତହସିଲର ମୟୂରଝାଲିଆ ଅଞ୍ଚଳରେ ଚାଲିଥିବା ବେଆଇନ ଖଣି ଖନନକୁ ରୋକିବାରେ ପ୍ରଶାସନ ଡରୁଛି। ଚାପରେ ଚେପା ହୋଇ ପ୍ରଶାସନ ଚଢ଼ାଉ କରିବାକୁ ଭୟ କରୁଛି। ଏପରି କି ବେଆଇନ ଖଣି ଖନନର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ଲଗ୍ନଜିତ ରାଉତ କହିଥିଲେ। ହେଲେ ଖଣି ମାଫିଆ ଚାପରେ ସେ ମଧ ନୀରବତା ଅବଲମ୍ବନ କରୁଛନ୍ତି। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଇଷ୍ଟର୍ନ ଜୋନ କୋଲକାତାର ଛାଟ ପରେ ବି ପ୍ରଶାସନ ଚେଇଁ ଶୋଇଛି। ପ୍ରଶାସନ ଚଢ଼ାଉ କରିବା ବଦଳରେ ଖଣି ମାଲିକଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ ଜାରି ରଖିଥିବା ଅଭିଯୋଗ ହୋଇଛି।

ମୟୂରଝାଲିଆର ପ୍ଲଟ ନଂ. ୧୬୮୯, ଖାତା ନଂ. ୪୯୫ରେ ୧୪୪.୦୯ ଏକର ଗ୍ରାମ୍ୟ ଜଙ୍ଗଲ ପାଇଁ ସଂରକ୍ଷିତ ଅଛି।


ମୟୂରଝାଲିଆର କାଜୁ ଜଙ୍ଗଲ ମଧରେ ବେଆଇନ ଭାବେ ଖନନ ଚାଲିଥିବା ମାଙ୍କଡା ପଥର ଓ ମୋରମ ଖଣି।

ଏହି ଜମିର କିଛି ଅଂଶରେ କାଜୁ ଜଙ୍ଗଲ ଥିଲା। କାଜୁ କର୍ପୋରେଶନ ଏହାକୁ ନିଲାମ ଦେଉଥିଲା। ତେବେ କାଜୁ ଜଙ୍ଗଲରେ ମୋରମ ଓ ମାଙ୍କଡା ଖଣି ହେବାରୁ ଏଥିରୁ ୪ ଏକର ମାତ୍ର ନିଲାମ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରୁ ଏହି ୪ ଏକର ଖଣି ନିଲାମ ହୋଇଛି। ତେବେ ନିଲାମଧାରୀ ୨ ବର୍ଷରେ ୩ ଏକରରୁ ଊର୍ଦ୍ଧ୍ୱ ନିଲାମ ଅଞ୍ଚଳରେ ଖଣି ଖୋଳି ସାରିଲେଣି। ପୁଣି ପାଖରେ ଥିବା ଅବଶିଷ୍ଟ ସମସ୍ତ କାଜୁ ଜଙ୍ଗଲର ଜମିରୁ କାଜୁ ଗଛ କାଟି ବେଆଇନ ଖଣି ଖନନ କରୁଛନ୍ତି। ବାହାରେ କାଜୁ ଜଙ୍ଗଲ ଦେଖା ଯାଉଥିଲେ ମଧ ଭିତରେ ୪୦ରୁ ୫୦ ଫୁଟ ଖଣି ହୋଇ ସାରିଲାଣି। ଏଭଳିସ୍ଥଳେ କାଜୁ ଜଙ୍ଗଲ ପଦା ହୋଇ ସାରିଲାଣି। ମୟୂରଝାଲିଆର ବେଆଇନ ଖଣି ଖନନ ନେଇ ସ୍ଥାନୀୟ ବାସିନ୍ଦା ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ତହସିଲଦାର, ଆରଡିସି, ୫-ଟି ସଚିବଙ୍କୁ ଅଭିଯୋଗ ବାରମ୍ବାର କରି ଆସୁଛନ୍ତି। ହେଲେ ଏହାର ତଦନ୍ତ କି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଅଭିଯୋଗ ରହିଛି। ଏ ନେଇ ଶିବ ପ୍ରସାଦ ରାୟଗୁରୁ କୁହନ୍ତି, ବେଆଇନ ଖଣି ଖନନକୁ ରୋକି ହେବ ନାହିଁ। ଏଠାରେ ତଳୁ ଉପର ସ୍ତର ପର୍ଯ୍ୟନ୍ତ ଦୁର୍ନୀତିରେ ସାମିଲ ରହି ସରକାରଙ୍କର ରାଜସ୍ୱକୁ ହରିଲୁଟ୍ କରି ଚାଲିଛନ୍ତି। ଏହି ବେଆଇନ ଖଣି ଖନନ ପାଇଁ ଏକ ରାକେଟ ଚାଲିଛି। ତହସିଲ ଅଫିସର କର୍ମଚାରୀ ଦୁର୍ନୀତିର ମୂଳ ଚେର। ପୁଣି ଖଣି ନିଲାମଧାରୀ ଜଣେ ସରକାରୀ ଅଧିକାରୀଙ୍କର ଡ୍ରାଇଭର। ଏଣୁ ତଦନ୍ତ ହେବାର ପ୍ରଶ୍ନ ଉଠୁନି। ଏନ୍‌ଜିଟିରେ ଆବେଦନ କରିଥିବା ଦିଲୀପ କୁମାର ସାମନ୍ତରାୟ କୁହନ୍ତି, କାଜୁ ଜଙ୍ଗଲ କଟାଯାଇ ବେଆଇନ ଖଣି ଖନନ ଚାଲିଛି। ପୁଣି ନିଲାମଧାରୀ ଲିଜ୍ ନେଇଥିବା ଜମିରେ ଖଣି ଖନନ ପରେ ତାକୁ ବାଲିରେ ପୋତୁ ନାହାନ୍ତି। ସେହିଭଳି ନିଲାମଧାରୀ ୫ ବର୍ଷ ପାଇଁ ନିଲାମ ନେଇଥିବା ଅଞ୍ଚଳକୁ ଶେଷ କରି ପାଖ ଜମିକୁ ଦଖଲକୁ ନେଇ କାଜୁ ଜଙ୍ଗଲ ପଦା କରି ସାରିଲେଣି। ଏନ୍‌ଜିଟି ଛାଟ ବାଜିବା ପରେ ପ୍ରଶାସନର ନୀରବତା ହାତଗୁଞ୍ଜା କାରବାରକୁ ପ୍ରମାଣିତ କରୁଛି। ତେବେ ଉଜିଲାପାଳ ଲଗ୍ନଜିତ ରାଉତଙ୍କୁ ପଚାରିବାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ମଞ୍ଜୁର ୧.୧୮ କୋଟି ଟଙ୍କା ଫେରିବନି, କାର୍ଯ୍ୟ ହେବ


ଜିଲାପାଳଙ୍କ ପ୍ରତିଶ୍ରୁତି ପରେ କମନ ଫ୍ୟାସିଲିଟ୍ ସେଣ୍ଟରର କାମ ଆରମ୍ଭ ହୋଇଛି। ଏହାକୁ ଅଧିକାରୀମାନେ ତଦାରଖ କରୁଛନ୍ତି।

### ଜିଲାପାଳଙ୍କ ପ୍ରତିଶ୍ରୁତିକ୍ରମେ କମନ ଫ୍ୟାସିଲିଟି କାର୍ଯ୍ୟ ଆରମ୍ଭ

**ଖଣ୍ଡପଡ଼ା,୨୯।୭(ସ୍ୱ.ପ୍ର.)**

ନୟାଗଡ଼ ଜିଲାପାଳଙ୍କ ପ୍ରତିଶ୍ରୁତିକ୍ରମେ ଖଳିସାହିଠାରେ ଶୁକ୍ରବାର କମନ ଫ୍ୟାସିଲିଟି ସେଣ୍ଟରର ଗୃହ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ସାଧାରଣରେ ଅନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଦୀର୍ଘବର୍ଷ ଅପେକ୍ଷା ପରେ ନୟାଗଡ଼ ଜିଲା ଅଧୀନ ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ଓ ଖଳିସାହିଠାରେ କଂସା ପିତ୍ତଳ କାରିଗରମାନଙ୍କ ଉନ୍ନତି ତଥା ହସ୍ତଶିଳ୍ପର ବିକାଶ ନିମନ୍ତେ ୨ଟି କମନ ଫ୍ୟାସିଲିଟ ସେଣ୍ଟର ନିର୍ମାଣ ଲାଗି ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୧ କୋଟି ୧୮ ଲକ୍ଷ ୨ ହଜାର ଟଙ୍କାର ଅନୁଦାନ ଅର୍ଥ ୨୦୨୧ ଅଗଷ୍ଟ ୧୬ରେ ମଞ୍ଜୁର ହୋଇଥିଲା। ମାତ୍ର ହଜାର ହଜାର କଂସା ପିତ୍ତଳ କାରିଗରଙ୍କ ସ୍ୱାର୍ଥ ତଥା ହସ୍ତଶିଳ୍ପର ବିକାଶ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରି ଜାଗା ଉପରେ କୋର୍ଟର ଷ୍ଟାଟସ୍‌କୋ ଜାରି ହେବା ଘଟଣାକୁ ଆଳ କରି ତୁରନ୍ତ ଅନୁଦାନ ଅର୍ଥ ଫେରାଇ ଦେବାକୁ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶକ ନୟାଗଡ଼ ଜିଲାପାଳଙ୍କୁ ପତ୍ର ଲେଖିଥିଲେ। ଏହି ଘଟଣା ଜାଣିବା ପରେ ନିଖିଳ ଉତ୍କଳ କଂସାରୀ ସମାଜ ଓଡ଼ିଶା କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ୨୭ ତାରିଖରେ ଜିଲାପାଳଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଜିଲାପାଳ ପୋମା ଟୁଡୁ ଅବଗତ ହେବା ପରେ ମଞ୍ଜୁର ଅର୍ଥ ଫେରିବ ନାହିଁ ଖୁବ୍‌ଶୀଘ୍ର ସମ୍ପୃକ୍ତ କମନ ସେଣ୍ଟର କାର୍ଯ୍ୟ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଜିଲାପାଳଙ୍କ ପ୍ରତିଶ୍ରୁତି କ୍ରମେ ଶୁକ୍ରବାର ଖଳିସାହି ଦଶଦୋଳ ପଡିଆଠାରେ ଏହି କମନ ଫ୍ୟାସିଲିଟି ସେଣ୍ଟରର କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ନେଇ ସାଧାରଣରେ ଆନନ୍ଦ ପ୍ରକାଶ ପାଇବା ସହ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ପରବର୍ତ୍ତୀ ସମୟରେ କଣ୍ଟିଲୋଠାରେ କମନ ଫ୍ୟାସିଲିଟି ସେଣ୍ଟରର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। କାମ ଆରମ୍ଭ ସମୟରେ ବ୍ଲକ କନିଷ୍ଠଯନ୍ତ୍ରୀ ଅଟଳ କୁମାର ସାହୁ, ଖଳିସାହି ସରପଞ୍ଚ ଫକୀର ମୋହନ ଦାସ, ନିଖିଳ ଉତ୍କଳ କଂସାରୀ ସମାଜ ଓଡ଼ିଶା କାର୍ଯ୍ୟକାରୀ ସଭାପତି ମହାରଣା, କଂସା ପିତ୍ତଳ କାରିଗର ସୁବାସ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକୁ ପୁଷ୍ପଲତା ପ୍ରଧାନ କରିବେ ବୋଲି ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାଦେଶ ନଂ.୧୫୨୫ ପାଇଥିବା ଜଣାଯାଇଛି।

# ୬୦ ସରପଞ୍ଚ, ଅଧିକାରୀଙ୍କ ଶିଖରପୁର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ


ସରପଞ୍ଚ ଓ ଅଧିକାରୀମାନେ ବିଦ୍ୟାଳୟ ବୁଲି ଦେଖୁଛନ୍ତି।

**ଖଣ୍ଡପଡ଼ା,୨୯।୭(ସ୍ୱ.ପ୍ର.)**

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଓଡ଼ଗାଁ ଓ ଦଶପଲ୍ଲା ଦୁଇ ବ୍ଲକର ସମସ୍ତ ସରପଞ୍ଚଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶେଷ ଦିନରେ ଦୁଇ ବ୍ଲକର ପାଖାପାଖି ୬୦ରୁ ଅଧିକ ସରପଞ୍ଚ ଓ ଅଧିକାରୀ ଏକ ବସ ଯୋଗେ ଶିଖରପୁର ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏଥିସହ ସ୍ୱତନ୍ତ୍ର ଭାବେ ଶିଖରପୁର ଉଚ୍ଚ ବିଦ୍ୟାଳୟରେ ୫-ଟି କାର୍ଯ୍ୟକୁ ସମସ୍ତ ସରପଞ୍ଚ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ସାଇନ୍ସ ଲାବୋରେଟୋରୀ, ସ୍ପୋର୍ଟସ, ଗାର୍ଡେନ ସହ ମଞ୍ଚ ପରିଦର୍ଶନ କରିଥିଲେ। ଅଶୋକ ଚକ୍ର ଥିବା ମଞ୍ଚରେ ସରପଞ୍ଚମାନେ ସେଲଫି ଉଠାଇଥିଲେ। ୫-ଟି କାର୍ଯ୍ୟ ଦେଖିବା ସହ ବାଳିକା ଓ ବାଳକ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଦେଖି ପ୍ରଶଂସା କରିଥିଲେ। ଉକ୍ତ ଉଚ୍ଚ ବିଦ୍ୟାଳୟ ସ୍କାଉଟ୍ ଛାତ୍ରମାନେ ପଞ୍ଚାୟତଠାରୁ ଶୋଭାଯାତ୍ରାରେ ସରପଞ୍ଚ ଓ ଅଧିକାରୀମାନଙ୍କୁ ବିଦ୍ୟାଳୟ ପରିସରକୁ ନେଇଥିଲେ। ଛାତ୍ରୀଛାତ୍ରମାନେ ଫୁଲ ଚନ୍ଦନ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସରପଞ୍ଚମାନେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିଖରପୁର ଉଚ୍ଚ ବିଦ୍ୟାଳୟର ଆଲୁମ୍‌ନି କମିଟିର ସଭାପତି ତଥା ପୂର୍ବତନ ସରପଞ୍ଚ ନବକିଶୋର ସାହୁ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଏବଂ ସମସ୍ତ ଶିକ୍ଷକ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ଆଦର୍ଶ ବିଦ୍ୟାଳୟରେ ଜିଲାପାଳ

**ନୟାଗଡ଼ ଅଫିସ,୨୯।୭:** ନୟାଗଡ଼ ବ୍ଲକ ନୋତରସ୍ଥିତି ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ଜିଲାପାଳ ପୋମା ଟୁଡୁ ଅନୁଧ୍ୟାନରେ ଯାଇଥିଲେ। ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ସମ୍ପୃକ୍ତ ସ୍କୁଲ ଭଲ ରେଜଲ୍ଟ କରିବା ଓ ସ୍କୁଲର ଛାତ୍ରୀଛାତ୍ର ରାଜ୍ୟ ଟପ୍ପର ହେବା ପରେ ଜିଲାପାଳ ସନ୍ତୋଷ ବ୍ୟକ୍ତ କରିଛନ୍ତି। ପାଠପଢ଼ାର ଗୁଣବତ୍ତା ବଢ଼ାଇବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ମନ ଦେଇ ପାଠ ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଛନ୍ତି।



ଜିଲାପାଳ ଆଦର୍ଶ ବିଦ୍ୟାଳୟ ବୁଲି ଦେଖୁଛନ୍ତି।

## ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଆନ୍ଦୋଳନ

**ନୟାଗଡ଼ ଅଫିସ,୨୯।୭**

ନୟାଗଡ଼ ଜିଲା ଗୋଡିପଡା ସର୍ଦାର ପଟେଲ ବିଦ୍ୟାପୀଠରେ ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଶୁକ୍ରବାର ଆନ୍ଦୋଳନ ହୋଇଥିଲା। ଏଠାରେ ଦୁଇ ଶିକ୍ଷକ ପଦୋନ୍ନତି ପରେ ରିଲିଭ ହୋଇଗଲେ। ହେଲେ ନୂଆ ଶିକ୍ଷକ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଏଣୁ ସ୍କୁଲକୁ ଶିକ୍ଷକ ଯୋଗାଇବା ଦାବିରେ ଛାତ୍ରୀଛାତ୍ର ଆନ୍ଦୋଳନରେ ବସିଥିଲେ। ଛାତ୍ରୀଛାତ୍ର ପ୍ରଥମେ ସ୍କୁଲର ମଧ୍ୟାହ୍ନ ଭୋଜନର ଅବ୍ୟବସ୍ଥା ନେଇ ଆନ୍ଦୋଳନକୁ ଓହ୍ଲାଇ ଥିଲେ। ପରେ ମୂଳ ଦାବିକୁ ଭୁଲି ଯାଇ ଶିକ୍ଷକଙ୍କ ବଦଳି ପ୍ରତିବାଦରେ ନାରା ଦେଇଥିଲେ। ଏଣୁ କେତେଜଣ ଲୋକ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନକୁ ଭଣ୍ଡୁର କରି ପ୍ରତ୍ୟାହାର କରିବାକୁ ଚାପ ପକାଇ ଥିଲେ।

## ନୂତନ ଡାକଘର ଖୋଲିବାକୁ ଦାବି

**ଖଣ୍ଡପଡ଼ା,୨୯।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡ଼ା ପଞ୍ଚାୟତ ଅଞ୍ଚଳରେ ନୂତନ ଡାକଘର (ପୋଷ୍ଟ ଅଫିସ) ଖୋଲିବାକୁ ଖଣ୍ଡପଡ଼ା ବିକାଶ ମଞ୍ଚ ପକ୍ଷରୁ ନୟାଗଡ଼ ଜିଲା ଡାକ ବିଭାଗର ଜିଲା ଅଧୀକ୍ଷକଙ୍କୁ ଶୁକ୍ରବାର ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବୁଢାଝରି, ନୂଆପଲ୍ଲୀ, ସେରେଣ୍ଡା, ବଡଝର, ଟିକିରିବାରି, ଗିରିଡିପଲ୍ଲୀ, କନ୍ଧ ନୂଆଗାଁ, କୁରୁଣୀସିରା ଓ ସମ୍ବରବିନ୍ଧା ଗ୍ରାମ ସମୂହ ଆଦିବାସୀ ଅଧ୍ୟୁଷିତ ସିଂଘାପଡା ପଞ୍ଚାୟତର ଡାକଘର ଅଧୀନରେ ଯାଉଛି। ମାତ୍ର ଡାକଘରଟି ଉପରୋକ୍ତ ପ୍ରତି ଗ୍ରାମରୁ ପ୍ରାୟ ୮ରୁ୧୦ କିମି ଦୂରରେ ଅବସ୍ଥିତ। ଗ୍ରାମଗୁଡିକ ପରସ୍ପରଠାରୁ ଓ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରୁ ଦୂରରେ ଅବସ୍ଥିତ। ପାହାଡିଆ ତଥା ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବିଶେଷକରି ଯାତାୟାତ ରାସ୍ତାଗୁଡିକ ବନ୍ଧୁର ଥିବା କାରଣରୁ ସମ୍ପ୍ରତି ପୋଷ୍ଟ ଅଫିସ ଦ୍ୱାରା ମିଳୁଥିବା ବ୍ୟାପକ ସୁବିଧା ସୁଯୋଗ ଯଥା ଆଧାର କାର୍ଡ, ପ୍ୟାନ କାର୍ଡ, ବ୍ୟାଙ୍କ ଖାତା ଖୋଲିବା ପାଇଁ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହିସବୁ କାରଣକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ବିକାଶ ମଞ୍ଚର ଆବାହକ ଅଭିଳାଷ ପଣ୍ଡାଙ୍କ



ନେତୃତ୍ୱରେ ଭାଜପା ମଣ୍ଡଳ ସଭାପତି ଭରତ ବିଶ୍ୱାଳ, ଲୋଚନ ମୁଦୁଲି, ନିରଞ୍ଜନ ପ୍ରଧାନ, ସଚ୍ଚିଦାନନ୍ଦ ମୁଦୁଲି ପ୍ରମୁଖ ଡାକ ବିଭାଗ ଜିଲା ଅଧୀକ୍ଷକ ଖଗେଶ୍ୱର ମଲ୍ଲିକଙ୍କୁ ସାକ୍ଷାତ କରି ଶତାଧିକ ନାଗରିକଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ସରଜମିନ ତଦନ୍ତ ପରେ ନୂଆ ଡାକଘର ପ୍ରତିଷ୍ଠା କରାଯିବ ବୋଲି ମଲ୍ଲିକ ଆଶ୍ୱାସନା ଦେଇଥିବା ଜଣାଯାଇଛି।

# ଆନ୍ଦୋଳନ ପରେ ସମବାୟ ସମ୍ପାଦକ ଥାନାରେ ଅଟକ

**ନୟାଗଡ଼ ଅଫିସ,୨୯।୭**

■ହାତରେ ବିଷ ବୋତଲ ଧରି ଚାଷୀଙ୍କ ବିକ୍ଷୋଭ ଘଟଣା
■୧୯ ଚାଷୀ ପାଇନାହାନ୍ତି ୧୭ ଲକ୍ଷ ଧାନ ଟଙ୍କା

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କଳଓଖମଣ ସମବାୟ ସମିତିରେ ଚାଷୀ ଧାନ ବିକ୍ରି କରିବାର ୬ ମାସ ପରେ ବି ପ୍ରାପ୍ୟ ପାଇ ନାହାନ୍ତି। ଏଠାର ସମିତିରେ ୧୯ ଚାଷୀଙ୍କର ୧୭ ଲକ୍ଷ ଟଙ୍କା ଧାନ ବିକ୍ରି ଅର୍ଥ ହଡପ ହୋଇଛି। ଧାନ ଟଙ୍କା ପାଇଁ ଜିଲାପାଳ, ଉପଜିଲାପାଳ, ଏଆରସିଏସ୍, ସିଏସ୍‌ଓ ଅଫିସକୁ ଦୌଡି ଦୌଡି ନିରାଶ ହେବା ପରେ ଗତ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାତରେ ବିଷ ବୋତଲ ଧରି ଚାଷୀ ବିକ୍ଷୋଭ କରିଥିଲେ। ଟଙ୍କା ନ ମିଳିଲେ ବିଷ ପିଇ ଆତ୍ମହତ୍ୟା କରିବାକୁ ଚାଷୀ ଧମକ ଦେଇଥିଲେ। ତେବେ ଜିଲାପାଳଙ୍କୁ ନ ପାଇ ଚାଷୀ ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଗାନ୍ଧୀ ମୂର୍ତ୍ତି ତଳେ ପୁଣି ଧାରଣା ଦେଇଥିଲେ। ଘଟଣାସ୍ଥଳକୁ ଉପଜିଲାପାଳ, ନୟାଗଡ଼ ତହସିଲଦାର, ଏଆରସିଏସ, ଜିଲାପାଳ ଓ ପୋଲିସ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ସହ ଅତିଶୀଘ୍ର ସେମାନଙ୍କ ପ୍ରାପ୍ୟ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ ସମ୍ପାଦକଙ୍କ ନାଁରେ ମାମଲା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନ ପ୍ରତିଶ୍ରୁତି ରକ୍ଷା କରି ସୋଇସାଇଟିର ସମ୍ପାଦକ ରଘୁନାଥ ମହାକୁଡଙ୍କ ବିରୋଧରେ ଏତଲା ଦେବା ପରେ ବାଣିଗୋଛା ଥାନା ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷେ ୧୯ ଚାଷୀଙ୍କୁ ଡକାଇ ଘଟଣାର ତଦନ୍ତ କରୁଛି। ତେବେ ଚାଷୀ ତାଙ୍କ ୧୭ ଲକ୍ଷ ଟଙ୍କା ପାଇ ନାହାନ୍ତି। ଏ ନେଇ ପୁଟିବାରର ଚାଷୀ ବବିତା ଗୌଡ, ଜଗଦୀପ ଦେଉରୀ, ସୁରେନ୍ଦ୍ର ଦିହୁଡି, କୃଷ୍ଣଚନ୍ଦ୍ର ଜାନି କୁହନ୍ତି, ଟଙ୍କା ନ ପାଇଲେ ଆମେ ନୀରବ ରହିବୁନି। ବିଷ ପିଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆତ୍ମାହୂତି ଦେବୁ। ପ୍ରଶାସନ କ'ଣ ପଦକ୍ଷେପ ନେଉଛି ଆମେ ଅନୁଧ୍ୟାନ କରୁଛୁ ବୋଲି କହିଛନ୍ତି।

**ଦୁଇ ନିଲମ୍ବିତ ସମ୍ପାଦକଙ୍କୁ ଅନୁକମ୍ପା**

ପ୍ରଶାସନ ଦୁଇ ନିଲମ୍ବିତ ସମବାୟ ସମିତି ସମ୍ପାଦକଙ୍କୁ ଅନୁକମ୍ପା ଦେଖାଉଥିବା ଅଭିଯୋଗ ରହିଛି। ଚାଷୀ ଆନ୍ଦୋଳନର ୨ୟ ଦିନ ପରେ କଳସଖମଣ ସମବାୟ ସମିତି ସମ୍ପାଦକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏଆରସିଏସ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ମକଦ୍ଦମା କରି ତଦନ୍ତ ଆରମ୍ଭ କରିଛି। ତେବେ ଇଟାମାଟି ସମବାୟ ସମିତିର ନିଲମ୍ବିତ ସମ୍ପାଦକ ରବୀନ୍ଦ୍ର ପ୍ରଧାନଙ୍କ ବିରୋଧରେ ପ୍ରଶାସନ ନୀରବତା ଅବଲମ୍ବନ କରୁଛି। ଧାନ କିଣାବିକାରେ ଅନିୟମିତତା କାରଣରୁ ରାଜ୍ୟ ସମବାୟ ସଚିବଙ୍କ ନିର୍ଦ୍ଦେଶରେ ଇଟାମାଟି ଥାନାରେ ଠକେଇ ମାମଲା ନଂ. ୪୩/୨୩।୨।୨୨ରେ ରୁଜୁ ହୋଇଥିଲା। ମାମଲା ରୁଜୁ ହେବାର ୫ ମାସ ପରେ ବି ପୋଲିସ ଚୁପ ହୋଇ ବସିଛି। ନିଲମ୍ବିତ ସମ୍ପାଦକ ଘରେ ରହୁଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ରହିଛି। ସେହିପରି ଜେମାଦେଇପୁରପାଟଣା ସମବାୟ ସମିତି ସମ୍ପାଦକ ଅଲେଖ ପ୍ରଧାନ ୪ ଥର ନିଲମ୍ବିତ ହୋଇ ସାରିଲେଣି। ଅଲେଖଙ୍କ ବିରୋଧରେ ନୟାଗଡ଼ ସଦର ଥାନାରେ ୪୧/୨୨।୩।୨୨ରେ ଠକେଇ ମାମଲା ହୋଇଛି। ହେଲେ ପୋଲିସ ସମ୍ପୃକ୍ତ ନିଲମ୍ବିତ ସମ୍ପାଦକଙ୍କୁ ଗିରଫ କରୁନାହିଁ ବୋଲି ଅନୁରୂପ ଅଭିଯୋଗ ହୋଇଆସୁଛି।

**ନୟାଗଡ଼ରେ ସବୁ ସମ୍ଭବ**

ନୟାଗଡ଼ରେ ପୋଖରୀ, ଗାଡିଆ, ପଡିଆ, ନଦୀ, କାଜୁ ବଗିଚା, ଜଙ୍ଗଲ, ଦେବୋତ୍ତର ଜମି, ସିନେମା ହଲ ଭିତରେ ଧାନ ଚାଷ ହେଉଥିବା ଜିଲାର ବିଭିନ୍ନ ସମିତିର ଧାନ କିଣାରୁ ଜଣାପଡିଛି। ଜିଲାରେ ୨୦୧୭ରୁ ଏପରି ଦୁର୍ନୀତି ଚାଲିଛି। ଜାଲ ଚାଷୀଙ୍କ ନାଁ ଦେଖାଇ କୋଟି କୋଟି ଟଙ୍କା ହଡପ ଚାଲିଛି। ନୟାଗଡ଼ ଧାନ କିଣା ଦୁର୍ନୀତିର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ ଦାବି କରିଛନ୍ତି। ଅନ୍ୟପକ୍ଷେ କେତେଜଣ ଧାନ ଚାଷୀ ନାଁ ଗୋପନ ରଖି କହିଛନ୍ତି, ନୟାଗଡ଼ ଜିଲାରେ ଚାଲିଥିବା ଧାନ କିଣା ଦୁର୍ନୀତିର ତଦନ୍ତ ଠିକ୍‌ରେ କରାଯାଉ ନ ଥିବାରୁ ଧୀରେ ଧୀରେ ଏହା ବଢ଼ି ଚାଲିଛି। ପ୍ରତିବର୍ଷ ଚାଷୀ ଧାନ ବିକ୍ରି କରି ଟଙ୍କା ପାଉନାହାନ୍ତି। ଏଣୁ ଧାନର ଅଭାବି ବିକ୍ରିକୁ ସରକାରଙ୍କର ତ୍ରୁଟିପୂର୍ଣ୍ଣ ଧାନ କିଣା ପ୍ରୋତ୍ସାହନ ଯୋଗାଉଛି ବୋଲି କହିଛନ୍ତି।

# ୫.୨୭ କୋଟିର ରାସ୍ତା କ୍ଷତିଗ୍ରସ୍ତ

**ଯାଜପୁର ଜିଲ୍ଲା**

■ ମେଗା ଜଳଯୋଗାଣ ପ୍ରକଳ୍ପରେ ମନମାନି ପାଇପ୍ ବିଛା

ଯାଜପୁର ଅଫିସ,୨୯।୭

ରାଜ୍ୟରେ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପର ପାଇପ୍ ବିଛା କାର୍ଯ୍ୟରେ ଗ୍ରାମ୍ୟ ନିର୍ମାଣ ବିଭାଗର ବ୍ୟାପକ ରାସ୍ତା ନଷ୍ଟ ହୋଇଛି। ସମ୍ପୃକ୍ତ ଠିକାସଂସ୍ଥାଗୁଡିକର ମନମାନି ସମେତ ଆଇନ ଅନୁଯାୟୀ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ), ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଏମ୍‌ଏମ୍‌ଏସ୍‌ୱାଇ) ଆଦିରେ ୧୬୯୩ ପ୍ରକଳ୍ପରେ ୩୮୯୭ କି.ମି. ଲମ୍ବ ପର୍ଯ୍ୟନ୍ତ ରାସ୍ତା ନଷ୍ଟ ହୋଇଥିବା ଆକଳନ କରାଯାଇଛି। ଏହିକ୍ରମରେ ସମୁଦାୟ ୯୧ କୋଟି ୩ ଲକ୍ଷ ଟଙ୍କା କ୍ଷତି ହୋଇଥିବା ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି। ସେଥିମଧ୍ୟରୁ ଯାଜପୁର ଜିଲାରେ ୧୨୬ ପ୍ରକଳ୍ପରେ ୧୯୫ କିମି ରାସ୍ତାରେ ୫ କୋଟି ୨୭ ଲକ୍ଷ ଟଙ୍କା କ୍ଷତିଗ୍ରସ୍ତ ହୋଇଥିବା ଆକଳନ କରାଯାଇଛି। ଏନେଇ କେତେକ କ୍ଷେତ୍ରରେ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ବିରୋଧରେ ଥାନାରେ ମାମଲା ରୁଜୁ କରାଯାଇଥିବା ଜଣାପଡିଛି। ଏଥିରୁ ରାଜ୍ୟ ସରକାରଙ୍କ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହିଥିବା ସ୍ପଷ୍ଟ ମନେ ହେଉଛି। ରାଜ୍ୟରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬,୬୭୬ କୋଟି ଟଙ୍କାର ୯୦ ମେଗା ପାଇପ ଜଳ ଯୋଗାଣ(ପିଡବ୍ଲ୍ୟୁଏସ୍) ପ୍ରକଳ୍ପ ୬ଟି ଯୋଜନାରେ କାର୍ଯ୍ୟକାରୀ ହେଉଛି। ସେଥିମଧ୍ୟରୁ ଯାଜପୁର ଜିଲାରେ ୮ ପ୍ରକଳ୍ପ ରହିଛି। ଏଥିରେ ସୁକିନ୍ଦା, ବଡ଼ଚଣା, ଧର୍ମଶାଳା, ରସୁଲପୁର, ଦଶରଥପୁର, ବିଞ୍ଝାରପୁର ଓ ଯାଜପୁର ବ୍ଲକ ଅଞ୍ଚଳବାସୀ ସ୍ୱଚ୍ଛ ପାନୀୟ ଜଳ ପାଇବେ ବୋଲି ନିର୍ଦ୍ଧାରଣ ହୋଇଛି। ଏହିସବୁ ପ୍ରକଳ୍ପ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିରୀକ୍ଷଣରେ ୨୦୧୬ରୁ ରାଜ୍ୟ ବାହାରର ଠିକାସଂସ୍ଥାଗୁଡ଼ିକ ସହ ଚୁକ୍ତି ହୋଇଥିଲେ ହେଁ ତାହା ଏଯାଏ ଲୋକଙ୍କ କାମରେ ଆସିପାରିନାହିଁ। ଅନ୍ୟପକ୍ଷେ ପୂର୍ବରୁ ସୁକିନ୍ଦା ପ୍ରକଳ୍ପରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇଥିବା ନେଇ ଇଞ୍ଜିନିୟର୍ସ ଅଥରିଟି ପକ୍ଷରୁ ଚିହ୍ନଟ ହୋଇସାରିଛି। କେତେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଥିଲେ ହେଁ ନିର୍ଦ୍ଧାରିତ ଗ୍ରାମକୁ ପାନୀୟ ଜଳ ପହଞ୍ଚି ପାରି ନ ଥିବା ଅଭିଯୋଗ ହେଉଛି। ଜିଲାର ବିଞ୍ଝାରପୁର ଓ ଯାଜପୁର ବ୍ଲକ ପାଇଁ ନିର୍ମାଣାଧୀନ ମେଗା ପ୍ରକଳ୍ପର ଇନ୍‌ଟେକ୍ ୱେଲ୍ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବାରୁ ପୁନଃ ଆବଶ୍ୟକ କାର୍ଯ୍ୟ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଥିଲା। ଏଭଳି ଅନେକ ଅନିୟମିତତା କାରଣରୁ ମେଗା ଜଳଯୋଗାଣ ପ୍ରକଳ୍ପ ଲୋକଙ୍କ ଦୀର୍ଘସମୟ ପର୍ଯ୍ୟନ୍ତ କାର୍ଯ୍ୟରେ ଲାଗିବ ବୋଲି ସଂଶୟ ସୃଷ୍ଟି କରିଛି। ଏହାସହ ଗ୍ରାମ୍ୟ ରାସ୍ତା ନଷ୍ଟ ହେଉଥିବା ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ଠିକା ସଂସ୍ଥା ବିନା ଅନୁମୋଦନରେ ଜିଲାର ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ୫୭ଟି ରାସ୍ତାକୁ ପାଇପ ବିଛା କାର୍ଯ୍ୟରେ ନଷ୍ଟ କରି ଦେଇଛନ୍ତି। ଏଥିରେ ବଳଦା-ଜୟନ୍ତରା, ଝୁମ୍ପୁରି-ପାଟପୁର, ମଲ୍ଲିକାପୁର-ପାଟସାହି, ଆରଡି ରୋଡ୍-ଦଉପୁର, ପିଡବ୍ଲୁଡି ରାସ୍ତା-ସିଦ୍ଧେଶ୍ୱର, ସସୁଆଁ-ଇଶ୍ୱରପୁର, ଅହିୟାସ-କମଳପୁର, କୟାଁ-ଇଚ୍ଛାପୁର ଇତ୍ୟାଦି ରାସ୍ତା ରହିଛି। ଏହା ବିରୋଧରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଦଶରଥପୁର ସେକ୍ସନ ପକ୍ଷରୁ ମଙ୍ଗଳପୁର ଥାନାରେ ଏକ ଏଫଆଇଆର ରୁଜୁ ମଧ୍ୟ ହୋଇଛି। ତେବେ ଏହି ଏଫଆଇଆର ଲୋକ ଦେଖାଣିଆ ବୋଲି କୁହାଯାଉଛି। ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ବହୁ ପ୍ରଭାବଶାଳୀ ଅଣଓଡ଼ିଆ ଠିକାସଂସ୍ଥା ନିଯୁକ୍ତି ହୋଇଥିବାରୁ ଯେତେ ଅନିୟମିତତା ହେଲେ ବି କୌଣସି ଧାର ଧରୁ ନାହିଁ ବୋଲି ମତପ୍ରକାଶ ପାଇଛି। ତେବେ ଏହାର ପ୍ରତିକାର ପାଇଁ ରାଜ୍ୟ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଭିନ୍ନ ସମୟରେ ସମ୍ପୃକ୍ତ ଅଧିକାରୀ ଏବଂ ଠିକାସଂସ୍ଥାଗୁଡ଼ିକୁ ପତ୍ର ଲେଖି ଚୁକ୍ତି ଅନୁସାରେ ପାଇପ୍ ବିଛା କାର୍ଯ୍ୟ କରିବାକୁ ତାଗିଦ କରିଛନ୍ତି। ହେଲେ ତାହା ବି ଏଯାଏ ପାଳନ ହେଉ ନ ଥିବା ଚର୍ଚ୍ଚା ହେଉଛି।



ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳାଯାଇଛି।

## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗ: ଯୁବକ ଗିରଫ

**ବିଞ୍ଝାରପୁର,୨୯।୭(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ନାବାଳିକାଙ୍କୁ ତାଙ୍କ ପରିବାର ଜିମା ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଧୀନ ସିଂହପୁର ଗ୍ରାମର ଶ୍ରୀକାନ୍ତ ବେହେରା(୨୨)। ଅନ୍ୟପଟେ ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗିରହିଛି। ନାବାଳିକା ଗତ ୨୨ ତାରିଖ ରାତିରେ ବାହାରକୁ ଉଠିଥିବା ବେଳେ ପୂର୍ବରୁ ଲୁଚିରହିଥିବା ଅଭିଯୁକ୍ତ ନାବାଳିକାଙ୍କ ପାଟିରେ କପଡା ଦେଇ ତାଙ୍କୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ମା' ୨୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ରଞ୍ଜିତ ମହାନ୍ତି ଅଭିଯୁକ୍ତଙ୍କ ମୋବାଇଲ ନଂ. ଟ୍ରାକିଂକରି ଜାଣିବାକୁ ପାଇଲେ ଯେ, ଅଭିଯୁକ୍ତ ଭୁବନେଶ୍ୱର ରେଳ ଷ୍ଟେସନରେ ଅଛନ୍ତି। ତେଣୁ ଥାନା ପକ୍ଷରୁ ଘଟଣା ସମ୍ପର୍କରେ ଭୁବନେଶ୍ୱର ରେଲୱେ ପୋଲିସକୁ ଅବଗତ କରାଯାଇଥିଲା। ଫଳରେ ରେଲୱେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବାସହ ଅଭିଯୁକ୍ତ ବେହେରାଙ୍କୁ ଧରି ବିଞ୍ଝାରପୁର ପୋଲିସ ଜିମା ଦେଇଥିଲା। ବିଞ୍ଝାରପୁର ପୋଲିସ ଅଭିଯୁକ୍ତଙ୍କୁ ଆଣି ଅଧିକ ପଚରାଉଚରା କରିବାସହ ଡାକ୍ତରୀ ମଇନା କରାଇଥିଲା। ଏନେଇ ଥାନାରେ ନଂ.୪୪୫/୨୨ରେ ଏକ ମାମଲା ରୁଜୁ ହୋଇଛି।

### ମୋବାଇଲ ଚୋରି ଅଭିଯୋଗରେ ୮ ଗିରଫ

**କଳିଙ୍ଗନଗର,୨୯।୭(ଡି.ଏନ.ଏ.):** ମୋବାଇଲ ଫୋନ୍ ଚୋରି ଅଭିଯୋଗରେ କଳିଙ୍ଗନଗର ପୋଲିସ ୮ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କଳିଙ୍ଗନଗର ଥାନା ଡୁବୁରୀ ଖଣ୍ଡିଆସାହିର ଚଗୁଲୁ ବେହେରା (୩୧), ସୁଶାନ୍ତ ଦାସ ଓରଫ କାଲୁ (୨୩), ଡୁବୁରୀ ହାଟପଡିଆ ନିକଟର ବାଦଲ ଦାସ(୧୮), ଡୁବୁରୀ ମେଡିକାଲ ସାହିର ମହେଶ୍ୱର ବେହେରା (୨୩), ଡୁବୁରୀ ମଙ୍ଗଳା ସାହିର ମଣ୍ଟୁ ବେହେରା(୨୮), ଟମକା ଥାନା ଜେମାଦେଇପୁର ଶାସନ ଗ୍ରାମର ଦୀପକ କୁମାର ଜେନା (୨୬), କଳିଙ୍ଗନଗର ଥାନା ଡୁବୁରୀ ଅଞ୍ଚଳର କୃଷ୍ଣ ସ୍ୱାଇଁ (୨୯) ଓ କୁଆଖିଆ ଥାନା ଖୋସାଲିପୁର ଗ୍ରାମର ଶ୍ରୀକାନ୍ତ ସାହୁ ଓରଫ ଚଗୁଲୁ (୨୮)। ଏନେଇ ଥାନାରେ ନଂ.୧୫୮/୨୨ରେ ଏକ ମାମଲା ରୁଜୁ ହୋଇଛି। ୭ ଅଭିଯୁକ୍ତ ଗୁରୁବାର ଡୁବୁରୀ ହାଟରେ ଚୋରି ମୋବାଇଲ ବିକ୍ରି କରିବାକୁ ଚେଷ୍ଟା କରିଥିଲେ। ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସାଦା ପୋଷାକରେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ୧୦ଟି ମୋବାଇଲ ହ୍ୟାଣ୍ଡସେଟ ଜବତ କରାଯାଇଛି। ମୋବାଇଲ ଗୁଡିକୁ ବିକ୍ରି ଉପଯୋଗୀ କରିବା ଦିଗରେ ସେମାନଙ୍କୁ ଶ୍ରୀକାନ୍ତ ସହଯୋଗ କରୁଥିଲେ। ଡୁବୁରୀ ବଜାରସେ ରେ ପପୁ ମୋବାଇଲ ନାମରେ ଏକ ମୋବାଇଲ ମରାମତି ଦୋକାନ କରିଥିଲେ। ଅଭିଯୁକ୍ତ ଯେଉଁ ମୋବାଇଲ ଆଣୁଥିଲେ ସେଗୁଡ଼ିକ ଫର୍ମାଟ କରି ଡାଟା ନଷ୍ଟ କରିବା ପରେ ମୋବାଇଲ ଗୁଡିକ ଅନ୍ୟତ୍ର ବିକ୍ରି ହେଉଥିଲା।

## ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ସମ୍ବର୍ଦ୍ଧନା ସଭା



ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ବଡ଼ଚଣା,୨୯।୭(ଡି.ଏନ.ଏ.)

ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ନବମାଳତି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପିକା ସୁକେଶିନୀ ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ର ଜୀବନକୁ ସରସ ସୁନ୍ଦର କରି ଘଡି ତୋଳିବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଓ ପ୍ରଥମ ବର୍ଷର ଛାତ୍ରୀଛାତ୍ର ବଡ଼ ଭଉଣୀଭାଇଙ୍କ ପଦାଙ୍କ ଅନୁସରଣ କରି କଲେଜକୁ ଏକ ଆଦର୍ଶ କଲେଜରେ ପରିଣତ କରିବା ସହ ସେମାନଙ୍କ ନୀତି, ଆଦର୍ଶ ଓ ଶୃଙ୍ଖଳାରେ ଅନୁପ୍ରାଣିତ ହେବାପାଇଁ ଶପଥ ନେଇଥିଲେ। ପରେ ବିଭାଗର ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ରାଉତରାୟ, ଅଧ୍ୟାପକ ବିଜୟ କେତନ ସାମଲ, ବିରଞ୍ଚି କୁମାର ନାୟକ, ଅଧ୍ୟାପିକା ଉଲିନ୍‌ବାଳା ସାମଲ ପ୍ରମୁଖ ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଛାତ୍ରୀଛାତ୍ର ନିଜର ଅଧ୍ୟବସାୟ, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ସହ କାର୍ଯ୍ୟକରି ଦେଶ, ଜାତି, ଭାଷା, ସାହିତ୍ୟ ଓ ସଂସ୍କୃତିର ଉନ୍ନତି କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ବିରଞ୍ଚି କୁମାର ନାୟକ ଧନ୍ୟବାଦ ଦେଇଥିଲେ। ବିଦାୟୀ ଛାତ୍ରୀଛାତ୍ରଙ୍କୁ ବର୍ତ୍ତମାନର ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ଦେବା ସମୟରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

## ଦୁର୍ଘଟଣାରେ ମୃତ ଗାଈର ସତ୍କାର

ପାଣିକୋଇଲି,୨୯।୭(ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଓଭରବ୍ରିଜ ଉପରେ ଦୁର୍ଘଟଣାରେ ଏକ ଗାଈର ମୃତ୍ୟୁ ହେବାପରେ ତାର ସତ୍କାର କରାଯାଇଛି। ଗାଈର ମାଲିକ ବା ଦାବିଦାର କେହି ନ ଆସିବାରୁ ଆମେ ବିପଦରେ ସାଥି ସଦସ୍ୟ ପହଞ୍ଚି ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ରାଜପଥ କର୍ତ୍ତୃପକ୍ଷ ଏକ ଜେସିବି ମେଶିନ ପଠାଇଥିଲେ। ଉକ୍ତ ମେଶିନ ସାହାଯ୍ୟରେ ଗାଈ ମୃତଦେହ ନିଆଯାଇ ସତ୍କାର କରାଯାଇଥିଲା।



## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଅଧିକାରୀ।

ଯାଜପୁର ରୋଡ,୨୯।୭(ଡି.ଏନ.ଏ.)

ବ୍ୟାସନଗର ପୌର ପରିଷଦ ସଭାଗୃହ ଠାରେ ଶୁକ୍ରବାର ୭୫ ବର୍ଷ ପୂର୍ତ୍ତି ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ସୁଭାଷ ଚନ୍ଦ୍ର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପରିଷଦର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ତହସିଲଦାର ଅଶୋକ ମାଝୀ, ଯାଜପୁର ରୋଡ୍ ଥାନା ଭାରପ୍ରାପ୍ତ ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ଯାଜପୁର ରୋଡ ଅଗ୍ନି ସେବା ଶମ ଅଧିକାରୀ ପ୍ରଭାକର ସାହୁ, ଯାଜପୁର ରୋଡ୍ ସିଏଚ୍‌ସିର ମେଡିକାଲ ଅଫିସର ସନ୍ତୋଷ କୁମାର ପୃଷ୍ଟି ଏବଂ ବ୍ୟାସନଗର ସ୍ୱୟଂ ଶାସିତ କଲେଜ ସମେତ ୨୦ ବିଦ୍ୟାଳୟର ପ୍ରତିନିଧି ଉପସ୍ଥିତ ଥିଲେ। ଷ୍ଟାଡିୟମରେ ମିଳିତ ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ପୋଲିସକୁ ଆକ୍ରମଣ ଘଟଣାରେ ୭ ମହିଳା ଗିରଫ

ଯାଜପୁର ଟାଉନ,୨୯।୭(ଡି.ଏନ.ଏ.)

ଯାଜପୁର ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣ ବାଛପୁର ଗ୍ରାମରେ ବୈରୀ ପୋଲିସକୁ ଆକ୍ରମଣ ଘଟଣାରେ ଯାଜପୁର ସଦର ପୋଲିସ ୭ଜଣ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯାଜପୁର ଜିଲା ବୈରୀ ଥାନାରେ କେଶ୍ ନଂ.୧୦୪/୨୨ରେ ଏକ ଚୋରି ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ ପାଇଁ ଶ୍ୟାମଦାସପୁର ପଞ୍ଚାୟତ ବ୍ରାହ୍ମଣବାଛପୁର ଗ୍ରାମକୁ ପୋଲିସ ଆସି ଗ୍ରାମର ଶ୍ୟାମସୁନ୍ଦର ବାରିକଙ୍କ ଘରେ ଚଢ଼ାଉ କରିଥିଲା। ଶ୍ୟାମସୁନ୍ଦର ତାଙ୍କ ଘର ସାମ୍ନାରେ ଥିବା ଜଗବନ୍ଧୁ ଦାସଙ୍କ ଘରେ ରହିଥିବା ଜାଣି ପୋଲିସ ସେଠାକୁ ଯିବାବେଳେ ଗ୍ରାମର ୨୫/୩୦ ଜଣ ପୁରୁଷ ଓ ମହିଳା ଲାଠି, ଭୁଜାଲି, ଲୁହାରଡ୍, ଇଟା ଓ ପଥର ଧରି ହଠାତ୍ ପୋଲିସ ଉପରେ ଆକ୍ରମଣ କରିବା ସହ ଗାଳିଗୁଲଜ କରିଥିଲେ। ଏଥିସହିତ ପୋଲିସ ଗାଡି ଉପରେ ଆକ୍ରମଣ କରିଥିଲେ ବୋଲି ବୈରୀ ଥାନା ଏସ୍‌ଆଇ ଜହର ଆବେଦିନ୍ ଯାଜପୁରସଦର ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଯାଜପୁର ସଦର ପୋଲିସ ନଂ.୨୦୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ଜଡିତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସଦର ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ସୂଚନା ଦେଇଛନ୍ତି।

## ରାମଚନ୍ଦ୍ର ସାହୁଙ୍କ ସ୍ମୃତିଚାରଣ ସଭା

ରସୁଲପୁର,୨୯।୭(ଡି.ଏନ.ଏ.)



ସ୍ମୃତିଚାରଣ ସଭାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚ ପଞ୍ଚାୟତ ଗୋପୀନାଥପୁରର ଗାଁ ମୁରବି ରାମଚନ୍ଦ୍ର ସାହୁଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଜିତେନ୍ଦ୍ର କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବହୁ ବକ୍ତା ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହ ତାଙ୍କ ସମାଜସେବା କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାମଚନ୍ଦ୍ର ସାମାଜିକ ସଂସ୍କାରର ମଙ୍ଗୁଆଳ ଥିଲେ। ସମାଜରେ ଶିକ୍ଷାର ଅଗ୍ରଗତି ପାଇଁ ପ୍ରୟାସ କରୁଥିଲେ। ଗାଁରେ ମନ୍ଦିର ନିର୍ମାଣ ହେଉ ଅବା ମଶାଣିରେ ଶବଦାହ ପର୍ଯ୍ୟନ୍ତ ସମସ୍ତ ସାମାଜିକ କାର୍ଯ୍ୟର ନେତୃତ୍ୱ ନେଉଥିଲେ। ଏପରି କି ଗାଁରେ ଉପୁଜୁଥିବା ସମସ୍ୟାର ସମାଧାନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ସଭାରେ ଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଶିକ୍ଷକ ବିଭୂତିଭୂଷଣ ପାଳ, ଶିକ୍ଷାବିତ୍ ବେଣୁଧର ଦୋବାଇ, କୈଳାସ ଚନ୍ଦ୍ର ନାୟକ, ଶ୍ରୀଧର ସାହୁ, ଆଦିକନ୍ଦ ମଲ୍ଲିକ, କୀର୍ତ୍ତନ ବିହାରୀ ସାହୁ, ଦଳିତ ନେତା ଗୟାଧର ମଲ୍ଲିକ, ପୂର୍ବତନ ସରପଞ୍ଚ ଗୋଲକ ମଲ୍ଲିକ, ନାରାୟଣ ଜେନା, ଅମୂଲ୍ୟ କୁମାର ଦାସ, ବିଶ୍ୱଜିତ ମହାନ୍ତି, ପ୍ରଦୀପ କୁମାର ସାମଲ, ସୁଧାଂଶୁ ଭୂଷଣ ମିଶ୍ର, କୈଳାସ ରାଉତ ଓ ବଦ୍ରିନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ତାଙ୍କ ପୁଅ ସୁନାକର, ଅଶୋକ ଓ ସମ୍ପର୍କୀୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ୧୧୮ତମ ଜୟନ୍ତୀ



ଜେଆରଡି ଟାଟାଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଳିଙ୍ଗନଗର,୨୯।୭(ଡି.ଏନ୍.ଏ.)

ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ୧୧୮ତମ ଜୟନ୍ତୀ ପାଳନ କରାଯାଇଛି। ବ୍ରାହ୍ମଣୀପାଳ ହାଉସିଂ କମ୍ପ୍ଲେକ୍ସଠାରେ ୫ କି.ମି. ଟାଟା ଷ୍ଟିଲ୍ କଳିଙ୍ଗନଗର ରନ୍-ଏ-ଥନ୍ ସହିତ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଏଥିରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ୩୦୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଏହି ଦୌଡ଼ ଆରମ୍ଭ ହେବା ପୂର୍ବରୁ ଜେଆର୍‌ଡି ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଫଳତାର ସହ ଦୌଡ଼ ଶେଷ ହେବା ପରେ ଅଂଶଗ୍ରହଣକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କାରଖାନା ପରିସରରେ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଓଡ଼ିଶା ବ୍ଲଡ୍ ସେଣ୍ଟର ସହଯୋଗରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ ପକ୍ଷରୁ ଟାଟା ମେଡିକା ହସ୍ପିଟାଲରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହାବାଦ କଳିଙ୍ଗନଗର ଆଖପାଖରେ ଟିଏସ୍‌ଏଫ୍ ଦ୍ୱାରା ପରିଚାଳିତ ୫୯ଟି କମ୍ପ୍ୟୁଟର ଏଜୁକେସନ୍ ରିସୋର୍ସ ସେଣ୍ଟରରେ ଅଧ୍ୟୟନରତ ପ୍ରାୟ ୧୭୦୦ ପିଲାଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ହୋଇଥିଲା।

## ପୁଣି ଆନ୍ଦୋଳନକୁ ଓହ୍ଲାଇବେ ନୀଳାଚଳ ଠିକା କର୍ମଚାରୀ

କଳିଙ୍ଗନଗର, ୨୯।୭ (ଡି.ଏନ.ଏ.)

ନୀଳାଚଳ ଇସ୍ପାତରେ କାର୍ଯ୍ୟ କରିଥିବା ଠିକା କର୍ମଚାରୀଙ୍କ ଦାବିପୂରଣ ହେଉନାହିଁ। ଏନେଇ ଗତ ୧୪ ତାରିଖରେ ଠିକା କର୍ମଚାରୀଙ୍କ ପକ୍ଷରୁ କଳିଙ୍ଗନଗର ମଜଦୁର ୟୁନିୟନ ଠିକା ଶ୍ରମିକ ସଂଘ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା। ତେବେ ଆନ୍ଦୋଳନକୁ ୧୫ ଦିନ ବିତି ଯାଇଥିଲେ ବି ସମସ୍ୟା ସମାଧାନ ହୋଇ ପାରିନାହିଁ। ତେଣୁ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି କଳିଙ୍ଗନଗର ମଜଦୁର ୟୁନିୟନ ଠିକା ଶ୍ରମିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ନୀଳାଚଳ ଇସ୍ପାତରେ ଠିକା କର୍ମଚାରୀ ୧୫ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଆସୁଥିଲେ। ୨୦୨୦ ମାର୍ଚ୍ଚରେ ନୀଳାଚଳ ଇସ୍ପାତ ବନ୍ଦ ହୋଇଥିଲା। କିନ୍ତୁ ଜୁନ୍ ପର୍ଯ୍ୟନ୍ତ କର୍ମଚାରୀ କାର୍ଯ୍ୟ କରିଥିଲେ। ମାତ୍ର ବିନା ନୋଟିସରେ ଜୁନ ୧୮ରୁ ଠିକା କର୍ମଚାରୀଙ୍କୁ କାରଖାନାରେ ପୁରେଇ ଦିଆଯାଇ ନ ଥିଲା। ୨୦୨୦ ଜୁଲାଇ ୩୦ରେ ସୁକିନ୍ଦା ବିଧାୟକ ତଥା ବର୍ତ୍ତମାନର ପ୍ରୀତିରଞ୍ଜନ ଘଡ଼େଇ ନୀଳାଚଳ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଶ୍ରମିକଙ୍କ ସମସ୍ୟା ସମାଧାନ କରିବାକୁ କହିଥିଲେ। କିନ୍ତୁ କୌଣସି ସମାଧାନ ହୋଇ ନ ଥିଲା।

ଫଳରେ ଫେବୃୟାରୀ ୨୦୨୧ରେ ଠିକା କର୍ମଚାରୀମାନେ ଶ୍ରମିକ ସଂଘ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ସାହୁ ଓ ସମ୍ପାଦକ ବିଭୁତି ଭୂଷଣ ଜେନାଙ୍କ ନେତୃତ୍ୱରେ ନୀଳାଚଳ ଫାଟକ ଆଗରେ ଧାରଣାରେ ବସିଥିଲେ। ମାତ୍ର ନୀଳାଚଳ କର୍ତ୍ତୃପକ୍ଷ କୌଣସି ଆଲୋଚନା ନ କରି ଫାଟକ ସାମ୍ନାରେ ୧୪୪ ଧାରା ଜାରି କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଏକ ବୈଠକରେ ଦାବିଗୁଡିକ ଉପରେ ଆଲୋଚନା କରାଯାଇଥିଲା। ନୀଳାଚଳ କାରଖାନା ହସ୍ତାନ୍ତର ହେଲେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଟାଟା ଲଙ୍ଗସ ପ୍ରଡକ୍ଟ ନୀଳାଚଳକୁ ଅଧିଗ୍ରହଣ କରିବା ପରେ ଠିକା କର୍ମଚାରୀମାନେ ଶ୍ରମିକ ସଂଘ, ନୀଳାଚଳ କର୍ତ୍ତୃପକ୍ଷ ଓ ଟାଟା ଲଙ୍ଗସ ପ୍ରଡକ୍ଟ ଏବଂ ପ୍ରଶାସନକୁ ୧୩।୫।୨୨ରେ ୩ ଦଫା ଦାବିପତ୍ର ଦେଇଥିଲେ। ଦାବି ଗୁଡ଼ିକ ମଧ୍ୟରେ ଅଭିଜ୍ଞତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି, ବକେୟା ପାଉଣା ପ୍ରଦାନ ଓ ସମସ୍ତ ଠିକା ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଅନ୍ତର୍ଭୁକ୍ତ। ୨୭।୬।୨୨ରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଥିଲା। ଏଥିରେ ଶ୍ରମିକଙ୍କ ଦାବି କିପରି ପୂରଣ କରାଯାଇପାରିବ ସେ ନେଇ ଏକ ରିପୋର୍ଟ ୪।୭।୨୨ ସୁଦ୍ଧା ପ୍ରସ୍ତୁତ କରିବାକୁ ଅତିରିକ୍ତ ଜିଲାପାଳ ନୀଳାଚଳ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଟାଟା ଲଙ୍ଗସ ପ୍ରଡକ୍ଟ ୪।୭।୨୨ ଓ ୫।୭।୨୨ରେ ନୀଳାଚଳ କର୍ମଚାରୀଙ୍କୁ ସ୍ୱାଗତ କରିଥିଲେ। ହେଲେ ଠିକା କର୍ମଚାରୀଙ୍କ କଥା ଭୁଲି ଯାଇଥିଲେ। ଫଳରେ ଠିକା କର୍ମଚାରୀ ୧୪।୭।୨୨ରେ କାରଖାନା ମୁଖ୍ୟ ଫାଟକ ଆଗରେ ଶ୍ରମିକ ସଂଘ ନେତୃତ୍ୱରେ ଆନ୍ଦୋଳନ କରିଥିଲେ। ଟାଟା ଲଙ୍ଗସ ପ୍ରଡକ୍ଟର ଏମ୍‌ଡି ସୁଧୀର ମେହେଟ୍ଟା ଠିକା ଶ୍ରମିକ ସଂଘ ସଭାପତି, ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ତେବେ ୫।୮।୨୨ ସୁଦ୍ଧା ଯଦି ସମସ୍ୟା ସମାଧାନ ନ କରାଯାଏ ଠିକା ଶ୍ରମିକ ଯେକୌଣସି ସମୟରେ କାରଖାନା ମୁଖ୍ୟ ଫାଟକ ଆଗରେ ଆନ୍ଦୋଳନ କରିବେ ବୋଲି ସଂଘ କାର୍ଯ୍ୟକାରୀ ସଭାପତି ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଯୁକ୍ତ ୨ ପରୀକ୍ଷା
### ବିଦ୍ୟାଞ୍ଜଳି ବିଜ୍ଞାନରେ ଜିଲା ଟପ୍ପର



ପାରଳାଖେମୁଣ୍ଡି,୨୯।୭(ଡି.ଏନ୍.ଏ.)-ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଗଜପତି ଜିଲା ଗୋଷାଣୀ ବ୍ଲକର ଗୁରାଣ୍ଡି ଗ୍ରାମର କାମିନୀ ବିଦ୍ୟାଞ୍ଜଳି ସର୍ବାଧିକ ୫୫୨ ନମ୍ବର ରଖି ଜିଲାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେ ଗୁରାଣ୍ଡି ଗ୍ରାମର କାମିନୀ ଚନ୍ଦ୍ର ଶେଖର ରାଓଙ୍କ କନ୍ୟା। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ ରଖିଥିବା ବିଦ୍ୟାଞ୍ଜଳି ପ୍ରକାଶ କରିଛନ୍ତ। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦେଇଛନ୍ତି। ଜିଲାରେ ସର୍ବାଧିକ ନମ୍ବର ରଖି ଥିବାରୁ କଲେଜ ଅଧକ୍ଷ ତିରୁପତି ବାଲଜି ପରିଛା ଏବଂ କଲେଜର ସମସ୍ତ ଅଧାପିକା ଅଧାପକ ବିଦ୍ୟାଞ୍ଜଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ୫୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଆର.ଉଦୟଗିରି,୨୯।୭(ଡି.ଏନ.ଏ.):ଗଜପତି ଜିଲା ମୋହନା ରାସ୍ତାରେ ବୁଧବାର ବିଳମ୍ବିତ ରାତିରେ ପୋଲିସ୍ ପାଟ୍ରୋଲିଂ କରୁଥିବା ସମୟରେ ଏକ ମାକ୍ସ ପିକ୍ ଅପ୍ ଗାଡ଼ି (ନଂ ଓଡି-୦୪ ୧୫୩୮ )କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲା। କିନ୍ତୁ ଗାଡ଼ିଟି ପୋଲିସ୍ ଉପରକୁ ମାଡ଼ି ଆସିଥିଲା ଓ ଫେରାର ହେବାକୁ ଚେଷ୍ଟା କରି ଚାଲି ଯାଇଥିଲା। ପୋଲିସ୍ ଗାଡ଼ିର ପିଛା କରି ମୋହନା ନିକଟରେ ଥିବା ନାରଙ୍ଗୀ ଛକରେ ଗାଡ଼ିଟିକୁ କାବୁ କରିଥିଲା। କିନ୍ତୁ ଗାଡ଼ିର ଡ୍ରାଇଭର ଚମ୍ପଟ ମାରିଥିଲା। ପୋଲିସ୍ ଗାଡ଼ିଟିକୁ ଯାଞ୍ଚ୍ କରିବାରୁ ସେଥିରୁ ୪ କ୍ୱିଣ୍ଟାଲ ୨୨ କିଲୋ ଗଞ୍ଜେଇ ବାହାରିଥିଲା। ମୋହନା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ଦର ୫୦ ଲକ୍ଷ ଟଙ୍କା ହେବ ବୋଲି ମୋହନା ଥାନା ପକ୍ଷରୁ ସୂଚନା ମିଳିଛି। ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚିଥିବା ଜଣାପଡ଼ିଛି।

### ଚାଟ୍ ବିକାଳିଙ୍କ ଝିଅ ଖଲ୍ଲିକୋଟ ବ୍ଲକ ଟପ୍ପର



ଖଲ୍ଲିକୋଟ,୨୯।୭(ଡି.ଏନ.ଏ.)-ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଗୁରାପଲ୍ଲି ଛକ ନିକଟରେ ଚାଟ ଦୋକାନ କରିଥିବା ଜି. ମୋହନ ରାଓଙ୍କ ଝିଅ ଜି. ଶ୍ୱେତା +୨ ବିଜ୍ଞାନ ପରୀକ୍ଷାରେ ୫୬୦ ମାର୍କ ରଖି ଖଲ୍ଲିକୋଟ ବ୍ଲକ ଟପ୍ପର ହୋଇଛନ୍ତି। ଆଗକୁ ଡ଼ାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ସଫଳତା ପାଇଁ ବାପା ମୋହନ ରାଓ, ମା' ଜି. ରୋଜା ଏବଂ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ବ୍ରହ୍ମପୁର ଜ୍ଞାନ ବିକାଶରେ ଛାତ୍ରୀ ଥିଲେ। ପୂର୍ବରୁ ହାଇସ୍କୁଲ ପରୀକ୍ଷାରେ ୯୫% ମାର୍କ ରଖି ଖଲ୍ଲିକୋଟ ବ୍ଲକ ଟପ୍ପ ହୋଇଥିଲେ।

# ଦୁଇ ଗାଁ ମଧ୍ୟରେ ବିବାଦ: ଲୋକେ ଜଳବନ୍ଦୀ

ଭାପୁର,୨୯।୭(ଡି.ଏନ.ଏ.)

ଦୁଇ ଗାଁର ପୂର୍ବ ବିବାଦରୁ ହଜାରରୁ ଉର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଏଭଳି ଘଟଣା ଘଟିଛି ଫତେଗଡ ଥାନା ଅନ୍ତର୍ଗତ ଭାପୁର ବ୍ଲକ ଅଧୀନ ଗୋଳାପୋଖରୀ ପଞ୍ଚାୟତର ତରବାଲୋ ଗ୍ରାମରେ। ତରବାଲୋ ଓ ନୀଳକଣ୍ଠପ୍ରସାଦ ଦୁଇ ଗ୍ରାମର ବିବାଦ ଯୋଗୁ ଏସିଆ ମହାଦେଶର ଦ୍ୱିତୀୟ ଉଷ୍ମ ପ୍ରସବଣ ନାମ କରଣକୁ ନେଇ ହାଇକୋର୍ଟରେ ମାମଲା ଚାଲିଛି। ତରବାଲୋ ଗ୍ରାମର ଜନସାଧାରଣ ଉଷ୍ମ ପ୍ରସବଣ ତାଙ୍କର କହୁଥିବା ବେଳେ ନୀଳକଣ୍ଠପ୍ରସାଦ ଗ୍ରାମବାସୀ ତାଙ୍କ ଏରିଆର ବୋଲି ଦାବି କରିଥାନ୍ତି। ଦୁଇ ଗ୍ରାମର ବିବାଦ ଯୋଗୁ ନାଳ ପୋତା ହୋଇଯାଇଛି। ଫଳରେ ପାହାଡ ଓ ଗହୀର ଜମିର ଜଳ ନିଷ୍କାସନ ହୋଇ ନ ପାରି ଜନସାଧାରଣ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଏହାର ସମାଧାନ ପାଇଁ ଦୁଇ ଗ୍ରାମର ବୁଦ୍ଧିଜୀବୀମାନେ

### ସମାଧାନ ପାଇଁ ଗ୍ରାମରେ ପହଞ୍ଚିଲା ପ୍ରଶାସନ

ସମାଧାନ ପାଇଁ ସହମତି ପ୍ରକାଶ କରିଛନ୍ତି। ହେଲେ ପ୍ରଶାସନର ଶିଥିଳତା ଯୋଗୁ ଏହା ସମାଧାନ ହୋଇ ପାରି ନ ଥିଲା। ତରବାଲୋ ଗ୍ରାମ ନିକଟସ୍ଥ ପାହାଡ ପାଣି ଓ ଖୋର୍ଦ୍ଧା ଜିଲା ଜରିପଡା, ଗୋଡିଆଳି, ପାଟବନ୍ଧ ଗ୍ରାମର ଗହୀର ପାଣି ଏହି ଦୁଇ ଗ୍ରାମ ମଝିରେ ଥିବା ହରିଜନ ସାହି ନିକଟରେ ଥିବା ଦଳେଇ ଘାଇ ଦ୍ୱାରା ଗଡଖୋଲ ନାଳ ଦେଇ କାଳିଗିରୀ ଦେଇ ମହାନଦୀକୁ ଯାଇଥାଏ। ୨୦୧୯ ମସିହାରେ ନୀଳକଣ୍ଠପ୍ରସାଦ ଗ୍ରାମର ଖେଳପଡିଆ ଉନ୍ନତୀକରଣ ସମୟରେ ଏହି ଦଳେଇ ଘାଇ ପୋତି ହୋଇଯାଇଥିଲା। ଏଥିପାଇଁ ଠିକ୍‌ରେ ଜଳ ନିଷ୍କାସନ ହୋଇପାରୁନାହିଁ। ୨୦୨୦ ମସିହାରେ ତରବାଲୋ ଓ ନୀଳକଣ୍ଠପ୍ରସାଦର ଗ୍ରାମର ବୁଦ୍ଧିଜୀବୀମାନଙ୍କୁ ନେଇ ସମାଧାନ ପାଇଁ



ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ ଗାଁରେ ପହଞ୍ଚି ସ୍ଥିତ ଅନୁଧ୍ୟାନ କରୁଛନ୍ତି।

ଏକ ଚୁକ୍ତିନାମା ଲେଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ରଶାସନର ଆନ୍ତରିକତାର ଅଭାବରୁ ସମାଧାନ ହୋଇ ପାରି ନ ଥିଲା। ୫ରୁ୬ ଦିନ ହେବ ଲଗାତାର ବର୍ଷା ହେବାରୁ ଗହୀର ଅପରିଷ୍କାର ପାଣି ଗାଁରେ ପ୍ରବେଶ କରି ଜଳବନ୍ଦୀ ଅବସ୍ଥା ସୃଷ୍ଟି କରିଥିଲା। ଉଭୟ ଗ୍ରାମରେ ଥିବା ଡ୍ରେନେଜଗୁଡିକ ଅଳିଆ ଆବର୍ଜନାରେ ପୋତି ହୋଇଯିବା, କିଛି ଜାଗାରେ ଡ୍ରେନେଜ୍ ଜବରଦଖଲ ଯୋଗୁ ଜଳ ସହଜରେ ନିଷ୍କାସନ ହୋଇପାରୁନାହିଁ। ଗ୍ରାମବାସୀ ଭାପୁର ତହସିଲଦାର ତୃପ୍ତି ମହାନ୍ତି ଓ ଗୋଳାପୋଖରୀ ଆରଆଇ ପ୍ରିୟଙ୍କା ଝୁଞ୍ଜାରସିଂଙ୍କୁ ସମସ୍ୟା ଜଣାଇଥିଲେ। ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଜଳବନ୍ଦୀ ଯୋଗୁ ଜନ ଆକ୍ରୋଶ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶୁକ୍ରବାର ପ୍ରଶାସନ ପକ୍ଷରୁ ଭାପୁର ତହସିଲଦାର ମହାନ୍ତି, ଆରଆଇ ସିଂ, ଫତେଗଡ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା, ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଗୋଳାପୋଖରୀ ପଞ୍ଚାୟତ ଯୁବନେତା ଅନିଲ କୁମାର ବୈରୀ ରଞ୍ଜନ, ସମିତିସଭ୍ୟ ହରିହର ଝୁଆଁଳସିଂ, ଅଜିତ ପାଇକରାୟ ପହଞ୍ଚି ଅବସ୍ଥା ଦେଖିଥିଲେ। ସୋମବାର ଭାପୁର ଡାକବଙ୍ଗଳାରେ ଉଭୟ ଗ୍ରାମର ବୁଦ୍ଧିଜୀବୀ ଓ ପାଖ ପଞ୍ଚାୟତର ଭଦ୍ରବ୍ୟକ୍ତିମାନଙ୍କ ସହ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲା।

# ବିଶ୍ୱ ବ୍ୟାଘ୍ର ଦିବସ ପାଳିତ




ବ୍ୟାଘ୍ର ଦିବସ ପାଳନ ଅବସରରେ ବନ କର୍ମଚାରୀ ଓ ଅନ୍ୟମାନେ ଲୋକଙ୍କୁ ସଚେତନ କରୁଛନ୍ତି।

ଗଣିଆ, ୨୯।୭(ଡି.ଏନ.ଏ.)

ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟ ଅନ୍ତର୍ଗତ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ବ୍ୟାଘ୍ର ଦିବସ ପାଳିତ ହୋଇଯାଇଛି। ଦିନକୁ ଦିନ ଲୋପ ପାଇବାକୁ ଯାଉଥିବା ବାଘ ବଂଶ ବୃଦ୍ଧି ପାଇଁ ଲୋକଙ୍କୁ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି ବନାଞ୍ଚଳ ଅଧିକାରୀ ସନ୍ତୋଷ କୁମାର ସାହୁ କହିଛନ୍ତି। ବ୍ୟାଘ୍ର ଦିବସ ପାଳନ ଅବସରରେ ବନ କର୍ମଚାରୀଙ୍କ ସମେତ ଜନସାଧାରଣରେ ସଚେତନତା ଆବଶ୍ୟକ ହୋଇପଡିଛି। ତେବେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ପ୍ଲା କାର୍ଡ ଧରି କେବଳ ସଚେତନତା କରିଥିବା ଦେଖିବାକୁ ମିଳିଥିଲା। ପରେ ବିଭାଗୀୟ କର୍ମଚାରୀମାନେ ଖଣ୍ଡାଧୁଆ ବିଟ ଅଞ୍ଚଳରେ ବନ୍ୟଜନ୍ତୁ ସୁରକ୍ଷା ହେଲେ କିଭଳି ପରିବେଶର ସୁରକ୍ଷା ହୋଇପାରିବ ସେ ନେଇ ଲୋକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳର ଫରେଷ୍ଟର ସଞ୍ଜୟ ରାଉତ, ଲୋକନାଥ ସେଠୀ, ଶ୍ରୀନିବାସ କହଁର ଓ ବନ୍ୟପ୍ରାଣୀ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ହଷ୍ଟେଲରୁ ନିଖୋଜ ୨ ଛାତ୍ର ଉଦ୍ଧାର

ପାରଳାଖେମୁଣ୍ଡି/ଆର.ଉଦୟଗିରି, ୨୯।୭(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ବ୍ଲକ ଲୁଡୁରୁ ସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟର ୨ ନିଖୋଜ ଛାତ୍ରଙ୍କୁ ଶୁକ୍ରବାର ହିଙ୍କିରିଜୁପା ଗ୍ରାମବାସୀ ଉଦ୍ଧାର କରି ପୋଲିସରେ ଜିମା ଦେଇଛନ୍ତି। ଦୁଇ ନିଖୋଜ ନାବାଳକ ବିଦ୍ୟାଳୟର ୧ମ ଶ୍ରେଣୀର ଛାତ୍ର। ଜଣେ ଦୋଘରିଆ ଗାଁର ସମ୍ମିତ ମଲ୍ଲିକ ଓ ଅନ୍ୟ ଜଣେ ଆଶ୍ରୟପୁର ଗାଁର ପବିତ୍ର ଶବର। ଆଜିଭୋର ସକାଳୁ ଦୁଇ ଜଣ ଛାତ୍ର ହଷ୍ଟେଲ ଛାଡି ଚାଲିଯାଇଥିଲେ। ରାସ୍ତା ଚାଲି ନିଜ ଗାଁକୁ ଯାଉଥିବା ବେଳ ଗ୍ରାମବାସୀ ଅଟକ ରଖି ପଚାରଉଚରା କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଦୁଇ ଜଣ ଛାତ୍ରଙ୍କୁ ଉଦ୍ଧାର କରି ତଦନ୍ତ କରିଛନ୍ତି। ଘଟଣା ସ୍ଥଳରେ ବ୍ଲକ ମଙ୍ଗଳ ଅଧିକାରୀ ରଞ୍ଜନ ଜେନା ଘଟଣା ସ୍ଥଳରେ ପହଞ୍ଚି ପଚରାଉଚରା କରିଛନ୍ତି। ଅନ୍ୟପଟେ ପିଲାଙ୍କୁ ଶିକ୍ଷକ ମାଡ଼ ମାରୁଥିବା ଛାତ୍ର ଦୁଇଜଣ ଅଭିଯୋଗ କରିଛନ୍ତି,ସେଥିପାଇଁ ସେମାନେ ଲୁଚି ଘରକୁ ପଳାଉଥିବା କହିଛନ୍ତି। ଏ ନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ସେ ଏହାକୁ ଅସ୍ୱୀକାର କରିଛନ୍ତି ।

### ଯୁକ୍ତ ୨ ବିଜ୍ଞାନ ଫଳ, ଖଣ୍ଡପଡ଼ାର ସିଦ୍ଧାନ୍ତ ପ୍ରଥମ, ଆଶୁତୋଷ ଦ୍ୱିତୀୟ



ସିଦ୍ଧାନ୍ତ ଦାସ ।



ଆଶୁତୋଷ ସିଂହସାମନ୍ତ।

ଖଣ୍ଡପଡା,୨୯।୭(ସ୍ୱ.ପ୍ର.)

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ପ୍ରକାଶିତ ଫଳାଫଳ ଅନୁଯାୟୀ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀସ୍ତରରେ ଛାତ୍ର ସିଦ୍ଧାନ୍ତ ଦାସ ୫୬୨ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ଖଣ୍ଡପଡ଼ା ସହରର ଛାତ୍ର ଆଶୁତୋଷ ସିଂହସାମନ୍ତ ୫୫୩ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟ ଛାତ୍ର ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପଢୁଥିଲେ। କଠିନ ପରିଶ୍ରମ, ଦୃଢ ଆତ୍ମ ବିଶ୍ୱାସ, ଶିକ୍ଷକଙ୍କ ପ୍ରେରଣା ଓ ପିତା ମାତାଙ୍କ ଆର୍ଶିବାଦ ଯୋଗୁ ସଫଳତାର ଶୀର୍ଷରେ ଉଭୟେ ଛାତ୍ର ପହଞ୍ଚି ପାରିଥିବା ନେଇ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି।

### କୋଭିଡ୍ ନିୟମରେ ପାଳନ ହେବ ସ୍ୱାଧୀନତା ଦିବସ



ବୈଠକରେ ଏଡିଏମ୍ ଓ ଅନ୍ୟ ଅଧିକାରୀ

ଛତ୍ରପୁର, ୨୯।୭(ଡି.ଏନ୍.ଏ.)

ଚଳିତ ବର୍ଷର ଜିଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ଛତ୍ରପୁର ସ୍ଥିତ ପୋଲିସ ପ୍ୟାରେଡ ପଡିଆ ଠାରେ କୋଭିଡ୍ ନିୟମ ଅନୁସାରେ ପାଳନ ହେବ। ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ବୈଠକରେ ଜଣାଇଛନ୍ତି। କୋଭିଡ ନିୟମ ଅନୁପାଳନ କରି ପୂର୍ବାହ୍ନ ୮ଟାରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯.୧୫ରେ ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ ପଡିଆ ଠାରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିବେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତ ଆନୁସଙ୍ଗୀକ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଡିଏସପି, ଡିଆଇବି ଅଜୟ କୁମାର ମିଶ୍ର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ରିଜର୍ଭ ଇନିସ୍ପେକ୍ଟର ଅଫ ପୋଲିସ ଅମୂଲ୍ୟ ନାୟକ, ଡିଆଇବି ଇନିସ୍ପେକ୍ଟର ରମେଶ ଚନ୍ଦ୍ର ଦାଶ, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନୃସିଂହ ଚରଣ ମିଶ୍ର, ଛତ୍ରପୁରର ସମସ୍ତ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ବୈଠକ

ଭାପୁର,୨୯।୭(ଡି.ଏନ.ଏ.)

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଭାପୁର ବ୍ଲକ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ ଓ ଆଦାୟ ଉପରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସାହୁ ,ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସିଡିପିଓ ରେଣୁବାଳା ନନ୍ଦ, ଆର୍ଥିକ ଅନ୍ତର୍ଭୁକ୍ତ ପରାମର୍ଶଦାତା ଅଶୋକ କୁମାର ସାହୁ, ଜିଲା ବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳକ ଶଶୀଶେଖର ପଟ୍ଟନାୟକ ଉପସ୍ଥିତ ଥିଲେ। ବୈଠକକୁ ଭାପୁର ବ୍ଲକର ଶହେରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଡକାଯାଇଥିଲା। ହେଲେ ୮୦ରୁ ଉର୍ଦ୍ଧ୍ୱ ଗୋଷ୍ଠୀ ଉପସ୍ଥିତ ଥିଲେ। ଋଣ ନେଇ କିପରି କାର୍ଯ୍ୟ କରିବେ ଓ ଶୁଝିବେ ବୁଝାଇଥିଲେ। ଏହି ବୈଠକରେ ଭାପୁର ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ଅଧିକାରୀ ସୁବ୍ରତ କୁମାର ବାରିକ, ଭାପୁର ଭାରତୀୟ ଷ୍ଟେଟ ବ୍ୟାଙ୍କର ଅଧିକାରୀ ମଳୟ ରଞ୍ଜନ ସେଠୀ, ବନମାଳୀପୁର ବରୋଦା ବ୍ୟାଙ୍କର ଅଧିକାରୀ ଅଭିନବ ଗୁପ୍ତା ଓ ରାଣୀଛେଳି ବରୋଦା ବ୍ୟାଙ୍କର ଅଧିକାରୀ ସୁବାସ ଚନ୍ଦ୍ର ରାୟ ଉପସ୍ଥିତ ଥିଲେ। ଶହେ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀକୁ ୩ କୋଟି ୧୫ ଲକ୍ଷ ୬୦ ହଜାର ଟଙ୍କା ଋଣ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା।




ବୈଠକରେ ଯୋଗ ଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରଶାସନିକ ଅଧିକାରୀମାନେ।

# ବିଭିନ୍ନ ସ୍ଥାନରେ ଫଳ ଚାରାରୋପଣ

ଗଣିଆ,୨୯।୭(ଡି.ଏନ.ଏ.)

ଗଣିଆ ବ୍ଲକ ଛାମୁଣ୍ଡିଆସ୍ଥିତ ବୃକ୍ଷମ୍ ଫାଉଣ୍ଡେଶନ ପକ୍ଷରୁ ଗଣିଆ ଓ ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ଚାରାରୋପଣ କରାଯାଉଛି। ଚଳିତମାସରେ ଏହି ଫାଉଣ୍ଡେଶନର ଯୁବ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସ୍ଥାନରେ ଆମ୍ବ, ଲେମ୍ବୁ, ପିଜୁଳି, କାଜୁ, ପଣସ ଚାରାରୋପଣ କରିବା ସହ ଫଳ ଗଛ ବଣ୍ଟନ କରିଆସୁଛନ୍ତି। ଦଶପଲ୍ଲା ବ୍ଲକ ଘୁଘୁଡିପଡା ଗ୍ରାମରେ ୨୦ ଏକର ଜମିରେ ୪ ଶହ ଫଳଚାରା ଲଗାଇବା ସହ ଏହାର ରକ୍ଷଣାବେକ୍ଷଣ ପାଇଁ ଗ୍ରାମବାସୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସେହିପରି ଗଣିଆ ବ୍ଲକର ରାସଙ୍ଗ ପଞ୍ଚାୟତ ଡଙ୍କାରିସାହି ଗ୍ରାମର ଶନି ମନ୍ଦିରଠାରୁ ଆଡିବନ୍ଧ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଫଳ ଚାରାରୋପଣ କରାଯାଇଛି। ଛାମୁଣ୍ଡିଆ ପଞ୍ଚାୟତ ଗୁପ୍ତେଶ୍ୱର ମହାଦେବ ମନ୍ଦିର ପରିସରରେ ୨୫ଟି ଫଳ ଚାରାରୋପଣ କରାଯାଇଥିବା ବେଳେ ଛାଡମୂଳ ଓ ମହୁକଣ ଗାଁରେ ୩୦ଟି ଲେଖାଏ ପରିବାରକୁ ନିଜ ନିଜ ବାଡିରେ ଲଗାଇବା ପାଇଁ ୬୦ଟି ଉନ୍ନତମାନର ଫଳ ଚାରା ବଣ୍ଟନ କରାଯାଇଛି। ସ୍ୱେଚ୍ଛାସେବୀମାନଙ୍କ ଏଭଳି କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଛନ୍ତି। ତେବେ ପ୍ରତିବର୍ଷ ଜିଲାର ସମସ୍ତ ବ୍ଲକର ବିଭିନ୍ନ ସ୍ଥାନରେ ଫଳ ଚାରା ସମେତ ବିଭିନ୍ନ ପ୍ରକାର ଚାରାରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ଫାଉଣ୍ଡେଶନର ମୁଖ୍ୟ ଉଦିତ୍ ନାରାୟଣ ବେହେରା କହିଛନ୍ତି।



ଲୋକମାନଙ୍କୁ ଫଳ ଚାରା ବଣ୍ଟନ କରାଯାଉଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର

ଭାପୁର,୨୯।୭(ଡି.ଏନ.ଏ.)

ନୟାଗଡ ଜିଲା ଭାପୁର ବ୍ଲକ ୪୮ ନମ୍ବର ରାଜ୍ୟ ରାଜପଥ ଫତେଗଡଠାରୁ ରାକମା ଛକ ମଧ୍ୟରେ ଥିବା ଛାରିଛକଠାରେ ଥିବା ଯାତ୍ରୀ ବିଶ୍ରାମାଗାର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଶାଳଝରିଆ, ଦୁବପଲ୍ଲୀ, ବିଜିପୁର ଓ ରାକମା ରାସ୍ତା ଏହି ଛକ ଚାରିପଟକୁ ରାସ୍ତା ଥିବାରୁ ଏହାକୁ ଚାରିଛକ କୁହାଯାଏ। ଏହି ୪୮ ନମ୍ବର ରାଜପଥରେ ସଦାସର୍ବଦା ଯାତ୍ରୀବାହୀ ବସ୍ ଯାତାୟାତ କରିଥାଏ। ଏହି ଛକରୁ ସୁବିଧାରେ ଯିବା ପାଇଁ ବାଦିଲୋ, ଝଗଡପଡ଼ା, ଦୁବପଲ୍ଲୀ, ଶାଳଝରିଆ ନୂଆସାହି ଗ୍ରାମର ଯାତ୍ରୀମାନେ ନିର୍ଭର କରିଥାନ୍ତି। ଖରା, ବର୍ଷାରୁ ରକ୍ଷା ପାଇଁ ଚାରି ଛକରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହୋଇଥିଲା। ଦୁର୍ଭାଗ୍ୟ ବଶତଃ ୩ ବର୍ଷ ତଳେ ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହାଇୱା ବିଶ୍ରାମାଗାରକୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ଯାତ୍ରୀ ବିଶ୍ରାମଗାର କାନ୍ଥ, ଛାତ ଭାଙ୍ଗି ଯାଇଥିଲା। ବିଶ୍ରାମାଗାରର ଛାତ ବିପଦଜନକ ଭାବେ ଦୀର୍ଘବର୍ଷ ହେଲା ରହିଛି। ବର୍ଷାଦିନରେ ଯାତ୍ରୀମାନେ ଏହି ଭଙ୍ଗା ଘରେ ରହିବାକୁ ଭୟ କରିଛନ୍ତି। ତୁରନ୍ତ ଏହି ଯାତ୍ରୀ ବିଶ୍ରାମଗାର ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ବିଶ୍ରାମଗାରକୁ ଲାଗି ଏକ ନଳକୂପ ମଧ୍ୟ ପୋତି ହୋଇଗଲାଣି। ବହୁ ଦୂରରୁ ଯାତ୍ରୀମାନେ ଆସି ବିଶ୍ରାମ ନ ନେଇ ପାରି ବର୍ଷାରେ ହଇରାଣ ହେଉଛନ୍ତି। ଏହି ଜରାଜୀର୍ଣ୍ଣ ବିଶ୍ରାମାଗାରକୁ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ନଇଁ ରହିଛି। କେତେବେଳେ ଯେ ଅଘଟଣ ନ ଘଟିବ କିଏ କହିବ। ପ୍ରଶାସନ ପକ୍ଷରୁ ଏହାକୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।



ଭଙ୍ଗିଯାଇଥିବା ଯାତ୍ରୀ ବିଶ୍ରାମାଗାର।